୬ ଦ୍ୱିତୀୟ ସ୍ଥାନରେ ସ୍ମୃତି ମାନ୍ଧାନା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୫୪ ● ୨୫ ମାର୍ଚ୍ଚ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-54 ● 25th March 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ପବିତ୍ର ଗୃହକୁ ଅପବ୍ୟବହାର କରାନଯାଉ

# ବାଚସ୍ପତିଙ୍କ ପରେ ଉପମୁଖ୍ୟମନ୍ତ୍ରୀଙ୍କ ଅପିଲକୁ ବି' ଶୁଣିଲେନି ବିରୋଧୀ

ଭୁବନେଶ୍ୱର, ୨୪ ।୩

ନ୍ୟୁଜ୍ ବ୍ୟୁରୋ

ପବିତ୍ର ବିଧାନସଭା ଗୃହରେ ଶୃଙ୍ଖଳାରକ୍ଷା ସହ ଗୃହ ପରିଚାଳନାରେ ସହଯୋଗ କରନ୍ତୁ। ପ୍ରଶ୍ନକାଳ, ଶୂନ୍ୟକାଳ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଓ ଆଲୋଚନାରେ ଭାଗ ନିଅନ୍ତୁ ବୋଲି ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ଦଳ ବିଧାୟକମାନଙ୍କୁ ନିବେଦନ କରିଛନ୍ତି। ବାଚସ୍ପତିଙ୍କ ନିବେଦନ ପରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଅନୁରୂପ ଭାବେ ବିରୋଧୀ ଦଳ ବିଧାୟକମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅପିଲ କରିଛନ୍ତି।



କଟକ ଏସ୍‌ସିବି ମେଡିକାଲ୍‌ରେ ଅଗ୍ନିକାଣ୍ଡଜନିତ ରୋଗୀ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ଅଟଳ ରହିଛନ୍ତି। ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ମିଳିତ ଭାବେ ବୈଠକ ଆରମ୍ଭରୁ ଗୃହର ମଧ୍ୟ ଭାଗକୁ ଆସି ସେମାନଙ୍କ ପ୍ରତିବାଦ ଜାରି ରଖିଛନ୍ତି। ମଙ୍ଗଳବାର କ୍ରମାଗତ ୯ମ ଦିନରେ ପହଞ୍ଚିଛି ବିରୋଧୀଙ୍କ ଏ ପ୍ରକାର ପ୍ରତିବାଦ। ଯାହା ଫଳରେ ଗୃହରେ ପ୍ରଶ୍ନୋତ୍ତର ଓ ଶୂନ୍ୟକାଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇପାରୁ ନାହିଁ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଗୃହରେ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଏକାଠି ହୋଇଥିଲେ। ସେମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଉଚ୍ଚସ୍ୱରରେ ନାରାବାଜି ଜାରି ରଖିବା ସହ ପୋଷ୍ଟର, ବ୍ୟାନର ପ୍ରଦର୍ଶନ ସାଙ୍ଗକୁ ଟେବୁଲ ବାଡେଇବା ଏବଂ ବାଚସ୍ପତିଙ୍କ ପୋଡିୟମ ଉପରକୁ ଧସେଇ ପସିବାକୁ ଉଦ୍ୟମ କରିଥିଲେ। ଏଥିଯୋଗୁ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପ୍ରଶ୍ନୋତ୍ତର କାଳରେ ବିରୋଧୀଙ୍କ ଏ ପ୍ରକାର ହଟ୍ଟଗୋଳ ଯୋଗୁ ମାତ୍ର ୧୬ ମିନିଟ୍ ଚାଲିବା ପରେ ବାଚସ୍ପତି ଗୃହକୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଏହା ପରେ ମଧ୍ୟ ଗୃହରେ ପୂର୍ବ ପରି ପରିସ୍ଥିତି ଲାଗି ରହିଥିଲା।

ବିରୋଧୀଙ୍କ ନାରାବାଜି ହଟ୍ଟଗୋଳ କାରଣରୁ ଗୃହରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗଭୀର କ୍ଷୋଭବ୍ୟକ୍ତ କରିଥିଲେ। ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନଙ୍କୁ ସେ ଅପିଲ କରି କହିଥିଲେ ଯେ, (ପୃଷ୍ଠା ୭ରେ)

# ଦୀର୍ଘ ସମୟ ଧରି ସଙ୍କଟ ଲାଗି ରହିଲେ ଗୁରୁତର ଆର୍ଥିକ ପରିଣାମ ଆଣିପାରେ

ନୂଆଦିଲ୍ଲୀ, ୨୪ ।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ରାଜ୍ୟସଭାରେ କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ବର୍ତ୍ତମାନ ବିଶ୍ୱ ଉର୍ଜା ସଙ୍କଟକୁ ମୁକାବିଲା କରିବା ପାଇଁ ଭାରତ ସମସ୍ତ ସମ୍ଭାବ୍ୟ ସ୍ରୋତରୁ ଅଶୋଧିତ ତେଲ ଓ ଗ୍ୟାସ ସଂଗ୍ରହ କରୁଛି। ସେ ସ୍ପଷ୍ଟ କରିଛନ୍ତି ଯେ ସରକାରଙ୍କର ମୁଖ୍ୟ ଗୁରୁତ୍ୱ ଦେଶରେ ଉର୍ଜା ଯୋଗାଣକୁ ଜାରି ରଖିବା ସହିତ କୂଟନୀତିକ ଉଦ୍ୟମ ମାଧ୍ୟମରେ ଅଞ୍ଚଳରେ ଶାନ୍ତି ପୁନସ୍ଥାପନ କରିବା ଉପରେ ରହିଛି, କାରଣ ଦୀର୍ଘ ସମୟ ଧରି ଚାଲୁଥିବା ଏହି ସଙ୍କଟ ଗୁରୁତର ବିଶ୍ୱ ଓ ଆର୍ଥିକ ପରିଣାମ ଆଣିପାରେ।



ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲୁଥିବା ସଂଘର୍ଷକୁ ତିନି ସପ୍ତାହରୁ ଅଧିକ ସମୟ (ପୃଷ୍ଠା ୭ରେ)

## ଓଡିଶାରେ ଜଳ ପରିଚାଳନାରେ ନୂତନ ଅଧ୍ୟାୟ- ଜଳ ଜୀବନ ମିଶନ ୨.୦ ପାଇଁ ଏମଓୟୁ

# 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ ପାଇଁ ଓଡିଶାରେ ସ୍ପଷ୍ଟ ରୋଡମ୍ୟାପ ପ୍ରସ୍ତୁତ

ଭୁବନେଶ୍ୱର, ୨୪ ।୩

ନ୍ୟୁଜ୍ ବ୍ୟୁରୋ

ଓଡିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ମଙ୍ଗଳବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷର ହୋଇଛି । ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ । ଏହି ଅବସରରେ (ପୃଷ୍ଠା ୭ରେ)



# ଏପ୍ରିଲ ୬ରୁ ଜିଲ୍ଲା କୋର୍ଟ ସକାଳୁଆ

ଭୁବନେଶ୍ୱର, ୨୪ ।୩ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଏପ୍ରିଲ ୬ ତାରିଖରୁ ସମସ୍ତ ଜିଲ୍ଲାସ୍ତରୀୟ କୋର୍ଟ ସକାଳୁଆ ଚାଲିବ। ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଲିବ କୋର୍ଟ କାର୍ଯ୍ୟ। ତେବେ କିଛି କୋର୍ଟ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର ସମେତ କୋରାପୁଟ (ସଦର) ଓ ପୁରୀ (ସଦର) ପାଇଁ ସକାଳୁଆ ନିୟମ ଲାଗୁ ହେବନି।

# ମଧ୍ୟପ୍ରାଚ୍ୟ ବିବାଦର ପ୍ରଭାବ ନେଇ ଉଚ୍ଚସ୍ତରୀୟ ସମୀକ୍ଷା

ଭୁବନେଶ୍ୱର, ୨୪ ।୩

ନ୍ୟୁଜ୍ ବ୍ୟୁରୋ

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ବିବାଦ ଏବଂ ଏହାର ପ୍ରଭାବ ରାଜ୍ୟ ଅର୍ଥନୀତି ଉପରେ କିପରି ପଡୁଛି, ସେ ସମ୍ପର୍କରେ ସ୍ଥିତି ସମୀକ୍ଷା ଓ ନିରୀକ୍ଷଣ ପାଇଁ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଭାରତ, ବିଶେଷକରି ଓଡ଼ିଶା ଉପରେ ଏହି ବିବାଦର ସାମଗ୍ରିକ ଅର୍ଥନୈତିକ ଏବଂ କ୍ଷେତ୍ରଭିତ୍ତିକ ପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ଲକ୍ଷ୍ୟ କରାଗଲା ଯେ, ମଧ୍ୟ ପ୍ରାଚ୍ୟ ଅଞ୍ଚଳ ଭାରତର ବାଣିଜ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଜାରି ରହିଥିବା ସଂଘର୍ଷ ଦୀର୍ଘସ୍ଥାୟୀ ହେଲେ ଅଶୋଧିତ ତୈଳ ଦର ବୃଦ୍ଧି, ଯୋଗାଣ (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୨୯୨ (-୩୮) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୧୦୦ (-୩୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୭୧୯ (-୨୮) |

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୫୦ (+୨୦)

# ଗଣତି ପରେ ୧୯୭୮ର ତାଲିକା ମେଳକ ହେବ: ମନ୍ତ୍ରୀ





ପୁରୀ, ୨୪ ।୩ : ନ୍ୟୁଜ୍ ବ୍ୟୁରୋ

ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ପରେ ୧୯୭୮ ମସିହାର ତାଲିକା ସହ ମେଳକ କରାଯିବ। ମେଳକ ସହ ଏହା ଓଜନ କରାଯିବ। ଅଳଙ୍କାରର ନାମ ଜେମୋଲୋଜିଷ୍ଟ ଚିହ୍ନଟ କରିବେ। ମାତ୍ର ଏହାର ମୂଲ୍ୟାୟନ ହେବ ନାହିଁ।

ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତିମଣତି ନେଇ ଚୂଡ଼ାନ୍ତ ସମୀକ୍ଷା ବୈଠକ ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଶ୍ରୀ ହରିଚନ୍ଦନ କହିଛନ୍ତି, ରତ୍ନ ଅଳଙ୍କାର ଗଣତିମଣତି ପୂର୍ବରୁ ମହାପ୍ରଭୁଙ୍କ ନିକଟରେ ଏହି କାର୍ଯ୍ୟକୁ ସମର୍ପି ଦେଇଛୁ। ସେ ନିଜେ ହିଁ ନିଜର କାର୍ଯ୍ୟ କରାଇବେ। ଏହା ୨୫ ତାରିଖରେ ଆରମ୍ଭ ହେବ। ମଧ୍ୟାହ୍ନ ୧୨ଟା ୯ ମିନିଟ୍‌ରୁ ୧ଟା ୪୫ ମଧ୍ୟରେ ମାହେନ୍ଦ୍ର ବେଳା ରହିଛି। ତେବେ ଗଣତି ମଣତି ପ୍ରକ୍ରିୟା କେବେ ଶେଷ ହେବ, ତାହା କହିହେବ ନାହିଁ। ଅଳଙ୍କାର ଗଣତି ବେଳେ ଯେପରି ଦୈନନ୍ଦିନ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ସମସ୍ୟା ନହୁଏ, ଏହାକୁ ଦୃଷ୍ଟିରେ ରଖି ଏସ୍‌ଓପି ପ୍ରସ୍ତୁତ ହୋଇଛି। ରତ୍ନ ଅଳଙ୍କାର ଚିହ୍ନିବା ପାଇଁ ୨ ଜଣ ଜେମୋଲୋଜିଷ୍ଟ ନିୟୋଜିତ ହେବେ। ସମସ୍ତ ଅଳଙ୍କାରର ନାମ ସିନ୍ଦୁକରେ ସ୍ପଷ୍ଟ ଭାବେ ଲେଖାଯିବ। ଡିଜିଟାଲ୍ ଫଟୋଗ୍ରାଫି ସହ ତାଲିକା କରି ତଥ୍ୟ ରଖାଯିବ ବୋଲି ସେ କହିଛନ୍ତି। ୧୯୭୮ ମସିହାରେ ଗଣତିମଣତି ପାଇଁ ୭୨ ଦିନ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବିଜୁଳି ଦର ଅପରିବର୍ତ୍ତିତ
ବଢ଼ିବନି ଏଇ ସନ
ଉପଭୋକ୍ତା ଯେତେ ସ୍ୱର୍ଗ ଉଦ୍ୟାନରେ
କାଟିବେ କି ସତେ ଦିନ
ଖୁସିରେ ଡିଅଁଇ ଧନ
କେତେ ବଡ ରିହାତି ମିଳିଲା
ସଫଳ ହେଲା ଜୀବନ।

# ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୨୪ ।୩

ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲାର ସାଇ ବେହେରା (ପିତା -ବାବୁ ବେହେରା) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। (ପୃଷ୍ଠା ୭ରେ)

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଶ୍ରମ ବିଭାଗ ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର,୨୪।୩ : ନ୍ୟୁଜ୍‌ବ୍ୟୁରୋ

ମଙ୍ଗଳବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୨୦୨୬-୨୪ ଆର୍ଥିକବର୍ଷ ପାଇଁ ସର୍ବମୋଟ ୨୨୭୧ କୋଟି ୩୩ ଲକ୍ଷ ୪୮ ହଜାର ଟଙ୍କାର ଖର୍ଚ୍ଚ ଦାବି ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ମୋଟ ୩୮୫ କୋଟି ୨ ଲକ୍ଷ ୮୬ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଲୋଚନା ପରେ ଗୃହର ଅନୁମୋଦନ ଲାଭ କରିଛି। ରାଜସ୍ୱମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଖର୍ଚ୍ଚଦାବି ଆଗତ କରିଥିବା ବେଳେ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ତାଙ୍କ ବିଭାଗର ଖର୍ଚ୍ଚଦାବି ଆଗତ (ପୃଷ୍ଠା ୭ରେ)

# ଚନ୍ଦ୍ରରେ ନୂଆ ଗର୍ତ୍ତ ଚିହ୍ନଟ କଲେ ବୈଜ୍ଞାନିକ





ନୂଆଦିଲ୍ଲୀ, ୨୪ ।୩

ଚନ୍ଦ୍ରରେ କୋଟି କୋଟି ବର୍ଷ ଧରି ଗର୍ତ୍ତ ହୋଇଆସୁଛି। କିନ୍ତୁ ବୈଜ୍ଞାନିକମାନେ ବର୍ତ୍ତମାନ ଗୋଟିଏ ଗର୍ତ୍ତ ଚିହ୍ନଟ କରିଛନ୍ତି ଯାହା ନିକଟ ଅତୀତରେ ସୃଷ୍ଟି ହୋଇଛି। ଏହା ଗତ ଶତାବ୍ଦୀ ଭିତରେ ଘଟିଥିବା ସବୁଠାରୁ ବଡ଼ ଘଟଣା। ନାସାର ଲୁନାର ରିକନାଇସାନ୍ସ ଅର୍ବିଟର କ୍ୟାମେରାରୁ ଚିତ୍ରଗୁଡ଼ିକର ନିୟମିତ ଅନୁସନ୍ଧାନରୁ ଏକ ନୂତନ କ୍ରାଟର ମିଳିଲା ଯାହା ପ୍ରାୟ ୨୨୫ ମିଟର ଚଉଡ଼ା ବା ପ୍ରାୟ ଦୁଇଟି ଫୁଟବଲ୍ ପଡ଼ିଆର ଆକାର ସହ ସମାନ। ଅନ୍ୟ ଚନ୍ଦ୍ର ଲ୍ୟାଣ୍ଡମାର୍କ ଉପରେ ଆଧାରିତ ପୂର୍ବାନୁମାନ ଅନୁଯାୟୀ, ଏତେ ବଡ଼ ଗର୍ତ୍ତ ପ୍ରତି ୧୩୯ ବର୍ଷରେ ଥରେ ସୃଷ୍ଟି ହେବା ସମ୍ଭବ। ଅର୍ଥାତ୍ ଏହି ଆବିଷ୍କାର କେବଳ ଭୌଗୋଳିକ କୌତୁହଳର ବିଷୟ ନୁହେଁ ବରଂ ମଣିଷକୁ ଚନ୍ଦ୍ରକୁ ଆଣିବା ପାଇଁ ନାସାର ଯୋଜନା ପାଇଁ ଏକ ଗମ୍ଭୀର ବାର୍ତ୍ତା ମଧ୍ୟ ବହନ କରେ।

ନାସାର ଲୁନାର ରିକନାଇସାନ୍ସ ଅର୍ବିଟର ୨୦୦୯ ମସିହାରୁ ଚନ୍ଦ୍ର ପୃଷ୍ଠର ଫଟୋଗ୍ରାଫ୍ ଉତ୍ତୋଳନ କରୁଛି, ଯାହା ବୈଜ୍ଞାନିକମାନଙ୍କୁ (ପୃଷ୍ଠା ୭ରେ)

Government of India | pfrda | Atal Pension Yojana

ଷାଠିଏ ବର୍ଷ ପରେ ବୃଦ୍ଧାବସ୍ଥାରେ ଆୟ ସୁରକ୍ଷା ଏବଂ ସମ୍ମାନ ସକାଶେ

୮.୮୫ କୋଟି

ଗ୍ରାହକ ଅଟଳ ପେନ୍‌ସନ୍ ଯୋଜନାରେ ଯୋଗଦାନ କରନ୍ତୁ



"ଆମର ସରକାର ସମସ୍ତ ଭାରତୀୟ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ଯାହା ଦ୍ୱାରା ସେମାନେ ସମ୍ମାନ ଏବଂ ଖୁସିର ଜୀବନ ବଞ୍ଚିପାରିବେ।"

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ



ଆଜି ଏପିୱାଇରେ ଯୋଗଦାନ କରନ୍ତୁ ଏବଂ ଦୁଇଟି ଅନ୍ୟାନ୍ୟ ସୁବିଧା ସହିତ ଏକ ନିଶ୍ଚିତ ଆଜୀବନ ପେନ୍‌ସନ୍ ଉପଭୋଗ କରନ୍ତୁ :

1 ପ୍ରତିମାସ ୧୦୦୦/- ଟଙ୍କା କିମ୍ବା ୨୦୦୦/- କିମ୍ବା ୩୦୦୦/- କିମ୍ବା ୪୦୦୦/- କିମ୍ବା ୫୦୦୦/- ଟଙ୍କା ପର୍ଯ୍ୟନ୍ତ ଗ୍ୟାରେଣ୍ଟିଯୁକ୍ତ ଜୀବନବ୍ୟାପୀ ପେନ୍‌ସନ୍

2 ଗ୍ରାହକଙ୍କ ମୃତ୍ୟୁ ପରେ ପତି କିମ୍ବା ପତ୍ନୀ ଆଜୀବନ ସମାନ ପେନ୍‌ସନ୍ ପାଇବେ

3 ପତି/ପତ୍ନୀଙ୍କ ମୃତ୍ୟୁ ପରେ ନାମିତ ବ୍ୟକ୍ତିଙ୍କୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ସଞ୍ଚିତ ପେନ୍‌ସନ୍ ରାଶି ଫେରସ୍ତ ହେବ

ଯଦି ଆପଣଙ୍କର ବୟସ ୧୮ ରୁ ୪୦ ବର୍ଷ ମଧ୍ୟରେ ହୁଏ, ତେବେ ଆପଣ ଅଟଳ ପେନସନ ଯୋଜନାରେ ଯୋଗଦାନ କରିପାରିବେ।

| ଆଜି ହିଁ ଯୋଗଦାନ କରନ୍ତୁ ଦେୟ କମାନ୍ତୁ | ବୟସ | ପେନ୍‌ସନ୍ ସ୍ଲାବ (₹) | ଦେୟ ପରିମାଣ (₹) | ପେନସନ ସ୍ଲାବ (₹) | ଦେୟ ପରିମାଣ (₹) |
|---|---|---|---|---|---|
| | ୧୮ | ୧୦୦୦ | ୪୨ ପ୍ରତି ମାସ | ୫୦୦୦ | ୨୧୦ ପ୍ରତି ମାସ |
| | ୪୦ | ୧୦୦୦ | ୨୯୧ ପ୍ରତି ମାସ | ୫୦୦୦ | ୧୪୫୪ ପ୍ରତି ମାସ |

ଏପିୱାଇରେ ଅଧିକ ଜାଣିବା ପାଇଁ କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ

ଆଜି ଆପଣଙ୍କର ନିକଟସ୍ଥ ପୋଷ୍ଟ ଅଫିସ/ବ୍ୟାଙ୍କ ସହିତ ଯୋଗାଯୋଗ କରନ୍ତୁ କିମ୍ବା ୧୮୦୦ ୧୧୦ ୦୬୯ କୁ କଲ୍ କରନ୍ତୁ କିମ୍ବା www.pfrda.org.in ପରିଦର୍ଶନ କରନ୍ତୁ।

CBC 15113/13/0004/2526





## ମସିହ ମଉଦ ଦିବସ ଉପଲକ୍ଷେ କେରଙ୍ଗରେ ବିଭିନ୍ନ କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମଜ୍‌ଲିସ୍ ଅନସାରୁଲ୍ଲା ତରଫରୁ ମସିହ ମଉଦ୍ ଦିବସ ଉପଲକ୍ଷେ ସକାଳୁ ସ୍ୱତନ୍ତ୍ର ନମାଜ ତହଜୁଦ ପାଠ ସହିତ ସଭାପତି ଓ୍ୱସିମ୍ ଅହମଦ୍‌ଙ୍କ ଅଧ୍ୟକ୍ଷତାରେ ଗ୍ରାମର ନମାଜ୍ ସେଣ୍ଟର୍ ଠାରୁ ବାହାରି କୁମ୍ଭିଲୋ, ବରସାହି, ଠାକୁର ପଡ଼ା ଓ କୁଣ୍ଡିଲୋ ଗ୍ରାମ ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା କରାଯାଇଛି । ଏହି ଶୋଭାଯାତ୍ରାରେ ଭାଇଚାରା ସୃଷ୍ଟି କରିବା ନିମନ୍ତେ ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ, ବିଶ୍ୱ ଯୁଦ୍ଧ ବନ୍ଦ୍ କର, ଶ୍ରୀ ରାମ ଜୀ କି ଜୟ, ଶ୍ରୀ କୃଷ୍ଣ ଜୀ କି ଜୟ, ଧୂମ୍ରପାନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ, ହିନ୍ଦୁ ମୁସ୍‌ଲିମ୍ ଭାଇ ଭାଇ, ସାରେ ଯାହାଁ ସେ ଅଚ୍ଛା, ହିନ୍ଦୁସ୍ତା ହାମାରା ପରି ଫ୍ଲାଗ୍ କାର୍ଡ ଧରି ସାଇକେଲ ଶୋଭା ଯାତ୍ରା କରିଥିଲେ ଏବଂ ଏହା ପରେ ଗ୍ରାମରେ ଥିବା ଆଦିବାସୀ, ହରିଜନ ସାହି ଓ ବିଦ୍ୟାସିଂହ ପ୍ରସାଦରେ ଥିବା ହିନ୍ଦୁ ଭାଇ ଓ ଭଉଣୀମାନଙ୍କ ଯେଉଁମାନେ ରୋଗ ଶଯ୍ୟାରେ ଅଛନ୍ତି ତାଙ୍କୁ ଭେଟି ଫଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀମାନେ ଖୁବ୍ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ଓ୍ୱସିମ୍ ଅହମଦଙ୍କ ସହ ସେକ୍ ହଜିମୁଦ୍ଦିନ, ଲିୟାକତ୍ ଖାଁ, ଶୋଏବ ଅହମଦ, ମୌଲବୀ ହାଲିମ୍ ଅହମଦ, ଆଜାଦ୍ ଖାଁ, ଅଲିଉଦ୍ଦିନ, ସଗିରୁଦ୍ଦିନ ଖାଁ, ସେକ୍ ଅବଦୁଲ ଲତିଫ, ଫଜଲେ କରିମ ଏବଂ ଇସ୍ମାଇଲ୍ ଖାଁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ । ସେଇଭଳି ମସିହ ମଉଦ ଦିବସ ଉପଲକ୍ଷେ ରାତିରେ ଇଦ୍‌ଗାହ ମଇଦାନରେ ଏକ ବଡ ଧର୍ମସଭା ସମ୍ମିଳନୀ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି ।

# ୧୫୦୦ ବୋତଲ କଫ୍ ସିରପ୍ ଜବତ:୩ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଞ୍ଚଳରେ ସକାଳ ପ୍ରାୟ ୬:୪୩ ସମୟରେ, ବିକ୍ରୟ ଉଦ୍ଦେଶ୍ୟରେ ଆଲୋକ ବସ୍ ଦ୍ୱାରା ଅବୈଧ କଫ୍ ସିରପ୍ ପରିବହନ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ, ଆଇଆଇସି ରାମପୁର ଥାନା ଇନ୍ସପେକ୍ଟର ଡୋଳମଣି ନାଏକ ଥାନା କର୍ମଚାରୀଙ୍କ ସହିତ ରାମପୁର ମହିଳା କଲେଜ ନିକଟରେ ଗାଡିଟିକୁ ଅଟକାଇବା ପାଇଁ ନାକା ଯାଞ୍ଚ କରିଥିଲେ । କିଛି ସମୟ ପରେ, ସନ୍ଦିଗ୍ଧ ଆଲୋକ ବସ୍‌ଟି ତାଙ୍କ ପାଖକୁ ଆସିଲା । ସେହି ବସ୍‌କୁ ଅଟକାଇ ପଚରା ଉଚରା ସମୟରେ, କଣ୍ଡକ୍ଟର ତାଙ୍କ ପରିଚୟ ରବିନ୍ଦ୍ର କୁମାର ବେହେରା (୪୦), ବିନୋଦପଡ଼ା ଗ୍ରାମ, ଥାନା ରଣପୁର, ଜିଲ୍ଲା ନୟାଗଡ ଭାବରେ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ସିଟ୍ ନମ୍ବର ୧୩, ୧୪ ଏବଂ ୧୫ରେ ବସିଥିବା ତିନି ଜଣ ବ୍ୟକ୍ତି ବସ୍‌ରେ କିଛି ଗନି ବ୍ୟାଗ ଲୋଡ୍ କରିଥିଲେ ଏବଂ ସେଗୁଡ଼ିକୁ ଔଷଧ ବୋଲି ବର୍ଣ୍ଣନା କରିଥିଲେ । ପଚରା ଉଚରା ସମୟରେ, ସେମାନେ ସ୍ୱୀକାର କରିଥିଲେ ଯେ ସେମାନେ ବହୁ ପରିମାଣର କଫ୍ ସିରପ୍ ବୋତଲ, ଯାହାକୁ ବସ୍‌ର ଉପର ଡେକ୍‌ରେ ରଖାଯାଇଥିଲା । ସେମାନେ ଆହୁରି ପ୍ରକାଶ କରିଛନ୍ତି ଯେ ଏହା ଭୁବନେଶ୍ୱରରୁ କିଣାଯାଇଥିଲା ଏବଂ ଆର୍ଥିକ ଲାଭ ପାଇଁ ଅଧିକ ମୂଲ୍ୟରେ ବିକ୍ରୟ କରିବା ପାଇଁ ଡୁଙ୍ଗୁରିପାଲିକୁ ଅଣାଯାଉଥିଲା । ଏହାପରେ ବସ୍ କର୍ମଚାରୀ, ସାକ୍ଷୀ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ, ରାମପୁରର ମହିଳା କଲେଜ ନିକଟ ଆଲୋକ ବସ୍‌ରୁ ସନ୍ଦିଗ୍ଧ ସାମଗ୍ରୀ, ଅର୍ଥାତ୍ ୫ (ପାଞ୍ଚ) ଗନି ବ୍ୟାଗ୍ ଅନ୍‌ଲୋଡ୍ କରାଯାଇଥିଲା । NDPS ଆଇନ୍ ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି, ତଲାସି କରାଯାଇଥିଲା ଏବଂ ନିଷିଦ୍ଧ ସାମଗ୍ରୀ ଜବତ କରାଯାଇଥିଲା । ଯାଞ୍ଚ ପରେ, ୫ ଗନି ବ୍ୟାଗ୍‌ରେ ଏକ ପଦ୍ଧତିରେ କାଶ ସିରପ୍ ଥିବା ଜଣାପଡ଼ିଥିଲା । ପ୍ରତ୍ୟେକ ଗନି ବ୍ୟାଗ୍‌ରେ ୨ ପ୍ୟାକେଟ୍, ପ୍ରତ୍ୟେକ ପ୍ୟାକେଟ୍‌ରେ ୬ ଟି ଛୋଟ ପ୍ୟାକେଟ୍ ଏବଂ ପ୍ରତ୍ୟେକ ଛୋଟ ପ୍ୟାକେଟ୍‌ରେ ୧୦୦ ମିଲିର ୨୫ ବୋତଲ ଥିଲା । ମୋଟ୍ ୧୫୦୦ କଫ୍ ସିରପ୍ ବୋତଲ ଜବତ କରାଯାଇଥିଲା । ଜବତ କଫ୍ ସିରପ୍‌ର ଆନୁମାନିକ ସରକାରୀ ମୂଲ୍ୟ ୨,୯୭,୪୦୦/- ଟଙ୍କା (ଦୁଇ ଲକ୍ଷ ସତାନବେ ହଜାର ଚାରି ଶହ ଟଙ୍କା ମାତ୍ର) । ଏହି ସମ୍ପର୍କରେ, ରାମପୁର ଥାନା କେସ୍ ନଂ.୮୪ Dt.୨୨.୦୩.୨୦୨୬ U/s-21(b)/୨୯ NDPS Act. ଅନୁଯାୟୀ ପଞ୍ଜିକୃତ ହୋଇଛି । ଅଭିଯୁକ୍ତ ବ୍ୟକ୍ତି ଏବଂ ନିଷିଦ୍ଧ କଫ୍ ସିରପ୍‌ର ଉତ୍ସ ସମ୍ପର୍କରେ ଅଧିକ ବିବରଣୀ ଜାଣିବା ପାଇଁ ରାମପୁର ପୋଲିସ ଷ୍ଟେସନ୍‌ର ଏସ୍‌ଆଇ, ପ୍ରକାଶ ନନ୍ଦ ମାମଲାର ଅଧିକ ତଦନ୍ତ କରୁଛନ୍ତି । ତିନି ଜଣ ଅଭିଯୁକ୍ତଙ୍କୁ ଉମେଶ ସାହୁ (୨୪), ଅମିବିଦ ନାଏକ (୨୩), ଆଶିଷ ବର୍ଗେ (୨୩) କୋର୍ଟକୁ ଚାଲାଣ କରାଯାଇଛି ।

# ବିରଜା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଆଇନ, ଅବକାରୀ ଓ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯାଜପୁର ଗସ୍ତରେ ଆସି ବିରଜା ପ୍ରକଳ୍ପ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି । ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କ ସହ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର ମଧ୍ୟ ଯୋଗ ଦେଇଥିଲେ । ସର୍କିଟ୍ ହାଉସ୍‌ରେ ପହଞ୍ଚିବା ପରେ ମନ୍ତ୍ରୀ ଏବଂ ବିଧାୟକଗଣ ସର୍କିଟ୍ ହାଉସ୍‌ର ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ହରିଚନ୍ଦନ ବିରଜା ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଥିଲେ । ବିରଜା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ ଆଗେଇ ଚାଲିଛି । ପ୍ରାୟ ୧୧୪ କୋଟି ଟଙ୍କାର ଏହି ପ୍ରକଳ୍ପରେ ମନ୍ଦିର ଭିତର କାମ, ବାହାର ପାର୍ଶ୍ୱରେ ପାର୍କିଂ, ଧର୍ମଶାଳା, ବ୍ରହ୍ମକୁଣ୍ଡର ଉନ୍ନତିକରଣ, ରଥ ଗୋଦାମ ଇତ୍ୟାଦି କାମ ରହିଛି । ଆସନ୍ତା ଆର୍ଥିକ ବର୍ଷରେ ବ୍ୟାଖ୍ୟାନ କେନ୍ଦ୍ର ଏବଂ ପାରିପାର୍ଶ୍ୱିକ ଉନ୍ନତିକରଣ କାମ ଆରମ୍ଭ ହେବ । ବିରଜା ଧର୍ମଶାଳା ନିର୍ମାଣ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ନେଇ ମଧ୍ୟ କାମ ଆରମ୍ଭ ହୋଇଛି । ବୈଠକରେ ପ୍ରକଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ନେଇ ମନ୍ତ୍ରୀ ଏବଂ ବିଧାୟକ ଗଣ ଜିଲ୍ଲାପାଳ ଶ୍ରୀ କର, ଅଧିଷଣ ଯନ୍ତ୍ରୀ କମଳ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ସମାଜସେବୀ ଗୌତମ ରାୟ, ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶହୀଦ ଭଗତ ସିଂ ଯୁବକ ସଂଘର ରକ୍ତଦାନ ଶିବିର



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ମହାନ୍ କ୍ରାନ୍ତିକାରୀ ସାଲିସ୍ ବିହୀନ ସଂଗ୍ରାମୀ ଯୋଦ୍ଧା ବୀରଶହୀଦ ଭଗତ ସିଂ, ରାଜଗୁରୁ, ସୁଖଦେବଙ୍କ ୯୫ତମ ଫାଶୀ ଦିବସ ପାଳନ ଅବସରରେ ମାର୍ଚ୍ଚ ୨୩ ତାରିଖରେ ସ୍ଥାନୀୟ ଗୁଗୁଲ୍ ମଣ୍ଡପ ଠାରେ ଯାଜପୁର ଜିଲ୍ଲା ବ୍ୟାସନଗର ଅଞ୍ଚଳର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ସହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସଂଘର ସ୍ଥାୟୀ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ବରିଷ୍ଠ ସାମ୍ବାଦିକ ସୁଭାଷ ଚନ୍ଦ୍ର ଧଳ ଉଦ୍‌ଘାଟନ କରିଥିବାବେଳେ ଅତିଥି ଭାବେ ପୂର୍ବତନ ଅଧକ୍ଷା ସବିତା ରାଉତ, ସୌମ୍ୟରଞ୍ଜନ ଧଳ, ବ୍ୟାଙ୍କ କର୍ମୀ ବାଇଧର ମାଝୀ, ରମ୍ୟରଞ୍ଜନ ପୁହାଣ, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ସମାଜସେବୀ ନରେଶ ମସ୍କରା, ବିଜେପି ନେତା ପ୍ରସନ୍ନ ସାମଲ, ବରିଷ୍ଠ ସାମ୍ବାଦିକ ତଥା ବାସ୍ତୁବିତ ଡ. ଚିନ୍ତାମଣି ପାଢ଼ୀ, ସମାଜସେବୀ ଚନ୍ଦ୍ରମଣି ସାମଲ, ନାରାୟଣ ଚନ୍ଦ୍ର ନାୟକ, ଅଶୋକ ଦାସ ଆଦି ଅନେକ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ୨୬ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ରକ୍ତ ସଂଗ୍ରହ କାର୍ଯ୍ୟକୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲଡ ବ୍ୟାଙ୍କ କର୍ମଚାରୀମାନେ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

## ଝାଟିମାଟି କୁଡ଼ିଆରେ ଅସହାୟ ବିଧବା:ସରକାରୀ ଆବାସ ସାତ ସପନ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ସରକାର ଗରିବ, ଭୂମିହୀନ ଓ ନିରାଶ୍ରୟଙ୍କ ପାଇଁ ଶହ ଶହ କୋଟି ଟଙ୍କାର ଆବାସ ଯୋଜନା କରୁଥିବାବେଳେ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଶୋହଡ଼ା ପଞ୍ଚାୟତରୁ ଆସିଛି ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ । ପଞ୍ଚାୟତ କାର୍ଯ୍ୟାଳୟର ଠିକ୍ ପଛ ପଟେ ଏକ ଅନାବାଦୀ ଜାଗାରେ ଦୀର୍ଘ ୫୯ ବର୍ଷ ହେବ ଏକ ନୁଆଁଣିଆ ଝାଟିମାଟି ଘରେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ଜେନା ସାହିର ବୃଦ୍ଧା ବିଧବା ହୁନି ଜେନା । ହୁନିଙ୍କ ଜୀବନ କାହାଣୀ ଯେତିକି କଷ୍ଟ ଦାୟକ, ସେତିକି ସଂଘର୍ଷମୟ । ମାତ୍ର ୧୫ ବର୍ଷ ବୟସରେ ଭଣ୍ଡାରିପୋଖରୀ ଅଞ୍ଚଳରେ ତାଙ୍କର ବିବାହ ହୋଇଥିଲା । କିନ୍ତୁ ନିୟତିର କ୍ରୂର ପରିହାସ, ବିବାହର ମାତ୍ର ୬ ମାସ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା । ଶାଶୁଘର ଲୋକେ ଘରୁ ବାହାର କରିଦେବା ପରେ ବାପଘରକୁ ଆଶ୍ରୟ ପାଇଁ ଆସିଥିଲେ ମଧ୍ୟ ସେଠାରେ ବି ସମାନ ପରିସ୍ଥିତି ଉପୁଜିଥିଲା । ଶେଷରେ କୁଳକୁଟୁମ୍ବ ଓ ଗ୍ରାମବାସୀଙ୍କ ସହାୟତାରେ ଏହି ଅନାବାଦୀ ଜାଗାରେ ଏକ ଚାଳିଆ କରି ସେ ରହି ଆସୁଛନ୍ତି । ସରକାରଙ୍କଠୁ ମିଳୁଥିବା ୧ ହଜାର ଟଙ୍କା ଭତ୍ତା ଓ ୫ କିଲୋ ଚାଉଳରେ କଷ୍ଟେମଷ୍ଟେ ପେଟ ପୋଷୁଛି । ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ପାଇଁ ବହୁତ ଆଶା, ହେଲେ ନିଜର ଜାଗାବାଡ଼ି ନାହିଁ ବୋଲି ସରକାର ଘର ଦେଉନାହାନ୍ତି, ଆଖିରେ ଲୁହ ଭରି କୋହଭରା କଣ୍ଠରେ ଏହା କହିଛନ୍ତି ହୁନି ଜେନା । ଆଶ୍ଚର୍ଯ୍ୟର କଥା, ଯେଉଁ ପଞ୍ଚାୟତ ଅଫିସରୁ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ ହୁଏ, ସେହି ଅଫିସ୍ ପଛପଟେ ଜଣେ ଅସହାୟା ବୃଦ୍ଧା ଏତେ ବର୍ଷ ଧରି କିଭଳି ପ୍ରଶାସନ ନଜରରୁ ଦୂରେଇ ରହିଲେ ଯଦି ସରକାରଙ୍କ ଭୂମିହୀନ ଯୋଜନାରେ ତାଙ୍କୁ ଡିହ ଖଣ୍ଡେ ମିଳିପାରନ୍ତା, ତେବେ ହୁଏତ ସେ ଆବାସ ଯୋଜନାରେ ଘରଟିଏ ପାଇପାରନ୍ତେ । ଏ ସମ୍ପର୍କରେ ଧାମନଗର ବିଡିଓ ବନ ବିହାରି ଦିନ୍ଦାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, 'ବର୍ତ୍ତମାନ ସୁଦ୍ଧା ଏପରି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମୋ ପାଖକୁ ଆସିନାହିଁ । ତଥାପି ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କାର୍ଯ୍ୟ ଚାଲିଛି, ତେଣୁ ସେଥିରେ ତାଙ୍କୁ ସାମିଲ୍ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରାଯିବ ।' ଏବେ ଦେଖିବାକୁ ବାକି ରହିଲା, ଏହି ଅସହାୟା ବୃଦ୍ଧାଙ୍କ ଜୀବନର ସାୟାହ୍ନରେ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ମିଳୁଛି ନା ନାହିଁ ।

## ସିଲେକ୍ଟେଡ଼ ପୋଏମ୍ସ ଅଫ୍ ବିରଜା ରାଉତରାୟ ପଠାକାର୍ପିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଦୁହୁରିଆ ସ୍ଥିତ ହୋଟେଲ୍ ବିଏସ୍ ଗାର୍ଡେନ୍ ଠାରେ ଅନୁଷ୍ଠିତ ହୋଇଥିବା ଷଷ୍ଠ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବର ୨ୟ ଦିବସ ୩ୟ ସତ୍ରର 'ଲୋକାଲ୍ ଫର୍ ଭୋକାଲ୍ ଓ ଅନୁବାଦର ଭୂମିକା' ଶୀର୍ଷକ ଅଧିବେଶନରେ ଇଂରାଜୀ ସାହିତ୍ୟରେ ସହକାରୀ ପ୍ରଫେସର ଓ ସମାଲୋଚକ ଡ଼ଃ ବିନାୟକ ପ୍ରସାଦ ପ୍ରଧାନ ଓ ଡ଼ଃ ଲହରୀ ବେହେରାଙ୍କ ଦ୍ୱାରା ଅନୁଦିତ ପୁସ୍ତକ 'ସିଲେକ୍ଟେଡ଼ ପୋଏମ୍ସ ଅଫ୍ ବିରଜା ରାଉତରାୟ' ପଠାକାର୍ପିତ ହୋଇଯାଇଛି । ଦୀର୍ଘ ପ୍ରାୟ ୩ ଦଶନ୍ଧି ଧରି ଓଡ଼ିଆ ସାହିତ୍ୟର ଉଭୟ କଥା ଓ କବିତା କ୍ଷେତ୍ରରେ ସ୍ୱପରିଚୟ ସୃଷ୍ଟି କରିଥିବା ବିରଜାଙ୍କ ପ୍ରକାଶିତ ୬ ଗୋଟି କବିତା ସଂକଳନ ମଧ୍ୟରୁ ୪୪ ଗୋଟି ନିର୍ବାଚିତ କବିତାର ଇଂରାଜୀ ଅନୁବାଦ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ଆମେରିକାର ଓହିଓ ସ୍ଥିତ ପ୍ରଖ୍ୟାତ ପ୍ରକାଶନୀ ସଂସ୍ଥା ବ୍ଲାକ୍ ଇଗଲ ପକ୍ଷରୁ ଏହି ପୁସ୍ତକଟିର ପ୍ରକାଶନୀ କରାଯାଇଛି । ସାହିତ୍ୟ ଉତ୍ସବର ମଞ୍ଚରେ ପ୍ରଖ୍ୟାତ କଥାଶିଳ୍ପୀ ଓ ପ୍ରାକ୍ତନ ଇଂରାଜୀ ପ୍ରଫେସର ଡ଼ଃ ରାମଚନ୍ଦ୍ର ବେହେରା, ବିଶିଷ୍ଟ ଅନୁବାଦକ ଓ କବି ଡ଼ଃ କମଳା ପ୍ରସାଦ ମହାପାତ୍ର, ଡ଼ଃ ଯଚିନ୍ଦ୍ର କୁମାର ରାଉତ ଏବଂ ଯୁବ ସମାଲୋଚକ ତଥା ସହକାରୀ ଇଂରାଜୀ ପ୍ରଫେସର ଡ଼ଃ ବିନାୟକ ପ୍ରସାଦ ପ୍ରଧାନ ଓ ଡ଼ଃ ପ୍ରଭାମୟୀ ସାମନ୍ତରାୟଙ୍କ ଦ୍ୱାରା ଏହି ଅନୁଦିତ ପୁସ୍ତକଟି ପାଠକାର୍ପିତ ହୋଇଥିଲା । ମଞ୍ଚରେ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଆୟୋଜକ କେମ୍‌ର ସଭାପତି ଇଂ ଅକ୍ଷୟ ପାଣି ଓ ବଂଶୀଧର ମହାନ୍ତି, ସ୍ୱପ୍ନାଂଶୁ ଦାସ ଏବଂ କେଡିଏଫର ଆବାହକ ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଖୁବଶୀଘ୍ର ଉକ୍ତ ପୁସ୍ତକଟି ଆମାଜନ୍‌ରେ ଉପଲବ୍ଧ ହେବ ବୋଲି ପ୍ରକାଶନ ସଂସ୍ଥା ବ୍ଲାକ୍ ଇଗଲ୍ ବୁକ୍ସର ଭାରତୀୟ ମୁଖ୍ୟ ଅଶୋକ କୁମାର ପରିଡା ସୂଚନା ପ୍ରଦାନ କରିଛନ୍ତି ।

## ଓଡ଼ିଶୀ ସଙ୍ଗୀତ ପରିବେଷଣରେ ଗଡ଼ମେକର୍‌ର କୃତିତ୍ୱ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍), ନସିପୁର, ବଡମୂଳବସନ୍ତ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ାର ସ୍ୱନାମଧନ୍ୟ ଶିଳ୍ପୀବୃନ୍ଦ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ୍ ଆନୁକୁଲ୍ୟରେ ଅନୁଷ୍ଠିତ ଓଡ଼ିଶୀ ସଙ୍ଗୀତ ସମାରୋହରେ ଶାସ୍ତ୍ରୀୟ ଓଡ଼ିଶୀ ରାଗ ପରିବେଷଣ କରି ସମ୍ଭ୍ରାନ୍ତ କଳାପ୍ରେମୀ ଦର୍ଶକଙ୍କ ପ୍ରଶଂସା ଭାଜନ ହୋଇପାରିଛନ୍ତି । ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ବଳିଷ୍ଠ ନିର୍ଦ୍ଦେଶନା ଓ ସଂଯୋଜନରେ ରୂପ ନେଇଛି ଏହି ଉଲ୍ଲେଖନୀୟ ସୁନ୍ଦର ସୁମଧୁର ଗଡମେକର୍ କଳାକୀର୍ତ୍ତି । ମାର୍ଚ୍ଚ ୨୧ ତାରିଖ ପୂର୍ବାହ୍ନରେ ଗଡମେକର୍ ଶିଳ୍ପୀଙ୍କ ଶାସ୍ତ୍ରୀୟ ଓଡ଼ିଶୀ ବୃନ୍ଦଗାନ ରାଗ ଆଶାବରୀ ସଙ୍ଗୀତ ଘନଶ୍ୟାମକୁ କହଗୋ ଏବଂ ସନ୍ଧ୍ୟାରେ ଗୁରୁ ସୁଶାନ୍ତ କୁମାର ପାଣିଙ୍କ କଲ୍ୟାଣ ରାଗ ଆଧାରିତ ସଙ୍ଗୀତ ବସି କାନ୍ଦୁଥିବ ମାନିନୀ ପରିବେଷଣ ଥିଲା ଉଚ୍ଚକୋଟୀର । ଆଧ୍ୟାତ୍ମିକ, ସୃଜନାତ୍ମକ ତଥା ଚିତ୍ତାକର୍ଷକ । ଭୁବନେଶ୍ୱର ଦୂରଦର୍ଶନ ଓ ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗଡମେକର୍ କଣ୍ଠଶିଳ୍ପୀ ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ସହିତ ସୁଶ୍ରୀ ସୁପ୍ରିୟା ଦାଶ, ସାଇ ସମୀକ୍ଷା ସାହୁ, ସୋନାଲି ଓଝା, ତାନି ତମନ୍ନା ପ୍ରଧାନ, ସୁଶ୍ରୀ ସମନ୍ୱିତା ଦାଶ ପ୍ରମୁଖଙ୍କ ଉଚ୍ଚାଙ୍ଗ କଳାପାଟବତା ପ୍ରଦର୍ଶନ ଥିଲା ବାସ୍ତବିକ ଉଲ୍ଲେଖନୀୟ । ବାଦ୍ୟଯନ୍ତ୍ର ସଂଯୋଜନାରେ ସ୍ୱନାମଧନ୍ୟ ଶିଳ୍ପୀ ସୁରମଣି ପଣ୍ଡିତ ରମେଶ ଚନ୍ଦ୍ର ଦାସ, ସୌମ୍ୟରଞ୍ଜନ ଗାହାଣ, ସୌମ୍ୟକାନ୍ତ ମଲ୍ଲିକ, ସୁଦର୍ଶନ ସାହୁ ପ୍ରମୁଖଙ୍କ ବାଦ୍ୟବର୍ଣ୍ଣାଳି ଥିଲା ହୃଦୟସ୍ପର୍ଶୀ ।

## ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ନୂତନ କାର୍ଯ୍ୟାଳୟ ସୋନପୁର ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓ ଦୌରାଜଜ୍ ଧନୁର୍ଦ୍ଧର ସେନାପତି ଯୋଗଦେଇ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଉପ ନିର୍ଦ୍ଦେଶକ (ଅଭିଯୋଜନ) ବେଣୁଲାଲ ପ୍ରଧାନ, ଅବକାରୀ ଅଧୀକ୍ଷକ ପ୍ରବୀର ସାମଲ, ପବ୍ଲିକ ପ୍ରସିକ୍ୟୁଟର ମଧୁମିତା ଅମାତ୍ୟ ପ୍ରମୁଖ ଯୋଗଦେଇଥିଲେ । କୌଣସି ବି ମାମଲାର ତଦନ୍ତ ପ୍ରକ୍ରିୟା, ଚାର୍ଜସିଟ୍ ପ୍ରକ୍ରିୟା ସହ ଅନ୍ୟାନ୍ୟ ଆଇନ୍‌ଗତ ପ୍ରକ୍ରିୟାକୁ ତ୍ୱରିତ କରିବା ଏବଂ ବିଚାର ପ୍ରକ୍ରିୟାରେ ତ୍ୱରିତ ନ୍ୟାୟ ଦିଗରେ ଏହି ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ବହୁ ମାତ୍ରାରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଉପନିର୍ଦ୍ଦେଶକ ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ଜିଲ୍ଲାପାଳ ତଥା ପ୍ରଶାସନର ଅଧିକାରୀମାନଙ୍କ ନିରନ୍ତର ସହଯୋଗ ଓ ସମର୍ଥନ ଯୋଗୁଁ ଆମେ ଏହି ନିର୍ଦ୍ଦେଶାଳୟର ଉଦ୍‌ଘାଟନ କରିପାରିଛୁ ନଚେତ୍ ଏହା ବର୍ଷ ଶେଷ ପର୍ଯ୍ୟନ୍ତ ଘୁଞ୍ଚି ଯାଇଥାନ୍ତା । ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥି ଓ ଅଧିକାରୀମାନଙ୍କୁ ଧନ୍ୟବାଦ । ଏହା ସୁବର୍ଣ୍ଣପୁର ଜିଲ୍ଲାର ଦ୍ରୁତ, ନିରପେକ୍ଷ ଅଭିଯୋଜନ ଓ ନ୍ୟାୟ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ । ଜିଲ୍ଲାପାଳ ଡ. ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ "ମହାମାରୀ ପୂର୍ବରୁ ହିଁ ନ୍ୟାୟପାଳିକାରେ ଅନ୍‌ଲାଇନ୍ ବ୍ୟବସ୍ଥା ଓ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କୋର୍ଟ କାର୍ଯ୍ୟ ଜାରି ରଖିବା ଆରମ୍ଭ ହୋଇଥିଲା । ଏହାର ସୁବିଧା ଦେଖି ଏହି ଧାରା ଆଜି ବି ଚାଲିଛି; ପ୍ରଯୁକ୍ତି ଏବେ କୋର୍ଟର ବିଚାର-ବିମର୍ଶରେ ଏକ ମୁଖ୍ୟ ଭୂମିକା ନେଉଛି । ସେ କିଛି ଜୀବନ୍ତ ଉଦାହରଣ ଦେଇ କହିଥିଲେ ଯେ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଥିଲେ ତାଙ୍କ କାର୍ଯ୍ୟକାଳରେ ସରକାରୀ ଅର୍ଥରେ ୩୬ ଜଣ ଏସ୍‌ଟି ଆଇନ୍ ସ୍ନାତକଙ୍କୁ ସୁପ୍ରିମ୍ କୋର୍ଟରେ ଇଣ୍ଟର୍ଣ୍ଣ ଭାବେ କାମ କରିବାକୁ ସୁଯୋଗ ଦିଆଗଲା ଯାହା ପୂର୍ବରୁ ନଥିଲା । ତାଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା ଯେ ନ୍ୟାୟ ପ୍ରକ୍ରିୟାରେ ଜାତି, ସମ୍ପ୍ରଦାୟ ବା ବର୍ଣ୍ଣ ଆଧାରରେ କୌଣସି ଭେଦଭାବ ରହିବନାହିଁ । ବିଶେଷ କରି ପବ୍ଲିକ୍ ପ୍ରସିକ୍ୟୁଟର ମାନଙ୍କ ଦାୟିତ୍ୱ ଲୋକମାନଙ୍କ ପକ୍ଷରୁ କୋର୍ଟରେ ପ୍ରତିନିଧିତ୍ୱ କରିବାର ଅଧିକାରକୁ ସୁରକ୍ଷିତ ରଖିବା ଏହା ଆମେ ଧ୍ୟାନରେ ରଖିବା ଆବଶ୍ୟକ । ଏବଂ ମୁଁ ଆମେରିକାର ଜର୍ଜ ଫ୍ଲଏଡ୍‌ଙ୍କ ଘଟଣା ମନେପକାଉଛି । ତାଙ୍କୁ ହତ୍ୟା କରାଯିବା ପରେ ସେ କଳା ଲୋକଙ୍କ ସାମାଜିକ କାରଣ ପାଇଁ ସ୍ୱର ଉଠାଇଥିଲେ ଆନ୍ଦୋଳନ ତୀବ୍ର ହେଲା । ସେହି ସମୟରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ (ନଅ ଜଣ ବିଚାରପତିଙ୍କୁ ନେଇ ଗଠିତ) ଦେଶର ଆଇନ୍ ସମୁଦାୟକୁ ସ୍ପଷ୍ଟ ଭାବେ ଜଣାଇଲେ ଯେ ନ୍ୟାୟ ପ୍ରଦାନରେ କଳା-ଧଳା ଭିତ୍ତିରେ କୌଣସି ଜାତିଗତ ଭେଦଭାବ ରହିବ ନାହିଁ । ଏହା ଆମ ସମସ୍ତଙ୍କ ପାଇଁ ଏକ ନିକଟ ଅତୀତର ସ୍ମାରକ ।



## ବାଙ୍ଗାଲୋରରେ ଓଡ଼ିଆ ସାହିତ୍ୟ ସମାଜ ପକ୍ଷରୁ କବିତା ଆସର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ କବିତା ଦିବସରେ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ପରିବାର ପକ୍ଷରୁ ଆଭାସୀ ମଞ୍ଚରେ ଏକ ସ୍ୱତନ୍ତ୍ର କବିତା ଆସର ସନ୍ଧ୍ୟା ପାଳନ କରାଯାଇଛି । ଏଥିରେ ଦେଶ ବିଦେଶରୁ ଅନେକ ପ୍ରାଜ୍ଞ କବି କବୟିତ୍ରୀ ଯୋଗ ଦେଇଥିଲେ । ଅନୁଷ୍ଠାନର ଅନ୍ୟତମ ପୁରୋଧା ଅବନ୍ତୀ ମଲ୍ଲିକ ସଭାପତିତ୍ୱ କରିଥିଲେ ତଥା ଡ଼ଃ କ୍ଷୀରୋଦ ଚନ୍ଦ୍ର ବେହେରା, ଡ଼ଃ ସିତିକଣ୍ଠ ଷଡ଼ଙ୍ଗୀ ଓ ଡ଼ଃ ବସନ୍ତ ମଞ୍ଜରୀ ଦାସ ଯୋଗଦେଇ ବିଶ୍ୱ କବିତା ଦିବସ' ଅବସରରେ ସମସ୍ତ କବି ଓ କବିତା ପ୍ରେମୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ନବ ପ୍ରଜନ୍ମର କବି ମାନଙ୍କର ମାର୍ଗଦର୍ଶନ କରିଥିଲେ । ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ସଭାପତି ତାପସ ରାଜ୍ ମହାରଣାଙ୍କ ସଞ୍ଚାଳନରେ ଅନେକ କବି ଓ କବୟିତ୍ରୀ ନିଜର ସର୍ଜନା ପାଠ କରିବା ସହିତ କବିତାର ଉପାଦେୟତା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଯୋଗଦେଉଥିବା କବି କବୟିତ୍ରୀ ମନଙ୍କ ମଧ୍ୟରେ ବିଶ୍ୱଭାରତୀ ଦାସ, ଯାଜ୍ଞସେନୀ ପଣ୍ଡା, ତପସ୍ୱିନୀ ଷଡ଼ଙ୍ଗୀ, ବିଜୟ କେତନ ସାହୁ, କୈଳାସ ଚନ୍ଦ୍ର ପ୍ରଧାନ, ରାକେଶ ଦାସ, ଲୋପାମୁଦ୍ରା ପରିଡ଼ା, ଚିତ୍ରସେନ ମହାରଣା ପ୍ରମୁଖ ଯୋଗଦେଇଥିଲେ । ସମସ୍ତଙ୍କର ସର୍ଜନା ଶ୍ରୁତିମଧୁର ହେବା ସହ ଉଚ୍ଚ କୋଟିର ଶବ୍ଦ ବିନ୍ୟାସ ଯୁକ୍ତ ହୋଇଥିଲା । ପ୍ରଦେଶ ସହିତ ପ୍ରବାସରେ ସାହିତ୍ୟ, ଭାଷା ଓ ସଂସ୍କାର ପ୍ରଚାର ପ୍ରସାର ଦିଗରେ ସମ୍ପ୍ରତି ସହ ଭବିଷ୍ୟତରେ ମଧ୍ୟ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ପ୍ରଚେଷ୍ଟା ଅବ୍ୟାହତ ରହିବ ବୋଲି ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ମତାମତ ରଖିଛନ୍ତି ।

## ଜନଗଣନା-୨୦୨୭ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍ ବ୍ୟୁରୋ**

ଅଷ୍ଟମ ଜନଗଣନା କାର୍ଯ୍ୟକ୍ରମକୁ ସଫଳ, ସ୍ୱଚ୍ଛ, ତ୍ରୁଟିହୀନ ଭାବରେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ନୋଡାଲ୍ ଅଧିକାରୀମାନଙ୍କ ପାଇଁ ବିଭିନ୍ନ ତହସିଲରେ ସୁସଙ୍ଗଠିତ ପ୍ରଶିକ୍ଷଣ ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୯ ମାର୍ଚ୍ଚ ୨୦୨୬ରୁ ଆରମ୍ଭ ହୋଇ ବିଭିନ୍ନ ତାରିଖରେ ଓ ବ୍ୟାଚ୍ ଅନୁଯାୟୀ ବିଭିନ୍ନ ଅଞ୍ଚଳରେ କରାଯାଉଛି । ନିଶ୍ଚିନ୍ତକୋଇଲି, କିଶନନଗର, ତିଗିରିଆ, ନରସିଂହପୁର, କଣ୍ଟାପଡା, ବାରଙ୍ଗ, କଟକ ସଦର, ଡମପଡା ଅଞ୍ଚଳରେ ତହସିଲଦାରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଛି । ସୂଚନାଥାଉକି, ପ୍ରତ୍ୟେକ ବ୍ୟାଚ୍‌ରେ ୪୫ ରୁ ୫୦ ଜଣଙ୍କୁ ୩ ଦିନ ଲେଖାଏଁ ତାଲିମ୍ ପ୍ରଦାନ କରାଯାଉଛି ।

# ଶିଶୁମାନଙ୍କ ବିକାଶରେ ଦେଶର ପ୍ରଗତି ସମ୍ଭବ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର, ଯାଜପୁର ଠାରେ ଜିଲ୍ଲାସ୍ତରୀୟ ଏକଦିବସୀୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ - ୧୯୮୬ ସଂପର୍କୀତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ, ଯାଜପୁର ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିମୁଖୀକରଣ ପ୍ରଶିକ୍ଷଣରେ ମୁଖ୍ୟ ଅତିଥି ରୂପେ ପ୍ରଭାଗିୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେକି ଶିଶୁମାନେ ଆମ ଦେଶର ସମ୍ପତ୍ତି, ସେମାନଙ୍କ ବିକାଶରେ ଦେଶର ବିକାଶ ସମ୍ଭବ । ସେମାନଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିପାରିଲେ ଯାଇ, ସେମାନଙ୍କ ମଧ୍ୟରେ ଥିବା ଗୁଣାବଳୀର ବିକାଶ ହୋଇପାରିବ । ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଶିଶୁମାନଙ୍କୁ ଶ୍ରମରେ ନିଯୁକ୍ତି ଏକ ଦଣ୍ଡନୀୟ ଅପରାଧ, ଏହା ଶିଶୁମାନଙ୍କ ଅଧିକାରକୁ ଛଡାଇ ନେଇ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥାଏ । ବିଶେଷଭାବେ ଶିଶୁମାନଙ୍କୁ ଶିକ୍ଷା ଅଧିକାରରୁ ବଞ୍ଚିତ କରିଥାଏ । ପାରିବାରିକ ଅର୍ଥନୈତିକ ପରିସ୍ଥିତି ହେତୁ ପିଲାମାନେ ପାଠପଢ଼ାରୁ ବିରତ ରହି ବିପଦପୂର୍ଣ୍ଣ କାର୍ଯ୍ୟରେ ସ୍ୱଳ୍ପ ପରିଶ୍ରମିକ କାର୍ଯ୍ୟ କରୁଛନ୍ତି । ଯାଜପୁର ଜିଲ୍ଲାରେ ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ ଓ ପୋଲିସର ମିଳିତ ଭାବେ ଅନେକ ଶିଶୁମାନଙ୍କୁ ଅଭାବନୀୟ ପରିସ୍ଥିତିରୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପିତ କରାଯାଇଛି । ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ କରୁଥିବା ବ୍ୟକ୍ତି ବିଶେଷ ଓ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଜିଲ୍ଲାରେ



ଚାଇଲଡ଼ ହେଲ୍ପ ଲାଇନ୍ ୨୪୭ କାର୍ଯ୍ୟ କରୁଛି । ଜିଲ୍ଲାରେ କୌଣସି ଅଞ୍ଚଳରେ ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ ହୋଇଥିବା ଦୃଷ୍ଟିକୁ ଆସିଲେ ଆମେ ୧୦୯୮ ନମ୍ବରକୁ କଲ୍ କରିପାରିବା । ସମ୍ମାନିତ ଅଧିକାରୀ ଭାବେ ବରିଷ୍ଠ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସ୍ମୃତି ରଞ୍ଜନ ପଣ୍ଡା ଓ ସୌମ୍ୟରଞ୍ଜନ ବେହେରା ଯୋଗଦେଇ ଶିଶୁ ନିରୋଧ ଅଧିନିୟମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିରୂପେ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ, ଯାଜପୁର ସନ୍ତୋଷ କୁମାର ଜେନା ଯୋଗଦେଇ ଶିକ୍ଷାଆୟତନ ଛାଡ଼ିଥିବା ପିଲାମାନଙ୍କୁ ପୁନଃ ଶିକ୍ଷାକ୍ଷେତ୍ରକୁ ଆଣିବା ପାଇଁ ସରକାରଙ୍କ ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ସମ୍ମାନନୀୟ ବକ୍ତା ରୂପେ ସାମାଜିକ କର୍ମୀ ମଣ୍ଟୁ ଦାସ ତାଙ୍କ ବକ୍ତବ୍ୟରେ ଯାଜପୁର ଜିଲ୍ଲାକୁ ଶିଶୁ ଶ୍ରମ ମୁକ୍ତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ସି.ଏ.ସି.ଏଲ୍.ଆଞ୍ଚଳିକ ଆବାହକ ହୃଷିକେଷ ପଣ୍ଡା ଓ ଜିଲ୍ଲା ଆବାହକ ଚନ୍ଦ୍ରଶେଖର ବେହେରା ଶିଶୁ ଶ୍ରମରୁ ଉଦ୍ଧାର ହୋଇଥିବା ପିଲାଙ୍କ ଥଇଥାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଷୟ ବିଶାରଦ ରୂପେ ଓଡ଼ିଶା ଉଚ୍ଚ ନ୍ୟାୟଳୟ ଆଇନଜୀବୀ ପ୍ରମୋଦ କିଶୋର ଆଚାର୍ଯ୍ୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ ୧୯୮୬ର ବିଭିନ୍ନ ଧାରା ଉପରେ ବିଷଦ ଭାବେ ଆଲୋଚନା କରିଥିଲେ । ଅଧିନିୟମ ଅନ୍ତର୍ଗତ ଶିଶୁ ଓ କିଶୋର ମାନଙ୍କ ବିପଦପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଦଣ୍ଡବିଧି ସମ୍ପର୍କରେ ଅଂଶୀଦାରଙ୍କୁ ଅବଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରି ଭାବରେ, ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ଅଧିକାରୀ ରୋଜାଲିନ ପଣ୍ଡା, ପରାମର୍ଶଦାତା ଶିଶିର କୁମାର ମଲ୍ଲିକ, ରବିନ୍ଦ୍ରନାଥ ସେଠୀ, ଚାଇଲଡ୍ ହେଲ୍ପ ଲାଇନ୍‌ର ଜିଲ୍ଲା ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ, ସାଇପ୍ରଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁ ସୁରକ୍ଷା ୟୁନିଟ୍‌ର ରବିନ୍ଦ୍ରନାଥ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଏପ୍ରିଲ୍‌ରେ ଦିଲ୍ଲୀ ରାଲି ସଫଳ ପାଇଁ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ଆହ୍ୱାନ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଏଆଇଟିୟୁସି ସହବନ୍ଧିତ ଅଖିଳ ଭାରତ ଅଙ୍ଗନୱାଡ଼ି ୱାର୍କରସ୍ ଫେଡେରେସନ୍ ତରଫରୁ ଅଙ୍ଗନୱାଡ଼ି କର୍ମୀମାନଙ୍କ ଭତ୍ତାବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ଆଗାମୀ ଏପ୍ରିଲ୍ ୨୧, ୨୨ ଓ ୨୩ ତିନିଦିନ ଧରି ପାର୍ଲାମେଣ୍ଟ ସମ୍ମୁଖରେ ହେବାକୁଥିବା ବିକ୍ଷୋଭରେ ରାଜ୍ୟରୁ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ସହାୟିକା ଯୋଗଦେବାପାଇଁ ନିଷ୍ପତ୍ତି ହୋଇଛି । କେନ୍ଦ୍ରରେ ଏନ୍‌ଡିଏ ସରକାର ଗତ ୨୦୧୭ ମସିହାରେ ଭତ୍ତା ବୃଦ୍ଧି କରିଥିଲେ ମଧ୍ୟ ଦୀର୍ଘ ଆଠ ବର୍ଷ ବିତିଯାଇଥିଲେ ମଧ୍ୟ ଭତ୍ତାବୃଦ୍ଧି କରାଯାଇନାହିଁ । ଅପରପକ୍ଷରେ ଦୈନନ୍ଦିନ କାର୍ଯ୍ୟଭାର ଲଦିଦେବା ସହ ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ପଙ୍ଗୁ କରିବା ପାଇଁ ଉଦ୍ୟମ କରାଯାଉଛି । ଭତ୍ତା ବୃଦ୍ଧି, ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା ବନ୍ଦ ହୋଇଥିବା ଇନ୍‌କ୍ରିମେଣ୍ଟ ପ୍ରଦାନ, ସର୍ବନିମ୍ନ ଭତ୍ତା ୨୬,୦୦୦ ଓ ପେନ୍‌ସନ୍ ଦାବିରେ ଦିଲ୍ଲୀ ରାଲିରେ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ନିଷ୍ପତ୍ତି ହୋଇଛି । ଅନୁରୂପ ଭାବେ ରାଜ୍ୟ ସରକାର ଅନୁଗୁଳ ଜିଲ୍ଲାର ତାଳଚେର ବ୍ଲକର ଚାରୋଟି ପଞ୍ଚାୟତରେ ଏକ ସ୍ୱେଚ୍ଛାସେବୀ ସଂଗଠନ 'ପ୍ଲାନ୍ ଇଣ୍ଟରନ୍ୟାସ୍‌ନାଲ୍ ଇଣ୍ଡିଆ ଚାପ୍ଟର'କୁ ଦଶଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଅଙ୍ଗନୱାଡ଼ି କର୍ମୀଙ୍କ ସହ ମିଳିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ତତ୍ ସହିତ ଗତ ଡିସେମ୍ବର ମାସରେ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମୟରେ ମିଳିଥିବା ପ୍ରତିଶ୍ରୁତି ଯଥା ଭତ୍ତାବୃଦ୍ଧି, ନିୟମାନୁସାରେ ପୋଷଣ ଓ ଅନ୍ୟାନ୍ୟ ଦେୟ ପ୍ରଦାନ, ନୂତନ ମୋବାଇଲ୍ ପ୍ରଦାନ, ପ୍ରଦତ୍ତ ମୋବାଇଲ୍ ରିଚାର୍ଜ ଦେୟର ସଂଶୋଧନ କରି ବଜାର ଦର ଅନୁସାରେ ଦେୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି । ଏହି ବୈଠକରେ ସାଧାରଣ ସମ୍ପାଦିକା ହରିପ୍ରିୟା ସ୍ୱାଇଁ, ବିଭିନ୍ନ ସମସ୍ୟା ସମ୍ପର୍କରେ ରିପୋର୍ଟ ଉପସ୍ଥାପିତ କଲା ପରେ ବିଭିନ୍ନ ସଭ୍ୟ ଯଥା ସୌଦାମିନୀ ଦାସ, କମଳା ମୁର୍ମୁ, ଆରତୀ ଦାସ ମହାପାତ୍ର, ଏମ୍ ଗୀତା ଦେବୀ, ସୁଜାତା ନାଏକ, ମାନସୀ ପ୍ରଧାନ, ଉର୍ମିଳା ପାଇକରାୟ ମନୋଜ ପରିଡ଼ା, କିଶୋରୀ କେରକେଟା, ଶରତ ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ ଆନ୍ଦୋଳନ ସଫଳ ପାଇଁ ଆହ୍ୱାନ ଦେଇଛି ।

32 YEARS
ସମ୍ବାଦ କଳିକା

# ଘାତକ ମିସାଇଲ୍ ପ୍ରସ୍ତୁତ କଲା ଡିଆରଡିଓ

ଭାରତ ନିଜର ଆକାଶ ମାର୍ଗର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଯାଉଛି । ଦେଶର ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପରବର୍ତ୍ତୀ ପିଢ଼ିର 'ଲଙ୍ଗ୍ ରେଞ୍ଜ ଏୟାର୍-ଟୁ-ସର୍ଫେସ୍ ସୁପରସୋନିକ୍ କ୍ରୁଜ୍ ମିସାଇଲ୍' (LR ASSCM) ବିକାଶ ଦିଗରେ ଏକ ବଡ଼ ସଫଳତା ହାସଲ କରିଛି । ଏହି ମିସାଇଲ୍ ବାୟୁସେନାର ଶକ୍ତିଶାଳୀ ଲଢୁଆ ବିମାନ ସୁଖୋଇ-୩୦ଏମକେଆଇ ବେଡ଼ାରେ ସାମିଲ ହେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଡିଆରଡିଓ ଅଧ୍ୟକ୍ଷ ସମୀର ଭି. କାମତ ଚଳିତ ବର୍ଷ ଆରମ୍ଭରେ ଏହି ପ୍ରକଳ୍ପ ନେଇ ସୂଚନା ଦେଇଥିଲେ । ଭାରତର 'ଷ୍ଟାଣ୍ଡଅଫ୍ ଷ୍ଟ୍ରାଇକ୍' କ୍ଷମତାକୁ ବଢ଼ାଇବା ପାଇଁ ଏହି ମିସାଇଲକୁ ମଞ୍ଜୁରୀ ମିଳିସାରିଛି । ଏହା ଶତ୍ରୁ ପକ୍ଷର ରାଡାର୍ ନଜରକୁ ନଆସି ବହୁ ଦୂରରୁ ସଠିକ୍ ଲକ୍ଷ୍ୟଭେଦ କରିବାରେ ସକ୍ଷମ ହେବ । ଏହି ମିସାଇଲ୍ ସୁପରସୋନିକ୍ ବେଗରେ ଗତି କରିଥାଏ । ଏଥିରେ 'ରାମଜେଟ୍ ପ୍ରୋପଲସନ୍' ଟେକ୍ନୋଲୋଜି ବ୍ୟବହାର କରାଯାଇଛି, ଯାହା ପୂର୍ବରୁ ବ୍ରହ୍ମୋସ ମିସାଇଲରେ ସଫଳତାର ସହ ପରୀକ୍ଷିତ ହୋଇଛି । ସବସୋନିକ୍ ମିସାଇଲ୍ ତୁଳନାରେ ଏହା ସମ୍ପୂର୍ଣ୍ଣ ଉଡ଼ାଣ ସମୟରେ ନିଜର ପ୍ରଚଣ୍ଡ ବେଗ ବଜାୟ ରଖିଥାଏ । ଫଳରେ ଶତ୍ରୁ ପକ୍ଷର ଏୟାର ଡିଫେନ୍ସ ସିଷ୍ଟମକୁ ଏହାକୁ ରୋକିବା ପାଇଁ ସମୟ ମିଳିବ ନାହିଁ । ଏହାର ଲକ୍ଷ୍ୟଭେଦ କ୍ଷମତା ଶହ ଶହ କିଲୋମିଟର ପର୍ଯ୍ୟନ୍ତ ରହିଛି । ଏହାଦ୍ୱାରା ଭାରତୀୟ ବିମାନଗୁଡ଼ିକ ଶତ୍ରୁ ସୀମା ଭିତରକୁ ନଯାଇ ବାହାରେ ରହି ମଧ୍ୟ ଗଭୀର ଭିତରକୁ ଆକ୍ରମଣ କରିପାରିବେ । ଡିଫେନ୍ସ ପୋର୍ଟାଲ୍ 'idrw.org'ର ରିପୋର୍ଟ ଅନୁସାରେ, LRASSCMକୁ ପ୍ରଥମେ କେବଳ ବାୟୁସେନାର Su-30MKI ବିମାନରେ ସାମିଲ କରାଯିବ । ସୁଖୋଇ ବିମାନର ଭାରୀ ବୋଝ ବହନ କରିବା କ୍ଷମତା ଏବଂ ଦୀର୍ଘ ଦୂରତା ପର୍ଯ୍ୟନ୍ତ ଉଡ଼ିବାର ଦକ୍ଷତା ଏହାକୁ ଏହି ମିସାଇଲ୍ ପାଇଁ ସବୁଠାରୁ ଉପଯୁକ୍ତ ପ୍ଲାଟଫର୍ମ ଭାବେ ଗଢ଼ି ତୋଳିଛି । ସୂତ୍ର ଅନୁସାରେ, ସୁଖୋଇ ବିମାନରେ ଏହି ମିସାଇଲର କ୍ୟାରେଜ୍ ଟ୍ରାଏଲ୍ ଏବଂ ସେପାରେସନ୍ ଟେଷ୍ଟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି । ବର୍ତ୍ତମାନ ଚାଲିଥିବା 'ସୁପର ସୁଖୋଇ' ଅପଗ୍ରେଡ୍ ପ୍ୟାକେଜ୍ ଅଧୀନରେ ନୂତନ ରାଡାର, ଇଞ୍ଜିନ ଏବଂ ଇଲେକ୍ଟ୍ରୋନିକ୍ ୱାରଫେର୍ ସୁଟ୍ ସହିତ ଏହି ମିସାଇଲ୍ ଯୋଡ଼ିହେବା ପରେ ଭାରତୀୟ ବାୟୁସେନା ଏସିଆ ମହାଦେଶରେ ଏକ ଅଜେୟ ଶକ୍ତି ଭାବେ ଉଭା ହେବ । ଏହାସହ ପ୍ରତିରକ୍ଷା କ୍ଷେତ୍ରରେ ବିଦେଶୀ ନିର୍ଭରଶୀଳତା କମିବ ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନ ଆହୁରି ମଜବୁତ ହେବ ।

# କୁହେଳିକାରେ ପ୍ରେତପୁରୀ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସକାଳୁ ଉଠି ବୋହୂଟି ଘରର ଏରୁଣ୍ଡି ବନ୍ଧ ନ ଡେଇଁଣୁ ପିନ୍ଧିଥିବା ଲୁଗା ଓ ପୋଷାକସବୁ ଓହ୍ଲାଇ ଫୋପାଡ଼ି ଦେବାପରେ ଉଦଣ୍ଡ ନୃତ୍ୟ କରି ଅଗଣାକୁ ଆଗେଇ ଗଲା । କଣ୍ଠରୁ ତାହାର ଝରି ପଡୁଥିଲା କର୍କଶ ପୁରୁଷ ସ୍ୱରରେ ବହୁ ଭାଷାର ଗୀତ । ଘରେ ନପଶୁଣୁ ବୋହୂର ଏପରି ଅଘଟଣ ଦେଖି ସେଠାରେ ଉପସ୍ଥିତ ଥିବା ସମସ୍ତେ ଡରିଗଲେ । ବୋହୂକୁ ଦେଖିବା ପାଇଁ ଜମିଥିବା ଗହଳି ଆଉ ଲାଗିରହିଲା ନାହିଁ । ଯେ ଯୁଆଡ଼େ ଯାହା ବାଟରେ ସେଠାରୁ ପଳାଇଗଲେ । କେତେକ ବି ଉତ୍ସୁକ ହୋଇ ଘଟଣା କ'ଣ ଜାଣିବାକୁ ରହି ବିଭିନ୍ନ ଉଡ଼ା ଗପ ଆରମ୍ଭ କରିଦେଲେ । ହେଲେ ଘରଲୋକ ବୋହୂଟାକୁ କମ୍ବଳରେ ଘୋଡ଼ାଇ ଗୋଟାଏ କୋଠରି ଭିତରେ ବନ୍ଦ କରି ରଖିଦେଲେ । ମାତ୍ର ତାହା ଭିତରୁ ବି ସେହିଭଳି ନୃତ୍ୟ ଗୀତର ସ୍ୱର ସହ କିଳିକିଳା ରଡ଼ି ଭାସି ଆସୁଥିଲା ।

ପରିବାରର ପ୍ରତ୍ୟେକ ଏଥିପାଇଁ ବ୍ୟସ୍ତ ହୋଇପଡ଼ିଲେ । ସେମାନଙ୍କ ଡାକରାରେ କେତେକ ଗୁଣିଆ ନିଜ ଗୁଣିର ମାହାତ୍ମ୍ୟ ଯେତେ ଦେଖାଇବାକୁ ଚେଷ୍ଟା କଲେ ମଧ୍ୟ ତାହା ସବୁ ବୃଥା ହେଲା । ତେଣୁ ଏପରି ପରିସ୍ଥିତିରେ ଗ୍ରାମର କେତେକ ଲୋକ ଏକାଠି ହୋଇ ଭିଙ୍ଗାରପୁରସ୍ଥ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱର୍ଗତ ଚିନ୍ତାମଣି ଜେନାଙ୍କ ପାଖକୁ ଆସିଲେ । କାରଣ ଘଟଣାଟି ଘଟିଥିଲା ସ୍ୱର୍ଗତ ଜେନାଙ୍କ ନିଜ ଗ୍ରାମ କଟକ ଜିଲ୍ଲା ଅନ୍ତର୍ଗତ ବାରେଡ଼ିଆରେ । ସେତେବେଳେ ସେହି ଗ୍ରାମର ସବୁଠାରୁ ସେ ଥିଲେ ଉଚ୍ଚ ଶିକ୍ଷିତ ଓ ଗ୍ରାମବାସୀମାନେ ତାଙ୍କୁ ଦେବତା ଭଳି ବି ମାନୁଥିଲେ । ସେ ବି ଗ୍ରାମର ପ୍ରତ୍ୟେକଙ୍କ ଭଲ ମନ୍ଦ କଥା ବୁଝୁଥିଲେ । ଭିଙ୍ଗାରପୁର ଚୌଧୁରୀ ବଂଶୀୟ ଜମିଦାରମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବକ୍ରେଶ୍ୱର ହାଇସ୍କୁଲରେ ସେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ ମଧ୍ୟ ନିଜର ଅଧ୍ୟାପନା ଓ ଛାତ୍ରବତ୍ସଳତା ହେତୁ ସେତେବେଳର ପୁରୀ ଜିଲ୍ଲାରେ ପ୍ରତିଷ୍ଠିତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଶିକ୍ଷକ ମହଲରେ ସେ ବେଶ୍ ନାମ କମାଇଥିଲେ । "ଆହେ ଦୟାମୟ ବିଶ୍ୱବିହାରୀ"ର ପ୍ରସିଦ୍ଧ ରଚୟିତା ସ୍ୱର୍ଗତ ରାମକୃଷ୍ଣ ନନ୍ଦ ବି କିଛିଦିନ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦରେ ଅଧିଷ୍ଠିତ ହୋଇଥିଲେ । ନିଜ ଇଚ୍ଛାରେ ସେ ତ୍ୟାଗପତ୍ର ଦେଇ ଚାକିରିରୁ ଓହରିଯିବା ପରେ ତାଙ୍କ ତଳେ ଥିବା ସ୍ୱର୍ଗତ ଚିନ୍ତାମଣି ଜେନା ସେହି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ ପାଇ ପାରିଥିଲେ । ୧୯୩୨ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ପୁରୀ ଓ କଟକ ଜିଲ୍ଲାର ବହୁ ଛାତ୍ର ପାଠପଢ଼ି ଦେଶରେ ବେଶ୍ ନାମ କମାଇଥିବାର ଜଣାଯାଏ । ସେତେବେଳେ ଭୁବନେଶ୍ୱର ଆଖପାଖ ଅଞ୍ଚଳରେ କୌଣସି ଉଚ୍ଚ ବିଦ୍ୟାଳୟ ନଥିଲା ଓ ପରେ ସେପରି କେତୋଟି ଶିକ୍ଷା ଅନୁଷ୍ଠାନ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇପାରିଥିଲା । ଲେଖକ ମଧ୍ୟ ଦିନେ ସ୍ୱର୍ଗତ ଚିନ୍ତାମଣି ଜେନାଙ୍କର ଜଣେ ଛାତ୍ର ଥିଲା ।

ଗ୍ରାମବାସୀମାନେ ତାଙ୍କୁ ଭେଟି ସମସ୍ତ କଥା କହିଲେ । ତାଙ୍କ ବଡ଼ଭାଇ କବି ସ୍ୱର୍ଗତ ଭ୍ରମରବର ରାୟ ମଧ୍ୟ ସେମାନଙ୍କ ମଧ୍ୟରେ ଥିଲେ । ସମସ୍ତ କଥା ଶୁଣିବା ପରେ ଚିନ୍ତାମଣି ଜେନା ଭିଙ୍ଗାରପୁର ବଜାରରେ ଟେଲରିଂ ଦୋକାନ କରି ଚଳୁଥିବା ଜଣେ ବିହାରୀ ଦରଜୀଙ୍କ ପାଖକୁ ସେମାନଙ୍କୁ ନେଇଗଲେ । ସେହି ଦରଜୀଟି ଦେଖିବାକୁ ଗୋରା ଓ ତାଙ୍କ ଉଚ୍ଚତା ୬ଫୁଟରୁ କମ୍ ନଥିଲା । ସବୁବେଳେ ପଞ୍ଜାବୀ ଓ ପାଇଜାମା ସେ ପିନ୍ଧୁଥିଲେ । ତାଙ୍କ ହାତର ନଖଗୁଡ଼ିକ ଥିଲା ତୀକ୍ଷ୍ଣ ଓ ମଥାରେ ସବୁବେଳେ ଚକ୍‌ଚକ୍ କରୁଥିଲା ନାଲି ସିନ୍ଦୂରର ଗାର । ସେ ଥିଲେ ଜଣେ ହନୁମାନ ସାଧକ । ପ୍ରତି ଶନିବାର, ଅମାବାସ୍ୟା, ସଂକ୍ରାନ୍ତି ଓ ପୂର୍ଣ୍ଣମୀ ତିଥିରେ ସେ ଭିଙ୍ଗାରପୁର ନିକଟରେ ଥିବା ଦୁର୍‌ଦୁରାବସ୍ତ ଗ୍ରାମର ଘନ ଜଙ୍ଗଲ ମଧ୍ୟରେ ଥିବା ହନୁମାନ ବିଗ୍ରହଙ୍କ ପାଖକୁ ରାତ୍ରିରେ ପୂଜା ପାଇଁ ଯାଉଥିଲେ । ଗଙ୍ଗ ଶାସନରେ ପ୍ରତିଷ୍ଠିତ ଏହି ହନୁମାନଙ୍କର ଛୋଟ ଓ ବଡ଼ ବିଗ୍ରହ ଦୁଇଟି ସେଠାରେ ପୂଜା ପାଉଛନ୍ତି । ସେଥିରୁ ଗୋଟିଏ ଥିଲେ ଶାନ୍ତ ଓ ଅନ୍ୟଟି ତାନ୍ତ୍ରିକ ବିଗ୍ରହ । ମୂର୍ତ୍ତି ଦ୍ୱୟଙ୍କ ଅଙ୍ଗରେ ସିନ୍ଦୂରର ପ୍ରଲେପ ସର୍ବଦା ଝଟକୁଥାଏ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ବର୍ଷର ବହୁ ସମୟରେ ଭକ୍ତମାନେ ସେଠାକୁ ଦର୍ଶନ ପାଇଁ ଯାଇଥାନ୍ତି । ଅଟା, ଚିନି ଓ ଗୁଆଘିଅରେ ପ୍ରସ୍ତୁତ 'ଚୁରମୁଆଁ' ନାମରେ ଏକ ସୁସ୍ୱାଦୁ ଲଡୁ ସେହି ଠାକୁରଙ୍କ ପାଖରେ ଭୋଗ ହୁଏ । ହନୁମାନଙ୍କ ରହିବା ସ୍ଥାନର ଅଳ୍ପ ଦୂରରେ ବହିଯାଉଛି ପ୍ରାଚୀନ ସ୍ରୋତସ୍ୱିନୀ ସୋଲ ଜଳାଧାର । ଯାହାକି ପ୍ରାଚୀର ଏକ ଶାଖା ନଦୀ ବୋଲି ଲୋକେ କହିଥାନ୍ତି । ମହାନଦୀର ଡାକଆମ୍ବା ଠାରୁ ତାହା ବାହାରିଛି ଓ ବାରଙ୍ଗ ନିକଟସ୍ଥ ତଉସ୍ୱଲ୍ଲା ବା ତ୍ରିଶୁଳିଆଠାରୁ ଏହାର ଏପରି ନାମକରଣ ହୋଇଥିବାର କୁହାଯାଏ । ଲେଖକ ମଧ୍ୟ ଭିଙ୍ଗାରପୁର ମାଇନର ସ୍କୁଲରେ ପାଠ ପଢ଼ିବାବେଳେ ସେହି ଦରଜୀଙ୍କୁ ଦେଖିଥିଲା ଓ ମାପ ଦେଇ ତାଙ୍କଠାରୁ ନିଜର ପୋଷାକ ତିଆରି କରିଥିବାର ଏବେ ବି ମନରେ ଅଛି । ମଜୁରୀ ବାବଦକୁ ତାଙ୍କୁ ଯିଏ ଯାହା ଦେଉଥିଲା ସେ କିଛି ନକହି ତାକୁ ଗ୍ରହଣ କରିନେଉଥିଲେ । ସେ ବିବାହ କରିନଥିଲେ କି ତାଙ୍କ ପାଖକୁ ତାଙ୍କ ଜନ୍ମସ୍ଥାନ ବିହାର ରାଜ୍ୟରୁ କେହି ଆସିବା ଦେଖାଯାଉନଥିଲା ବୋଲି ତାଙ୍କ ସଂପର୍କରେ ଆସୁଥିବା ଲୋକମାନେ କହୁଥିଲେ । ସବୁବେଳେ ପ୍ରାୟ ସେ ନୀରବ ରହୁଥିଲେ । ଆବଶ୍ୟକ ପଡ଼ିଲେ ହିନ୍ଦୀ ବା ଓଡ଼ିଆରେ କଥା ହେଉଥିଲେ । କାହା ସହିତ ଏକାଠି ବସି ସେ ହସ ଖୁସିରେ ସମୟ ବିତାଇବା ପ୍ରାୟଶଃ ତାଙ୍କର ନଥିଲା । ଦୁଇବେଳା ରୁଟି ଓ ଆଚାର ତାଙ୍କର ଥିଲା ପ୍ରିୟ ଖାଦ୍ୟ । ଆମିଷ ସେ ଆଦୌ ଛୁଉଁ ନଥିଲେ । ଚିନ୍ତାମଣି ଜେନା ଓ ତାଙ୍କ ସହ ଆସିଥିବା ଲୋକମାନଙ୍କଠାରୁ ଘଟଣାଟି ଶୁଣି ସାଧା କାଗଜରେ ଏକ ଚିଠି ନାଲି କାଳିରେ ଲେଖି ତାହାକୁ ଗୋଟାଏ କାଗଜ ଖୋଳ ଭିତରେ ପୂରାଇ ଗ୍ରାମବାସୀମାନଙ୍କ ସହ ଆସିଥିବା ଭ୍ରମରବର ରାୟଙ୍କୁ ଦେଇ କହିଥିଲେ "ନିଆଳୀ-ମାଧବ ରାସ୍ତାରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ତୁମ୍ଭେମାନେ ସନ୍ଧ୍ୟା ହେବାପରେ ଯିବ । ସେଠାର ରାସ୍ତା କଡ଼ରେ ଏକୁଟିଆ ଥିବା ଏକ ବଡ଼ କୋଠାଘର ଦେଖିବ । ସାଙ୍ଗରେ ନେଇଥିବା ଏହି ଚିଠିଟିକୁ ସେହି ଘର ବାହାରେ ଜଗିଥିବା ଦରୱାନ୍‌କୁ ଦେଖାଇଲେ ସେ ତୁମମାନଙ୍କୁ କୋଠା ଭିତରକୁ ଛାଡ଼ିଦେବ । ତାହାପରେ ଚିଠିଟି ନେଇ ସେହି ଘରର ମାଲିକଙ୍କୁ ପଢ଼ିବାକୁ ଦେବ । ସେ ତୁମମାନଙ୍କୁ ସେଠାରେ ବସିବାକୁ ଇଙ୍ଗିତ ଦେବାପରେ ସେହି ଘରର ବାରଣ୍ଡାରେ ପଡ଼ିଥିବା ଚୌକିଗୁଡ଼ିକ ଉପରେ ବସିଯିବ ଓ ତାହାପରେ ତୁମମାନଙ୍କୁ ଖାଇବାକୁ ସେ ମିଠା ଆଣି ଦେବେ । ମାତ୍ର ହୁସିଆର, ସେଠାରେ ତୁମ୍ଭେମାନେ କିଛି ଖାଇବ ନାହିଁ । ଆଉ ଫେରିବାବେଳେ ଘରର ସେହି ମାଲିକଙ୍କୁ ନମସ୍କାର କରି ଫେରିଆସିବ । ମାତ୍ର ଭଲ ଭାବରେ ମନେରଖ ପଛକୁ ଆଦୌ ଚାହିଁବ ନାହିଁ ।"

ଦଳପତି ଭ୍ରମରବର ରାୟଙ୍କ ସହିତ ଅନ୍ୟ ୬ଜଣ ଦରଜୀଙ୍କ କହିଥିବା ବାଟରେ ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚଗଲେ । ସେଠାର କୋଠା ଜଗୁଥିବା ଦରୱାନ୍‌କୁ ଚିଠିଟି ଦେଖାଇବା ପରେ ସେ ସେମାନଙ୍କୁ ଘର ଭିତରକୁ ଛାଡ଼ିଦେଲା । ଘରଟି ବେଶ୍ ଜାକ ଜମକରେ ଝଲସୁଥିଲା । ସେଠାରେ ଆଲୁଅ କେଉଁଠାରୁ ଆସି ସାରା ଘରଟାକୁ ଆଲୋକିତ କରୁଥିଲା ତାହା ସେମାନେ ଜାଣି ପାରୁନଥିଲେ । ପ୍ରଥମେ ଗୃହ ସ୍ୱାମୀଙ୍କୁ ଭେଟି ନମସ୍କାର କରିବା ପରେ ଚିଠିଟି ତାଙ୍କ ହାତକୁ ଦେଇଦେଲେ । ଚିଠିଟି ଖୋଲି ସେ ପଢ଼ିବା ପରେ ଡାକ ପକାଇଲେ, "ଆରେ ଘନ! ତୋ ପୁଅ କୁଆଡ଼େ ଗଲା?" ଘନ ନାମରେ ଡକା ଯାଇଥିବା ବୁଢ଼ା ଲୋକଟି ମାଲିକଙ୍କ ନିକଟରେ ପହଞ୍ଚି ହାତ ଯୋଡ଼ି କହିଲା, "ହଜୁର! ଦୁଇଦିନ ହେଲା ତାହାର ଦେଖାନାହିଁ । ତେବେ ସେ କୁଆଡ଼େ ଯାଇଛି ଏବେ ତାକୁ ମୁଁ ଡକାଉଛି ।" ଏହିଭଳି କଥା ପରେ ଗୃହସ୍ୱାମୀ ସେମାନଙ୍କ ନିମନ୍ତେ ଜଳଖିଆ ମଗାଇଲେ । ସେଥିରେ ଥିଲା ବଡ଼ ରସଗୋଲା, ମିଠାଇ ସହ ସଦ୍ୟ ଛଣା ହୋଇଆସିଥିବା ଜିଲିପିମାନ । ସାତଜଣଙ୍କ ନିମନ୍ତେ ସାତଟି ବଡ଼ ପ୍ଲେଟ୍‌ରେ ସେହି ମିଠା ସହ ପାଣି ଗ୍ଲାସ୍‌ମାନ କେତେକ ଅନୁଚର ଧରି ସେଠାରେ ଆସି ପହଞ୍ଚି ପ୍ରତ୍ୟେକଙ୍କ ସମ୍ମୁଖରେ ସେସବୁକୁ ଥୋଇଦେଲେ । ଏଣିକି ଗୃହସ୍ୱାମୀ ସେମାନଙ୍କୁ ଖାଇବା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ସେମାନେ ଦରଜୀଙ୍କ କଥାକୁ ମନେ ପକାଇ ଅତି ବିନୟର ସହିତ ନ ଖାଇବା ପାଇଁ କହି ତାଙ୍କଠାରୁ ମେଲାଣି ମାଗି ଫେରିଆସିଲେ । ଗୃହସ୍ୱାମୀ ବି ସେମାନଙ୍କୁ ବଳାଇ ଦେବା ନିମନ୍ତେ କୋଠାର ଶେଷ ଦ୍ୱାର ପର୍ଯ୍ୟନ୍ତ ଆସିଥିଲେ । ଏହାପରେ ସେମାନେ ଏକମୁହାଁ ହୋଇ ଯେଉଁ ଆଡୁ ଆସିଥିଲେ ସେହି ବାଟରେ ଫେରିଆସିଲେ । ଦରଜୀଙ୍କ ଉପଦେଶ ଅନୁସାରେ କେହି ପଛକୁ ଆଉ ଚାହିଁ ନଥିଲେ । ତାହାପରେ ସେମାନେ ନିଜ ଗ୍ରାମରେ ଆସି ପହଞ୍ଚିଲେ । ଗ୍ରାମ ସୀମାରେ ପହଞ୍ଚିଲା ମାତ୍ରେ ବାଟ ପାଖ ଗଛସବୁ ଝଡ଼ ବତାସରେ ଯେପରି ଦୋହଲେ ସେପରି ଦୋହଲିବାକୁ ଲାଗିଲା । ସେତେବେଳେ ବର୍ଷା କି ପବନ କିଛି ନଥିଲା । ଏପରି କାହିଁକି ହେଉଛି ତାହା ବି କେହି ଧରିପାରିନଥିଲେ । ଏଣେ କୋଠରି ଭିତରେ ବନ୍ଦିଥିବା ବୋହୂଟା ବହୁ ଉତ୍ପାତ କରି ଶେଷରେ ଚେତାଶୂନ୍ୟ ହୋଇପଡ଼ିଗଲା । ସେହି କୋଠରି ଭିତରୁ ଆଉ କୌଣସି ଶବ୍ଦ ନଆସିବାରୁ ପରିବାରର ଲୋକେ କବାଟ ଖୋଲି ବୋହୂଟା ଚେତାଶୂନ୍ୟ ହୋଇପଡ଼ିଥିବା ଦେଖି ମୁହଁରେ ପାଣି ଛାଟି ତାହାର ଚେତା ଫେରାଇ ଆଣିଲେ । ପ୍ରକୃତିସ୍ଥ ହୋଇ ସେ ମଧ୍ୟ ନିଜର ଲୁଗା ଓ ପୋଷାକ ପିନ୍ଧି ସାଧାରଣଙ୍କ ଭଳି ବ୍ୟବହାର ଦେଖାଇଲା । ପଛରେ କ'ଣ ହୋଇଯାଇଛି ତାହାର ଆଉ ମନେ ପଡୁନଥିଲା । ଏଣିକି ସ୍ୱାଭାବିକ ଭାବରେ ତାହାର ସମସ୍ତ କାର୍ଯ୍ୟ ବି ସେ କରିଚାଲିଲା । ଏହାପରେ ଚିଠି ନେଇ ଯାଇଥିବା ଲୋକମାନେ ଏକାଠି ହୋଇ ପୁଣି ଚିନ୍ତାମଣି ଜେନାଙ୍କ ସହ ଉକ୍ତ ଦରଜୀଙ୍କ ପାଖକୁ ଯାଇ ଘଟିଯାଇଥିବା ବିବରଣୀ କହିଲେ । ସମସ୍ତଙ୍କଠାରୁ ଏକପ୍ରକାରର କଥା ଶୁଣି ଦରଜୀ ମହାଶୟ କେବଳ ଟିକିଏ ହସିଦେଲେ । ଦରଜୀଙ୍କର ଏହି ଚମତ୍କାରିତା ବିଷୟରେ ଜାଣିବା ପାଇଁ ସେମାନେ ଆଗ୍ରହ ପ୍ରକାଶ କରିବାରୁ ସେ ତାଙ୍କୁ ସେହି ସ୍ଥାନକୁ ପୁଣି ଥରେ ଦିନବେଳା ଯିବାକୁ ନିର୍ଦ୍ଦେଶ ଦେଲେ ଓ ପ୍ରତ୍ୟେକଙ୍କ ମୁଣ୍ଡରେ ଗଲାବେଳେ ସିନ୍ଦୁର ଟୀକା ଲଗାଇ ଦେଇଥିଲେ । ସେହି ଲୋକମାନେ ପୂର୍ବୋକ୍ତ ସ୍ଥାନକୁ ଯାଇ ଦେଖିଲେ ଯେ ତାହା ଥିଲା ଏକ ବଡ଼ ଶ୍ମଶାନ । କାହିଁ କେଉଁ ଅମଳର ଗୋଟାଏ ଭଙ୍ଗା କୋଠାଘର ତାହା ମଝିରେ ରହିଥିଲା ଯାହାର ବହୁ ଅଂଶ ଭୁଷୁଡ଼ି ପଡ଼ିଥିଲା । ଏପରି ଦେଖି ସମସ୍ତେ ଭୟରେ ସ୍ତବ୍ଧ ହୋଇଗଲେ ଓ ସେଠାରୁ ଫେରିଆସି ଦରଜୀ ମହାଶୟଙ୍କ ଗୋଡ଼ତଳେ ପଡ଼ି ତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ । ସେହି ଦରଜୀ ମହୋଦୟଙ୍କୁ ମୁଁ ଅତି ପିଲାବେଳେ ଦେଖିଥିଲି । ସେ ଦିନେ ନିଜ ଜନ୍ମସ୍ଥାନ ବିହାର ରାଜ୍ୟକୁ ଯିବା କହି ଚାଲିଯାଇଥିଲେ । ତାଙ୍କୁ ଆଉ ଫେରି ଆସିବାର କେହି କେବେ ଦେଖିନାହିଁ ।

ସ୍ୱର୍ଗତ ଚିନ୍ତାମଣି ଜେନା ଭିଙ୍ଗାରପୁରସ୍ଥ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିବାବେଳେ ଭୁବନେଶ୍ୱର ସହର ତଳ ବାଲିଅନ୍ତା ଓ ବାଲିପାଟଣା ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ । ବହୁ ଗ୍ରାମ୍ୟ ବିବାଦକୁ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ କରାଇବାରେ ସେ ଥିଲେ ବେଶ୍ ଧୁରନ୍ଧର । ଲେଖକର ସେ ଥିଲେ ପୂଜ୍ୟ ଶିକ୍ଷାଗୁରୁ ଓ ତାଙ୍କ ଜୀବନରେ ଘଟିଯାଇଥିବା କେତୋଟି ଅଭୁଲା ସ୍ମୃତିକୁ ମନେ ପକାଇ ସେ ଛାତ୍ରମାନଙ୍କୁ କଥା ଛଳରେ ତାହାସବୁ କହିଥାନ୍ତି । ସେହି କଥା ସବୁକୁ ଆଦୌ ଅବିଶ୍ୱାସ କରିହେଉନଥିଲା । ଉପର୍ଯ୍ୟୁକ୍ତ ଭୌତିକ ଗପଟି ସେଥି ମଧ୍ୟରୁ ଗୋଟିଏ । ପ୍ରେତ ଜଗତ ଅଛି କି ନାହିଁ ତାହା ଅନ୍ୟ କଥା । ମାତ୍ର ସ୍ରଷ୍ଟାଙ୍କ ସୃଷ୍ଟି ବିଚିତ୍ର । ଏହି ସୃଷ୍ଟି କ'ଣ ତାହା ତାଙ୍କୁ ହିଁ ଜଣା । ଭୌତିକ ଜଗତକୁ କେହି ବିଶ୍ୱାସ ନକଲେ ମଧ୍ୟ ଅନ୍ୟର ବିଶ୍ୱାସକୁ ବିରୋଧ କରିବାର ଆବଶ୍ୟକତା ନାହିଁ ।

# ଇଚ୍ଛାମୃତ୍ୟୁକୁ ସ୍ୱୀକୃତି



ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଭାରତର ସୁପ୍ରିମକୋର୍ଟ, ଏଗାର ମାର୍ଚ୍ଚ ୨୦୨୬ ରେ ଗାଜିଆବାଦର ଏକତିରିଶ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ (ପ୍ୟାସିଭ୍ ଇଉଥାନାସିଆ) ପାଇଁ ଅନୁମତି ଦେଇଛନ୍ତି । ପାଖାପାଖି ତେର ବର୍ଷ ଧରି କୋମାରେ ରହିଥିବା ଏହି ଯୁବକଙ୍କ ପାଇଁ ଅଦାଲତର ଏହି ରାୟ କେବଳ ଗୋଟିଏ ଆଇନଗତ ନିର୍ଦ୍ଦେଶ ମାତ୍ର ନୁହେଁ, ବରଂ ଜୀବନ, ମୃତ୍ୟୁ ଓ ମାନବୀୟ ସମ୍ମାନ ଭିତରେ ସନ୍ତୁଳନ ରଖିବା ପାଇଁ ଏକ ମହନୀୟ ଚେଷ୍ଟା ମଧ୍ୟ ଅଟେ । ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ପାଠକମାନେ ଗୋଟିଏ ପ୍ରସଙ୍ଗ ସର୍ବାଗ୍ରେ ଜାଣିବା ଦରକାର । ତାହା ହେଉଛି, ଇଉଥାନାସିଆ କହିଲେ ଆମେ କଣ ବୁଝିବା! ଅକ୍ସଫୋର୍ଡ଼ ଇଂରାଜୀ-ଓଡ଼ିଆ ଶବ୍ଦକୋଷରେ ଇଉଥାନାସିଆ ଶବ୍ଦର ଅର୍ଥ ଏହିପରି ଅଛି – "ଦୁରାରୋଗ୍ୟ ରୋଗରେ ବହୁକଷ୍ଟ ପାଇ ମୃତ୍ୟୁକୁ ଅପେକ୍ଷା କରିଥିବା ବ୍ୟକ୍ତିଙ୍କୁ କଷ୍ଟ ନ ଦେଇ ସାବଲୀଳ ଭାବରେ ମାରିଦେବା ।" ଏବେ ଆସିବା ଏହାର ପ୍ରକାରଭେଦକୁ । ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଗୋଟିଏ ହେଉଛି ଆକ୍ଟିଭ୍ (ପ୍ରତ୍ୟେକ୍ଷ), ଅନ୍ୟଟି ହେଉଛି ପ୍ୟାସିଭ୍ (ପରୋକ୍ଷ) । ପ୍ରଥମେ ଆସିବା ପ୍ୟାସିଭ୍ (ପରୋକ୍ଷ) ଇଉଥାନାସିଆକୁ । ଯେତେବେଳେ ଜଣେ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ଜୀବନ ରକ୍ଷାକାରୀ ଯନ୍ତ୍ରପାତି ସହକାରେ ହିଁ କେବଳ ଜୀବିତ ଥାଏ ଏବଂ ଉପରୋକ୍ତ ଯନ୍ତ୍ରପାତିକୁ ପ୍ରତ୍ୟାହାର କରିନେବାଦ୍ୱାରା ତା'ର ମୃତ୍ୟୁ ତ୍ୱରାନ୍ୱିତ ହୋଇପାରିଥାଏ, ତାହାକୁ କୁହାଯାଏ ପ୍ୟାସିଭ୍ ଇଉଥାନାସିଆ । ଉଦାହରଣ ସ୍ୱରୂପ:- ହରିଶ ରାଣାଙ୍କ ପରିସ୍ଥିତି । ଆକ୍ଟିଭ୍ ଇଉଥାନାସିଆ - ଏଥିରେ କୌଣସି ସ୍ନାୟୁବିକ ଔଷଧର ମାତ୍ରାଧିକ ପରିମାଣକୁ ଇଞ୍ଜେକ୍‌ସନ ମାଧ୍ୟମରେ ରୋଗୀକୁ ଦିଆଯାଇ ତା'ର ମୃତ୍ୟୁକୁ ତ୍ୱରାନ୍ୱିତ କରାଯାଇଥାଏ । ଭାରତ ଭଳି ଅଧିକାଂଶ ଦେଶରେ ଏହା ବେଆଇନ୍ ଅଟେ । ନେଦରଲ୍ୟାଣ୍ଡ, ବେଲ୍‌ଜିୟମ୍ ଭଳି ଦେଶରେ ଯଦିଓ ଏହାକୁ ସ୍ୱୀକୃତି ମିଳିଛି, ଏଥିପାଇଁ କିନ୍ତୁ ରୋଗୀର ଅନୁମତି ଏବଂ ସ୍ଥଳବିଶେଷରେ ରୋଗୀ ଅନୁମତି ଦେବା ଭଳି ସ୍ଥିତିରେ ନଥିଲେ, ତା'ର ପରିବାରବର୍ଗଙ୍କର ଅନୁମତି ନିତାନ୍ତ ଭାବରେ ଆବଶ୍ୟକ ହୋଇଥାଏ ।

ଆକ୍ଟିଭ୍ ଇଉଥାନାସିଆରେ ବ୍ୟବହାର କରାଯାଉଥିବା ସ୍ନାୟୁବିକ ଔଷଧଗୁଡ଼ିକ ହେଉଛି :-ପେଣ୍ଟୋବାର୍ବିଟାଲ୍, ପାନ୍‌କୁରୋନିୟମ ଓ ପୋଟାସିୟମ କ୍ଲୋରାଇଡ । ଇଉଥାନାସିଆ ଏକ ଅତ୍ୟନ୍ତ ବିବାଦାତ୍ମକ ବିଷୟ ଅଟେ । କିଛି ଲୋକଙ୍କର ମାନ୍ୟତା ଏହା ଯେ, ଜୀବନ ଦାନ ଈଶ୍ୱର ହିଁ କରୁଛନ୍ତି ଓ ନେବାର ଅଧିକାର ମଧ୍ୟ କେବଳ ଈଶ୍ୱରଙ୍କର । ଯଦି ଇଉଥାନାସିଆକୁ ଆଇନତଃ ସ୍ୱୀକୃତି ଦିଆଯାଏ ତେବେ ରୋଗୀମାନଙ୍କ ଇଚ୍ଛା ବିରୁଦ୍ଧରେ ଚିକିତ୍ସକମାନେ ଏହି ପ୍ରକ୍ରିୟାକୁ ଆପଣାଇ ପାରନ୍ତି । ଯାହା କି ହତ୍ୟା ସାଙ୍ଗରେ ସମାନ । ହରିଶ ରାଣାଙ୍କର ଜୀବନ ବିଗତ ତେର ବର୍ଷ ଧରି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା ।

୨୦୧୩ ମସିହାରେ ଚଣ୍ଡୀଗଡ଼ରେ ପଢୁଥିବା ସମୟରେ ସେ ଚତୁର୍ଥ ମହଲାରୁ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଏହା ପରଠାରୁ ହିଁ ସେ କୋମାରେ ଅଛନ୍ତି । ଚିକିତ୍ସକମାନଙ୍କର କହିବା କଥା ଯେ, ତାଙ୍କର ଭଲ ହେବାର ଆଉ କୌଣସି ସମ୍ଭାବନା ନାହିଁ । ବର୍ତ୍ତମାନ ସେ କେବଳ ଜୀବନ ରକ୍ଷାକାରୀ ଉପକରଣ ସାହାଯ୍ୟରେ ହିଁ ଜୀବିତ ଅଛନ୍ତି । ତେଣୁ ହରିଶଙ୍କର ପିତାମାତା ହିଁ କୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ ଓ ଯେହେତୁ ତାଙ୍କ ପୁଅର ଭଲ ହେବାର ଆଉ କୌଣସି ସମ୍ଭାବନା ନାହିଁ, ସେଥିପାଇଁ ତାକୁ ଇଚ୍ଛାମୃତ୍ୟୁ ଦେବା ପାଇଁ ସେମାନେ ନ୍ୟାୟାଳୟର ଅନୁମତି ଚାହିଁଥିଲେ । ମାମଲାଟିର ଶୁଣାଣି କରି ସୁପ୍ରିମକୋର୍ଟର ଜଜ୍ ଜେ.ବି. ପାରଦିୱାଲା ଓ କେ.ଭି. ବିଶ୍ୱନାଥନ୍, ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନକୁ ନିର୍ଦ୍ଦେଶ ଦେଇଛନ୍ତି କି, ହରିଶଙ୍କୁ ପାଲିଏଟିଭ୍ କେୟାରରେ ଭର୍ତ୍ତି କରାଯାଉ ଓ ବିଶେଷଜ୍ଞମାନଙ୍କର ପରାମର୍ଶକ୍ରମେ ଜୀବନ ରକ୍ଷାକାରୀ ଯନ୍ତ୍ରପାତିକୁ ପ୍ରତ୍ୟାହାର କରାଯାଉ । ପାଲିଏଟିଭ୍ କେୟାର ହେଉଛି ଏକ ପ୍ରକାରର ଉପଶମ ସୃଷ୍ଟିକାରୀ ଚିକିତ୍ସା ପଦ୍ଧତି । ସାଧାରଣତଃ ଦୁରାରୋଗ୍ୟ ବ୍ୟାଧି ଯେପରିକି କର୍କଟ, ପକ୍ଷାଘାତରେ ଏହି ପାଲିଏଟିଭ୍ ଚିକିତ୍ସା ଦରକାର ପଡ଼ିଥାଏ । ଏହାର ମୂଳ ଉଦ୍ଦେଶ୍ୟ ମୃତ୍ୟୁ ପର୍ଯ୍ୟନ୍ତ ରୋଗୀର ଜୀବନ ଧାରଣର ମାନରେ ଉନ୍ନତି ଆଣିବା ଏବଂ ଅସହନୀୟ ଯନ୍ତ୍ରଣାର ଉପଶମ ଘଟାଇବା ଇତ୍ୟାଦି । ହରିଶଙ୍କ ମାମଲାରେ ରାୟ ଦେଲାବେଳେ ଜଷ୍ଟିସ୍ ପାରଦିୱାଲା ଅତ୍ୟନ୍ତ ଭାବପ୍ରବଣ ହୋଇ କହିଛନ୍ତି କି, କୋର୍ଟଙ୍କ ପାଇଁ ମଧ୍ୟ ଏହି ମାମଲାରେ କୌଣସି ନିଷ୍କର୍ଷରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ଥିଲା କିନ୍ତୁ ଏହା ମଧ୍ୟ ଉଚିତ୍ ଯେ କୌଣସି ବ୍ୟକ୍ତି ବିଶେଷଙ୍କୁ ଅନନ୍ତ ଯନ୍ତ୍ରଣା ଦେଇ ରଖିବା ଆଦୌ ଠିକ୍ ନୁହେଁ । ଯେପରି ପ୍ରତ୍ୟେକ ବ୍ୟକ୍ତିର ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ସେହିପରି ଭାବେ ମୃତ୍ୟୁବରଣ କରିବାର ମଧ୍ୟ ଅଧିକାର ରହିଛି । ଇଚ୍ଛାମୃତ୍ୟୁକୁ ଆଇନ ସ୍ୱୀକୃତି ଦେବା ପରିପ୍ରେକ୍ଷୀରେ ଦୁଇଟି ପୁରୁଣା ମାମଲା ନଜରକୁ ଆସିଥାଏ । ଗୋଟିଏ ହେଉଛି ୨୦୧୧ ମସିହାର ଅରୁଣା ଶାନଭାଗ ମାମଲା ଓ ଅନ୍ୟଟି ୨୦୧୮ ମସିହାର ଏନ.ଜି.ଓ କମନକଜ୍ ବନାମ ଭାରତ ସଂଘ ମାମଲା । ଅରୁଣା ଶାନଭାଗ ମୁମ୍ବାଇର କେ.ଇ.ଏମ୍ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟରତ ଥିଲା ବେଳେ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିଲେ ଏବଂ ଏଥିରେ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିବା ଫଳରେ ସେ କୋମାକୁ ଚାଲିଯାଇଥିଲେ । ଏହାପରେ ପାଖାପାଖି ୪୨ ବର୍ଷ ସେ କେ.ଇ.ଏମ୍ ରେ କୋମା ଅବସ୍ଥାରେ ଚିକିତ୍ସାଧୀନ ରହିଲେ । ଅରୁଣାଙ୍କର ଏ ପରିସ୍ଥିତିକୁ ଲକ୍ଷ୍ୟ କରି ତାଙ୍କ ବନ୍ଧୁ ପିଙ୍କି ବିରାନୀ ସୁପ୍ରିମକୋର୍ଟରେ ତାଙ୍କୁ ଇଚ୍ଛାମୃତ୍ୟୁ ଦେବା ପାଇଁ ଆବେଦନ କରିଥିଲେ । କୋର୍ଟ କିନ୍ତୁ ଏହାକୁ ନାକଚ କରିଦେଇଥିଲେ ଯଦିଓ ଅତ୍ୟନ୍ତ ଦୁରାରୋଗ୍ୟ ପୀଡ଼ିତ ରୋଗୀଙ୍କୁ ଇଚ୍ଛାମୃତ୍ୟୁ ଦେବା ପାଇଁ କୋର୍ଟ ମତବ୍ୟକ୍ତ କରିଥିଲେ । କୋର୍ଟଙ୍କର ଏହି ରାୟରେ ସବୁଠାରୁ ଖୁସି ହୋଇଥିଲେ, କେ.ଇ.ଏମର ନର୍ସ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ । ମିଠା ବାଣ୍ଟି ଓ କେକ୍ କାଟି ସେମାନେ ଖୁସି ମନାଇଥିଲେ । ଏହାପରେ ଆସିବା "କମନକଜ୍ ବନାମ ଭାରତ ସଂଘ" ମାମଲାକୁ । ୨୦୧୮ ମସିହାର ଏହି କେସ୍‌ରେ ଐତିହାସିକ ରାୟ ଦେଇ ସୁପ୍ରିମକୋର୍ଟ ନିଷ୍କ୍ରିୟ (ପ୍ୟାସିଭ୍) ଇଚ୍ଛାମୃତ୍ୟୁକୁ ସାମ୍ବିଧାନିକ ମାନ୍ୟତା ଦେବା ସହ "ଲିଭିଙ୍ଗ ୱିଲ" ଚିନ୍ତାଧାରାକୁ ଅନୁମତି ଦେଲେ । "ଲିଭିଙ୍ଗ ୱିଲ" ବ୍ୟବସ୍ଥାରେ ଜଣେ ବ୍ୟକ୍ତି ବିଶେଷ ପ୍ରଥମରୁ ହିଁ ଲିଖିତ ଭାବରେ ଘୋଷଣା କରିପାରିବେ କି ଭବିଷ୍ୟତରେ ଯଦି ସେ କୌଣସି ଅସାଧ୍ୟ ରୋଗ କିମ୍ବା ଏପରି କୌଣସି ପରିସ୍ଥିତିର ଶିକାର ହେବେ, ଯାହାଦ୍ୱାରା ତାଙ୍କର ସାଧାରଣ ଭାବରେ ଜୀବନ ଯାପନ କରିବାର ସମ୍ଭାବନା ସମାପ୍ତ ହୋଇଯିବ, ତାହା ହେଲେ ତାଙ୍କ ଘୋଷଣା ମୁତାବକ ତାଙ୍କୁ ଜୀବନ ରକ୍ଷାକାରୀ ପ୍ରଣାଳୀ ସହଯୋଗରେ ଜୀବିତ ରଖାଯିବ ନାହିଁ । ଇଚ୍ଛାମୃତ୍ୟୁର ବିଚାର ସମ୍ବିଧାନର ଅନୁଚ୍ଛେଦ- ୨୧ ସମ୍ପର୍କିତ ଅଟେ । ଏହି ଅନୁଚ୍ଛେଦଟି ଭାରତର ପ୍ରତ୍ୟେକ ନାଗରିକକୁ ବଞ୍ଚିବାର ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଥାଏ । ସମୟକ୍ରମେ ନ୍ୟାୟପାଳିକା ଏହି ଅନୁଚ୍ଛେଦର ପରିସରକୁ ବ୍ୟାପକ କରିବା ସହ ସମ୍ମାନପୂର୍ଣ୍ଣ ଜୀବନକୁ ମଧ୍ୟ ଏହା ସହ ଯୋଡ଼ିଛନ୍ତି, ଯାହା ଇଚ୍ଛାମୃତ୍ୟୁକୁ ଏହାର ପରିସରଭୁକ୍ତ କରୁଛି । ହରିଶ ରାଣା ମାମଲା ନ୍ୟାୟାଳୟ ସମ୍ମୁଖରେ କେବଳ ଗୋଟିଏ ଆଇନଗତ ସମସ୍ୟା ହୋଇ ରହିନଥିଲା । ବରଂ ଏହା ଥିଲା ଗୋଟିଏ ପରିବାରର ଦୁଃଖ ଓ କଷ୍ଟ, ଜଣେ ଯୁବକର ଆଶାହୀନ, ଦିଶାହୀନ ଭବିଷ୍ୟତ ଏବଂ ଡାକ୍ତରୀ ବିଦ୍ୟାର ସୀମା । ଏସବୁକୁ ବିଚାରକୁ ନେଇ କୋର୍ଟ ନିଷ୍ପତ୍ତି ଶୁଣାଇଛନ୍ତି । ଚିକିତ୍ସା ସେବାର ବ୍ୟାପକ ଉନ୍ନତି ହେତୁ ଆଜି ଭାରତର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅଧିକାଂଶ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି । ଅଧିକାଂଶ ମୃତ୍ୟୁ ମଧ୍ୟ ସେଠାରେ ହିଁ ହେଉଛି । ରୋଗୀଟିଏ ଦୁଃସାଧ୍ୟ ରୋଗରେ ପୀଡ଼ିତ ହେବା ପରେ ଏବଂ ଭଲ ହେବାର କୌଣସି ସମ୍ଭାବନା ନଥିଲେ ମଧ୍ୟ ତା'ର ଜ୍ଞାତିଜନ ସେବା ଅବ୍ୟାହତ ରଖୁଛନ୍ତି । ଏହାର କାରଣ ପରିବାରବର୍ଗ ଭାବୁଛନ୍ତି ଯେ, ରୋଗୀଟିର ସେବା ନ କରିବା ନୈତିକତା ଦୃଷ୍ଟିରୁ ଅନୁଚିତ ଏବଂ ସାମାଜିକତା ଦୃଷ୍ଟିରୁ ମଧ୍ୟ ସେମାନଙ୍କ ଉପରେ ଅପବାଦ ଲାଗିବ । ଏହାଦ୍ୱାରା ଆର୍ଥିକ ଦୃଷ୍ଟିକୋଣରୁ ସେମାନେ ବେଶ୍ ଅସୁବିଧାରେ ପଡୁଛନ୍ତି । ସହଜେ ରୋଗୀଟି ମଧ୍ୟ କଷ୍ଟ ଯନ୍ତ୍ରଣାରେ ହନ୍ତସନ୍ତ ହେଉଛି । ଆହୁରି ମଧ୍ୟ ଭାରତର ଡାକ୍ତରଖାନାମାନଙ୍କରେ ସାଧାରଣ ଶଯ୍ୟାଠାରୁ ଆଇ.ସି.ୟୁ. ପର୍ଯ୍ୟନ୍ତ ବ୍ୟବସ୍ଥାର ଅଭାବ ଲାଗିରହିଛି । ଆଶାହୀନ ରୋଗୀମାନେ ଶଯ୍ୟା ଓ ଆଇ.ସି.ୟୁ. ଆଦିରେ ରହିଲେ ତାହା ଆଶାବାନ୍ ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ସ୍ୱାଭାବିକ । ଏମିତିରେ ବି ଯେତେ ପର୍ଯ୍ୟନ୍ତ ବ୍ୟକ୍ତି ଜୀବନ ରକ୍ଷାକାରୀ ପ୍ରଣାଳୀ ବ୍ୟବହାର କରିବ ନାହିଁ ବୋଲି ଲିଖିତ ଭାବରେ ଦେଇନାହିଁ, ତା'ର ପରିବାରବର୍ଗ ସେ ଦିଗରେ ଅଗ୍ରସର ହୋଇପାରିବେ ନାହିଁ, ତେଣୁ ଏ ଦିଗରେ "ଲିଭିଙ୍ଗ ୱିଲ" ଗୋଟିଏ ଭଲ ବ୍ୟବସ୍ଥା ।

ଏହି ରାୟଟି ଭାରତୀୟ ସମାଜ ସମ୍ମୁଖରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ଉତ୍‌ଥାପନ କରିଛି କି, ଜୀବନ କ'ଣ କେବଳ ନିଃଶ୍ୱାସ ପ୍ରଶ୍ୱାସର ନିରନ୍ତରତାରେ ସୀମିତ ନା ସେଥିରେ ମାନବୀୟ ସମ୍ମାନ ଓ କଷ୍ଟରୁ ମୁକ୍ତିର ମଧ୍ୟ ସ୍ଥାନ ରହିଛି । କୋର୍ଟ ନିଜ ରାୟରେ ଏହା ସ୍ପଷ୍ଟ କରିଦେଇଛନ୍ତି କି, ସମ୍ବିଧାନ ମାନବତାର ସମ୍ମାନକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଥାଏ । ଏହି ନିର୍ଣ୍ଣୟ ମଧ୍ୟ ଭାରତୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିଛି ସଂସ୍କାରର ଆବଶ୍ୟକତାକୁ ପୁଣି ଥରେ ଦୋହରାଇଛି । ତାହା ହେଉଛି, ଆଜି ବି କର୍କଟ, ଗମ୍ଭୀର ଦୁର୍ଘଟଣା, ପକ୍ଷାଘାତରେ ପୀଡ଼ିତ ଶହଶହ ରୋଗୀ ପାଲିଏଟିଭ୍ କେୟାର୍ ପାଇପାରୁନାହାନ୍ତି । ଅସହ୍ୟ ରୋଗ ଯନ୍ତ୍ରଣା ଓ ମାନସିକ ଯନ୍ତ୍ରଣାରେ ସେମାନେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି । ତେଣୁ ବ୍ୟାପକ ଭାବରେ ପାଲିଏଟିଭ୍ କେୟାର୍ ଯୋଗାଇ ଦିଆଗଲେ, ରୋଗୀମାନେ କିଛି ମାତ୍ରାରେ ସାଷ୍ଟାମ ହେବା ସହ ତାଙ୍କ ପରିବାରବର୍ଗ ମଧ୍ୟ ଆସ୍ୱସ୍ତ ହୋଇପାରନ୍ତେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# କେଉଁ ଡାଲିରେ ରହିଛି ସବୁଠୁ ଅଧିକ ପ୍ରୋଟିନ୍ ?



ଶରୀରକୁ ଶକ୍ତିଶାଳୀ କରିବା, ମାଂସପେଶୀର ସଠିକ୍ କାର୍ଯ୍ୟକ୍ଷମତା ବଜାୟ ରଖିବା ଏବଂ ଦିନସାରା ଶକ୍ତି ବଜାୟ ରଖିବା ପାଇଁ ପ୍ରୋଟିନ୍ ଗ୍ରହଣ ଅତ୍ୟନ୍ତ ଜରୁରୀ। ଡାଲି, ଯାହା ସାଧାରଣତଃ ଦୈନନ୍ଦିନ ଖାଦ୍ୟରେ ବ୍ୟବହୃତ ହୁଏ, ତାହା ପ୍ରୋଟିନର ଉତ୍କୃଷ୍ଟ ଉତ୍ସ। ତଥାପି, ପ୍ରାୟତଃ ପ୍ରଶ୍ନ ଉଠେ, କେଉଁ ଡାଲିରେ ସର୍ବାଧିକ ପ୍ରୋଟିନ୍ ଥାଏ ଏବଂ କେଉଁ ଡାଲି ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଉଚିତ। ଆସନ୍ତୁ ଜାଣିବା ସେ ବିଷୟରେ ।

କୋଳଥ ଡାଲି: କୋଳଥ ଡାଲି ପ୍ରୋଟିନର ଏକ ଉତ୍କୃଷ୍ଟ ଉତ୍ସ। ପ୍ରତି ୧୦୦ ଗ୍ରାମ ଡାଲିରେ ପ୍ରାୟ ୨୨ ରୁ ୨୪ ଗ୍ରାମ ପ୍ରୋଟିନ ଥାଏ। ପ୍ରୋଟିନ ବ୍ୟତୀତ, ଏଥିରେ ଫାଇବର, ଆଇରନ ଏବଂ କ୍ୟାଲସିୟମ ମଧ୍ୟ ଭରପୂର ରହିଥାଏ। ଯାହା ଓଜନ କମାଇବା ଏବଂ କିଡ୍ନୀ ଷ୍ଟୋନ୍ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ବିରି ଡାଲି: ବିରି ଡାଲି ପ୍ରୋଟିନର ଏକ ବଡ ଉତ୍ସ। ପ୍ରତି ୧୦୦ ଗ୍ରାମ ଡାଲିରେ ପ୍ରାୟ ୨୫ ଗ୍ରାମ ପ୍ରୋଟିନ ଥାଏ, ଯାହା ମାଂସପେଶୀ ଗଠନ ଏବଂ ଶକ୍ତି ପ୍ରଦାନ କରିବାରେ ସାହାଯ୍ୟ କରେ। ମସୁର ଏବଂ ମୁଗ ଡାଲି: ମସୁର ଏବଂ ମୁଗ ଡାଲି ମଧ୍ୟ ପ୍ରୋଟିନରେ ଭରପୂର। ଏହି ଦୁଇଟି ଡାଲି ହାଲୁକା ଏବଂ ସହଜରେ ହଜମ ହୋଇଯାଏ, ତେଣୁ ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଲାଭଦାୟକ।

ହରଡ ଡାଲି: ହରଡ ଡାଲି ପ୍ରୋଟିନର ଏକ ଉତ୍କୃଷ୍ଟ ଉତ୍ସ, ଯେଉଁଥିରେ ପ୍ରାୟ ୨୦-୨୫ ପ୍ରତିଶତ ପ୍ରୋଟିନ ଥାଏ। ଏଥିରେ ଫାଇବର, ଆଇରନ୍, ଫୋଲେଟ୍ ଏବଂ ମ୍ୟାଗ୍ନେସିୟମ୍ ମଧ୍ୟ ଭରପୂର ରହିଥାଏ। ନିୟମିତ ସେବନ ହଜମ, ଶକ୍ତି ଏବଂ ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ।

ଆପଣ ପ୍ରତିଦିନ ଅତି କମରେ ଗୋଟିଏ ଗିନା ଡାଲି ଖାଇବା ଉଚିତ। ବିଭିନ୍ନ ମିଶ୍ରିତ ଡାଲି ମଧ୍ୟ ଖାଇ ପାରିବେ, ଯାହା ଶରୀରକୁ ବିଭିନ୍ନ ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଥିସହିତ ଗଜା ହୋଇଥିବା ଡାଲି ଖାଇବା ମଧ୍ୟ ଅତ୍ୟନ୍ତ ଲାଭଦାୟକ, କାରଣ ଏହା ପ୍ରୋଟିନ୍ ଗୁଣବତ୍ତା ଏବଂ ପାଚନ କ୍ଷମତା ଉଭୟକୁ ଉନ୍ନତ କରେ। ଯଦି ଆପଣ ଶରୀରକୁ ଫିଟ୍, ସବଳ ଏବଂ ଶକ୍ତିଶାଳୀ ରଖିବାକୁ ଚାହାଁନ୍ତି, ତେବେ ଡାଲିକି ଆପଣଙ୍କ ଦୈନନ୍ଦିନ ଖାଦ୍ୟର ଏକ ଅଂଶ କରନ୍ତୁ। ସଠିକ୍ ଡାଲି ବାଛିବା ଏବଂ ସନ୍ତୁଳିତ ପରିମାଣରେ ସେବନ କରିବା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରହିବାରେ ସାହାଯ୍ୟ କରିବ।

# ଘରେ ଏମିତି କାମ କରନ୍ତୁ ନାହିଁ ନାହିଁ ତ ବଡ଼ ସଙ୍କଟରେ ପଡ଼ି ପାରନ୍ତି

ବାସ୍ତୁଶାସ୍ତ୍ରକୁ ଭାରତୀୟ ସଂସ୍କୃତିରେ ଘର ଓ ଜୀବନର ଶକ୍ତିକୁ ସନ୍ତୁଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ମନାକରାଯାଉଛି। ମାନ୍ୟତା ଅନୁସାରେ, ଘରେ ସକାରାତ୍ମକ ଶକ୍ତିର ପ୍ରବାହ ବ୍ୟକ୍ତିର ସୁଧ ସମୃଦ୍ଧି, ପ୍ରଗତି ଓ ଆର୍ଥିକ ସ୍ଥିତିକୁ ଦୃଢ କରେ। ଅନ୍ୟପଟେ ଅଜାଣତରେ କରିଥିବା କିଛି ଛୋଟ ଛୋଟ ଭୁଲ ଆର୍ଥିକ ସମସ୍ୟା, ଋଣ ଓ ମାନସିକ ଦୁଃଶ୍ଚିନ୍ତାର କାରଣ ହୋଇପାରେ। ଆସନ୍ତୁ ବାସ୍ତୁ ହିସାବରେ ଜାଣିବା ଏମିତି ସାଧାରଣ ଭୁଲ ବିଷୟରେ, ସାହାଯ୍ୟ ସମୟ ପୂର୍ବରୁ ସୁଧାରି ନେବା ନିହାତି ଜରୁରୀ।

ଘରର ମୁଖ୍ୟ ଦ୍ୱାରା ମାଆ ଲକ୍ଷ୍ମୀଙ୍କର ପ୍ରବେଶ ଦ୍ୱାରା ଭାବେ ମନେକରାଯାଏ। ଯଦି ଆପଣଙ୍କ ଘରର ମେନ୍ ଗେଟ୍‌ରେ ସନ୍ଧ୍ୟା ସମୟରେ ଅନ୍ଧାର ରହେ, ତ ଏହା ନକାରାତ୍ମକତାକୁ ନିମନ୍ତ୍ରଣ କରେ।

ଆଜିକାଲିର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଲୋକେ ଅନେକ ସମୟରେ ରାତିର ବାସନକୁ ସକାଳେ ଧୋଇବା ପାଇଁ ଛାଡ଼ି ଦେଇ ଥାନ୍ତି। ବାସ୍ତୁଶାସ୍ତ୍ର ଅନୁସାରେ, ରୋଷେଇରେ ଅଇଁଠା ବା ମଇଳା ବାସନ କୁସନ ଛାଡ଼ିବାରେ ମାଆ ଅନ୍ନପୂର୍ଣ୍ଣ ଅଶାନ୍ତି ହୋଇଥାନ୍ତି। ଘରେ ଦରିଦ୍ରତା ବାସ କରିବା ଆରମ୍ଭ କରେ। ଯଦି ଆପଣଙ୍କ ଘରର କୌଣସି ଟ୍ୟାପ୍ ଝରୁଥାଏ, ତ ଏହାକୁ ବାସ୍ତୁରେ ଖୁବ୍ ଅଶୁଭ ମନେକରାଯାଏ। ଟ୍ୟାପରୁ ଝରୁ ଥିବା ପାଣି ଧିରେ ଧିରେ ଧନର ନଷ୍ଟର ପ୍ରତୀକ ମନେକରାଯାଏ। ଘରର ଉତ୍ତର-ପୂର୍ବ ଦିଗକୁ ଦେବୀଦେବତାଙ୍କ ସ୍ଥାନ ମନେକରାଯାଏ। ଏହି ଦିଗରେ ଓଜନିଆ ଜିନିଷ, ଅଦରକାରୀ ଜିନିଷ କିମ୍ବା ଜୋତା ଚପଲ ରଖିବା ସମୃଦ୍ଧିର ରାସ୍ତାକୁ ବନ୍ଦ କରିଦିଏ। ଘରେ ବନ୍ଦ ପଡ଼ିଥିବା ଘଣ୍ଟା ଆପଣଙ୍କ ସମୟ(ଭାଗ୍ୟ)କୁ ମଧ୍ୟ ରୋକି ଦେଇଥାଏ। ଏହିପରି ଭଙ୍ଗା କାଚ କିମ୍ବା ଫାଟି ଯାଇଥିବା ବାସନକୁସନ ଘରେ ନକାରାତ୍ମକ ଶକ୍ତି ପ୍ରସାର କରେ, ଯେଉଁଥିରେ ଆର୍ଥିକ ହାନି ହୋଇ ଥାଏ। ଧାର୍ମିକ ଓ ବାସ୍ତୁ ମାନ୍ୟତା ଅନୁସାରେ, ସୂର୍ଯ୍ୟାସ୍ତ ସମୟ କିମ୍ବା ଏହାପରେ ଘରେ ଝାଡୁ କରିବା ଉଚିତ୍ ନୁହେଁ। କୁହାଯାଏ କି ଏମିତି କରିବା ଗ୍ୱାରା ଘରର ଲକ୍ଷ୍ମୀ ବାହାରକୁ ଚାଲି ଯାନ୍ତି।

# ରକ୍ତ ଗ୍ଲୁକୋଜ ୧୨୬ ଏମ୍‌ଜି/ଡିଏଲ ଛୁଇଁଲେ ଅଙ୍ଗଗୁଡ଼ିକର କ୍ଷତି ହୁଏ କି ? ଜାଣନ୍ତୁ କ'ଣ କୁହନ୍ତି ଡାକ୍ତର



କ'ଣ ରକ୍ତରେ ଶର୍କରା ସ୍ତର ୧୨୬ ଏମ୍‌ଜି / ଡିଏଲରେ ପହଞ୍ଚିବା ପରେ ଅଙ୍ଗର କ୍ଷତି ଆରମ୍ଭ ହୁଏ ? ଏହାର ସଠିକ୍ ଉତ୍ତର ଦେଇଛନ୍ତି କଓଗଝ ହସ୍ପିଟାଲର ମଧୁମେହ ବିଭାଗର ମୁଖ୍ୟ ଡାକ୍ତର ବିଜୟ ନେଗଲୁ। ସେ କହିଛନ୍ତି ଏହା ଆଦୌ ନୁହେଁ। ଡାକ୍ତର ନେଗଲୁ କହିଛନ୍ତି, ଯଦିଓ ମଧୁମେହ ନିର୍ଣ୍ଣୟ ପାଇଁ ରକ୍ତ ଶର୍କରା ସ୍ତର ୧୨୬ ଏମ୍‌ଜି/ ଡିଏଲ ଏକ ସୀମା ଭାବରେ ବ୍ୟବହୃତ ହୁଏ, କିନ୍ତୁ ଏହା ସେହି ସୀମା ନୁହେଁ ଯାହା ପରେ ଶରୀରର କ୍ଷତି ଆରମ୍ଭ ହୁଏ। ମଣିଷର ମେଟାବୋଲିଜିମ୍ ସେପରି କାମ କରେ ନାହିଁ, ଯେଉଁଠାରେ ନିର୍ଦ୍ଦିଷ୍ଟ ରକ୍ତ ଶର୍କରା ସ୍ତର ଏକ ସ୍ୱିଚ୍ ଭାବରେ କାର୍ଯ୍ୟ କରେ ଯାହା ପରେ କ୍ଷତି ଆରମ୍ଭ ହୁଏ। କ୍ଷତି ଧୀରେ ଧୀରେ ସମୟ ସହିତ ହୋଇଥାଏ। ଡାକ୍ତରଙ୍କ ଅନୁସାରେ, ଯଦି ଗ୍ଲୁକୋଜ୍ ସ୍ତର ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ରହିଥାଏ, ତେବେ ଏହା ଛୋଟ ରକ୍ତବାହୀ ନଳୀ ଏବଂ ସ୍ନାୟୁଗୁଡ଼ିକୁ ପ୍ରଭାବିତ କରିପାରେ, ଯାହା ଫଳସ୍ୱରୂପ ଆଖି, ବୃକକ୍ ଏବଂ ହୃଦୟ ଭଳି ଅଙ୍ଗଗୁଡ଼ିକୁ ପ୍ରଭାବିତ କରିପାରେ। ଏହା ନିଶ୍ଚିତ ଭାବରେ ଗ୍ଲୁକୋଜ୍ ସ୍ତର, ଉଚ୍ଚ ଗ୍ଲୁକୋଜ୍ ସ୍ତରର ଅବଧି ଏବଂ ବ୍ୟକ୍ତିର ସ୍ୱାସ୍ଥ୍ୟ ସ୍ଥିତି ଉପରେ ନିର୍ଭର କରେ।

ଖାଲି ପେଟରେ ରକ୍ତ ଶର୍କରା ସ୍ତର ୯୦ ଏମ୍‌ଜି/ ଡିଏଲ ସାଧାରଣ ପରିସର ମଧ୍ୟରେ ଅଛି ଏବଂ ଏହା ସୂଚାଇଥାଏ ଯେ ଆପଣଙ୍କର ଗ୍ଲୁକୋଜ୍ ସ୍ତର ନିୟନ୍ତ୍ରଣରେ ଅଛି। ଡକ୍ଟର ନେଗଲୁ ସ୍ପଷ୍ଟ କରିଛନ୍ତି, ଖାଲି ପେଟ ଶର୍କରାର ସ୍ତର ୧୧୦ ଏମ୍‌ଜି/ ଡିଏଲ ହେବା ଏହା ସଙ୍କେତ ଦେଇଥାଏ ଯେ ଆପଣଙ୍କ ଶରୀର ପ୍ରି-ଡାଇବେଟିସ୍ ଅବସ୍ଥାରେ ଅଛି, ଯାହା ସାଧାରଣତଃ ୧୦୦ ରୁ ୧୨୫ ଏମ୍‌ଜି/ ଡିଏଲ ମଧ୍ୟରେ ଥାଏ। ଏହାର ଅର୍ଥ ନୁହେଁ ଯେ ୧୧୦ ଏମ୍‌ଜି/ ଡିଏଲ ରହିବା ଦ୍ୱାରା ଆପଣଙ୍କ ଶରୀରରେ ତୁରନ୍ତ ଜଟିଳତା ସୃଷ୍ଟି କରିବ। ତଥାପି, ଏହା ସୂଚାଇପାରେ ଯେ ଆପଣଙ୍କ ଶରୀର ଇନସୁଲିନ୍ ପ୍ରତିରୋଧର ଲକ୍ଷଣ ଦେଖାଇବା ଆରମ୍ଭ କରିଛି। ଯଦିଓ ଆପଣଙ୍କ ଶରୀର ଏହି ସମୟରେ ଗ୍ଲୁକୋଜ୍ ସ୍ତରକୁ ନିୟନ୍ତ୍ରଣ କରିବାକୁ ସକ୍ଷମ, ତଥାପି ଏଥିପାଇଁ ଏହାକୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

# ଆପଣଙ୍କ ଘରେ ବଢ଼ୁଛି କି ମୂଷାଙ୍କ ଉତ୍ପାତ, ଭଗେଇବା ପାଇଁ ଆପଣାନ୍ତୁ ଏହି ଘରୋଇ ସରଳ ଉପାୟ



ଘରେ ମୂଷାଙ୍କ ଉପଦ୍ରବ ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର ଏକ ବଡ କାରଣ। ମୂଷା ମାନେ କେବଳ ମୂଲ୍ୟବାନ ପୋଷାକ ଏବଂ ଶସ୍ୟକୁ କାମୁଡ଼ି ନଷ୍ଟ କରନ୍ତି ନାହିଁ, ବରଂ ରୋଗ ମଧ୍ୟ ବ୍ୟାପାନ୍ତି। କେତେକ ସମୟରେ କିଛି ଲୋକ ମୂଷାକୁ ମାରିବା ବଦଳରେ ସେମାନଙ୍କୁ ଭଗେଇ ଦେବାକୁ ଚାହିଁଥାନ୍ତି । ଯଦି ଆପଣ ମଧ୍ୟ ଏହି ମୂଷା ସମସ୍ୟା ସହିତ ସଂଘର୍ଷ କରୁଛନ୍ତି, ତେବେ ୟୁଟ୍ୟୁବର ନୀତିନ ଭରଦ୍ୱାଜଙ୍କ ଦ୍ୱାରା ସେୟାର କରାଯାଇଥିବା ତାରପିନ୍ ତେଲ ରେସିପି ଆପଣାଇବା ଆବଶ୍ୟକ। ଏହି ପଦ୍ଧତିରେ ମୂଷାକୁ ମାରିବା କିମ୍ବା ଫାଶରେ ପକାଇବା ଆବଶ୍ୟକ ନାହିଁ। ଏହି ସ୍ୱତନ୍ତ୍ର ତେଲର ତୀବ୍ର ଗନ୍ଧ ମୂଷା ମାନଙ୍କୁ ଆପଣଙ୍କ ଘରୁ ପଳାଇଯିବାକୁ ସାହାଯ୍ୟ କରିବ। ନୀତିନ ଭରଦ୍ୱାଜ ଏହାକୁ ବ୍ୟବହାର କରିବା ପାଇଁ କେବଳ ଗୋଟିଏ ନୁହେଁ ଦୁଇଟି ପଦ୍ଧତି ବର୍ଣ୍ଣନା କରିଛନ୍ତି। ଆପଣ ଆପଣଙ୍କ ଆବଶ୍ୟକତା ଅନୁଯାୟୀ ଯେକୌଣସି ପଦ୍ଧତି ବ୍ୟବହାର କରିପାରିବେ । ମୂଷାକୁ ଘଉଡ଼ାଇବା ପାଇଁ ଏହି ଘରୋଇ ଉପଚାର ପାଇଁ, ଆପଣଙ୍କୁ ପ୍ରଥମେ ତାରପିନ୍ ତେଲ କିଣିବାକୁ ପଡିବ। ଆପଣ ଏହି ତେଲ ଯେକୌଣସି ପୁରୁଣା ଗ୍ରୋସରି ଦୋକାନ, ହାର୍ଡୱେର୍ ଦୋକାନ କିମ୍ବା ରଙ୍ଗ ଦୋକାନରେ ସହଜରେ ଏବଂ ଶସ୍ତାରେ ପାଇପାରିବେ। ନିଶ୍ଚିତ କରନ୍ତୁ ଯେ ଆପଣ କେବଳ ଭଲ ଗୁଣବତ୍ତାର, ଶୁଦ୍ଧ ତାରପିନ୍ ତେଲ ବ୍ୟବହାର କରୁଛନ୍ତି, କାରଣ ଏହାର ଗନ୍ଧ ଯେତେ ତୀବ୍ର ହେବ, ମୂଷା ଗୁଡ଼ିକ ଆପଣଙ୍କ ଘରୁ ସେତେ ଶୀଘ୍ର ପଳାଇଯିବେ। ତାରପିନ୍ ତେଲ ବ୍ୟବହାର କରିବାର ପ୍ରଥମ ଏବଂ ସହଜ ଉପାୟ ହେଉଛି ଏହାକୁ ସ୍ପ୍ରେ କରିବା। ଏଥିପାଇଁ, ବଜାରରୁ ଏକ ସାଧାରଣ ସ୍ପ୍ରେ ବୋତଲ କିଣନ୍ତୁ କିମ୍ବା ଘରେ ଏକ ପୁରୁଣା ସ୍ପ୍ରେ ବୋତଲକୁ ଭଲଭାବରେ ସଫା କରନ୍ତୁ। ଏହାକୁ ତାରପିନ୍ ତେଲରେ ପୂର୍ଣ୍ଣ କରନ୍ତୁ। ଏବେ ଏହି ତେଲକୁ ସିଧାସଳଖ ଘରର କୋଣରେ ସ୍ପ୍ରେ କରନ୍ତୁ, ଯେପରିକି ସିଙ୍କ୍ ତଳେ, ସୋଫା ପଛରେ, କିମ୍ବା ଆଲମାରୀରେ, ଯେଉଁଠାରେ ମୂଷାମାନେ ପ୍ରାୟତଃ ରାତିରେ ଲୁଚି ରୁହନ୍ତି କିମ୍ବା ଘୁରି ବୁଲନ୍ତି। ଯଦି ଆପଣ ଖୋଲାଖୋଲି ତେଲ ସ୍ପ୍ରେ କରିବାକୁ ଚାହାଁନ୍ତି ନାହିଁ, ତେବେ ଅନ୍ୟ ଏକ ପଦ୍ଧତି ସର୍ବୋତ୍ତମ। କପା ନିଅନ୍ତୁ ଏବଂ ଏହାକୁ ବଡ଼ ବଲ କରି ଗଡ଼ାନ୍ତୁ। ଏହି କପା ବଲ ଗୁଡ଼ିକୁ ତାରପିନ୍ ତେଲରେ ଭଲଭାବରେ ବୁଡ଼ାନ୍ତୁ ଯାହା ଦ୍ୱାରା ସେଗୁଡ଼ିକ ତେଲକୁ ସମ୍ପୂର୍ଣ୍ଣ ଶୋଷି ପାରିବେ। ଏହି ଭିଜାତୁଳା ମୂଷା ମାନଙ୍କୁ ଘଉଡ଼ାଇବାରେ ସବୁଠାରୁ ପ୍ରଭାବଶାଳୀ ପ୍ରମାଣିତ ହୁଏ। ଏବେ ଏହି ତେଲରେ ଭିଜା କପା ବଲ ଗୁଡ଼ିକୁ ଘରର ସମସ୍ତ ସ୍ଥାନରେ ରଖନ୍ତୁ ଯେଉଁଠାରେ ମୂଷାମାନେ ଆକ୍ରମଣ କରିବାର ସମ୍ଭାବନା ଅଧିକ ଥାଏ, ଯେପରିକି ଗ୍ୟାସ୍ ସିଲିଣ୍ଡର ପଛରେ, ୱାଶବେସିନ୍ ତଳେ ପାଇପ୍, ଷ୍ଟୋର୍ ରୁମ୍, ଆଲମାରୀ ଉପରେ ଏବଂ ପରଦା ପଛରେ। ଯେତେବେଳେ ମୂଷା ରାତିରେ ବାହାରକୁ ଆସି ପବନରେ ଟର୍ପେଣ୍ଟାଇନ୍ ତେଲର ତୀବ୍ର ଗନ୍ଧ ପାଆନ୍ତି, ସେମାନେ ସେହି ଅଞ୍ଚଳରେ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ରହିବାକୁ ଚାହିଁବେ ନାହିଁ।

# ଆମାଜନରେ ବିକ୍ରି ହେଉଛି 'ବିଷ': ଓଜନ କମାଇବା ସପ୍ଲିମେଣ୍ଟକୁ ନେଇ ଏଫଡିଏ ବଡ଼ ଚେତାବନୀ

ଯଦି ଆପଣ ଓଜନ କମାଇବା ପାଇଁ ଅନଲାଇନରୁ କୌଣସି ସପ୍ଲିମେଣ୍ଟ କିଣୁଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ । ଆମେରିକୀୟ ସ୍ୱାସ୍ଥ୍ୟ ସଂସ୍ଥା ଋଉଇ ନିକଟରେ ୨୯ ପ୍ରକାରର ସପ୍ଲିମେଣ୍ଟକୁ ନେଇ ଏକ ବଡ଼ ଚେତାବନୀ ଜାରି କରିଛି । ଆମାଜନ, ଇ-ବେ ଏବଂ ଏଟସି ଭଳି ପ୍ଲାଟଫର୍ମରେ ବିକ୍ରି ହେଉଥିବା ଏହି ସପ୍ଲିମେଣ୍ଟଗୁଡ଼ିକରେ ପ୍ରାଣଘାତୀ ବିଷାକ୍ତ ତତ୍ତ୍ୱ ଥିବା ଜଣାପଡ଼ିଛି । ଏହି ସପ୍ଲିମେଣ୍ଟରେ କ'ଣ ରହିଛି ଆସନ୍ତୁ ଜାଣିବା । ମିଳିଥିବା ସୂଚନା ଅନୁଯାୟୀ, ଏହି ସପ୍ଲିମେଣ୍ଟଗୁଡ଼ିକ ନିଜକୁ 'ତେଜୋକୋଟେ ରୁଟ୍' କିମ୍ବା 'ବ୍ରାଜିଲ ସିଡ୍' କହି ବିକ୍ରି କରାଯାଉଥିଲା । କିନ୍ତୁ ଲ୍ୟାବ୍ ପରୀକ୍ଷାରୁ ଜଣାପଡ଼ିଛି ଯେ, ଏଥିରେ 'ୟେଲୋ ଓଲିଏଣ୍ଡର' ନାମକ ଏକ ଅତ୍ୟନ୍ତ ବିଷାକ୍ତ ଗଛ ମିଶାଯାଇଛି । ୟେଲୋ ଓଲିଏଣ୍ଡ ଏକ ପ୍ରକାର କନିଅର ଜାତୀୟ ଗଛ, ଯାହାର ସେବନ ଶରୀର ପାଇଁ ଘାତକ ହୋଇପାରେ । ଏହି ବିଷାକ୍ତ ସପ୍ଲିମେଣ୍ଟ ସେବନ କଲେ ହୃଦୟ ଜନିତ ସମସ୍ୟା ଯେପରିକି ହାର୍ଟ ଆଟାକ୍ ବା କାର୍ଡିଆକ୍ ଆରେଷ୍ଟର ଭୟ ଥାଏ । ମୁଣ୍ଡ ବୁଲାଇବା ଏବଂ ମାନସିକ ଦ୍ୱନ୍ଦ୍ୱ ଭଳି ସମସ୍ୟା ଦେଖାଦେଇପାରେ । ଭୟଙ୍କର ପେଟ ଯନ୍ତ୍ରଣା ହେବା ସହ ବାନ୍ତି ଏବଂ ଝାଡ଼ା ବି ହୋଇପାରେ ।

ଜାଣିବାକୁ ମିଳିଛି ଯେ, ୟେଲୋ ଓଲିଏଣ୍ଡର ସେବନ କଲେ ଭୋକ କମିଯାଏ ଏବଂ ବାନ୍ତି-ଝାଡ଼ା ହୋଇଥାଏ, ଯାହାଦ୍ୱାରା ଓଜନ ଶୀଘ୍ର କମିଥିବା ପରି ମନେହୁଏ । କିନ୍ତୁ ଏହା ଓଜନ କମାଇବାର ସଠିକ୍ ପ୍ରକ୍ରିୟା ନୁହେଁ, ବରଂ ଏକ ପ୍ରାଣଘାତକ ପଦକ୍ଷେପ ।

ଯଦି ଆପଣ ଏହି ସପ୍ଲିମେଣ୍ଟ ବ୍ୟବହାର କରୁଛନ୍ତି, ତେବେ ତୁରନ୍ତ ବନ୍ଦ କରନ୍ତୁ । ଏହି ଔଷଧଗୁଡ଼ିକୁ ନଷ୍ଟ କରିଦିଅନ୍ତୁ । ଯଦି କୌଣସି ଲକ୍ଷଣ ଦେଖାଯାଉ ନାହିଁ, ତଥାପି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଗୁରୁତର ଅନୁଭବ କଲେ ବିଳମ୍ବ ନକରି ଡାକ୍ତରଖାନାକୁ ଯାଆନ୍ତୁ। ଅନେକ କମ୍ପାନୀ ସେମାନଙ୍କ ଉତ୍ପାଦ ବଜାରରୁ ଫେରାଇ ନେଉଥିବା ବେଳେ, ଅନ୍ୟ କିଛି କମ୍ପାନୀ ଏହାକୁ ଫେରାଇ ନେବାକୁ ଅରାଜି । ତେଣୁ ଗ୍ରାହକମାନେ ନିଜେ ସଚେତନ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ଝାଳ ବାହାରିବା ଭଲ



ଝାଳ ବାହାରିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା, ଯାହା ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ସହ ଆମକୁ ସୁସ୍ଥ ରଖିଥାଏ। ତେବେ ଏହା ଆମେ ଜାଣିବା ଦରକାର ଯେ, ଆମ ଶରୀରରୁ କେତେ ଝାଳ ବାହାରିବା ଉଚିତ। ଝାଳ ହେଉଛି ଗ୍ରନ୍ଥିରୁ ନିର୍ଗତ ଏକ ଲୁଣଯୁକ୍ତ ତରଳ ପଦାର୍ଥ, ଯାହା ଚର୍ମରୁ ବାଷ୍ପୀଭୂତ ହୋଇ ଶରୀରକୁ ଥଣ୍ଡା କରିଥାଏ। ଉତ୍ପାଦିତ ଝାଳର ପରିମାଣ ଶାରୀରିକ କାର୍ଯ୍ୟକଳାପ, ପାଣିପାଗ, ଉଚ୍ଚଚାପ ଓ ମେଦ ବହୁଳତା ଉପରେ ନିର୍ଭର କରିଥାଏ।

ଯେତେବେଳେ ଶରୀର ଭିତରେ କିମ୍ବା ବାହାରେ ତାପମାତ୍ରା ବୃଦ୍ଧି ପାଏ, ସ୍ୱୟଂଚାଳିତ ସ୍ନାୟୁ ପ୍ରଣାଳୀ ଝାଳଗ୍ରନ୍ଥିକୁ ସକ୍ରିୟ କରିଥାଏ। ଏହି ଗ୍ରନ୍ଥିଗୁଡ଼ିକ ଚର୍ମ ମାଧ୍ୟମରେ ତରଳ ପଦାର୍ଥ ମୁକ୍ତ କରନ୍ତି। ଯେତେବେଳେ ଏହି ତରଳ ପଦାର୍ଥ ବାଷ୍ପୀଭୂତ ହୁଏ, ସେତେବେଳେ ଶରୀର ଥଣ୍ଡାହେବା ଆରମ୍ଭ କରେ। ନ୍ୟାସନାଲ୍ ଲାଇବ୍ରେରି ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଗବେଷଣାଭିତ୍ତିକ ତଥ୍ୟ ଅନୁଯାୟୀ, ଉତ୍ପାଦିତ ଝାଳର ପରିମାଣ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ହୋଇଥାଏ। ସମସ୍ତଙ୍କର ସମାନ ପରିମାଣର ଝାଳ ନିର୍ଗତ ହୋଇ ନ ଥାଏ। ଶାରୀରିକ ଅବସ୍ଥା ଉପରେ ନିର୍ଭର କରି ମଧ୍ୟ ଝାଳର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ। ବିଶେଷକରି ଖେଳାଳିମାନଙ୍କ କ୍ଷେତ୍ରରେ ବ୍ୟାୟାମର ତୀବ୍ରତା, ପାଣିପାଗ ଓ ପରିଶ୍ରମ ସମୟରେ ଝାଳର ପରିମାଣ ଯଥେଷ୍ଟ ଅଧିକ ହୋଇଥାଏ। ଏହି କାରଣରୁ ଜଳୀୟ ଅଂଶ ଓ ଉପଯୁକ୍ତ ତରଳ ପଦାର୍ଥ ଗ୍ରହଣ ଜରୁରି ବୋଲି ବିବେଚନା କରାଯାଏ।

ଝାଳ ଏକ ପ୍ରତିଶତ ଲୁଣ ଓ ଚର୍ବିରେ ଗଠିତ। ଗରମ ପାଗ କିମ୍ବା ଶାରୀରିକ ଶ୍ରମ ସମୟରେ ଶରୀରକୁ ଥଣ୍ଡା କରିବା ପାଇଁ ଏହି ପ୍ରକ୍ରିୟା ଅବଶ୍ୟକ ହୋଇଥାଏ। ଚିନ୍ତାଜନିତ ମାନସିକ ଚାପ କିମ୍ବା ବିଚଳିତବୋଧ ଭଳି ଭାବନା ମଧ୍ୟ ଝାଳ ବୃଦ୍ଧି କରିପାରେ। ସାଧାରଣ ପରିସ୍ଥିତିରେ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତିଙ୍କ ଶରୀରରୁ ଦିନକୁ ପ୍ରାୟ ୦.୫ରୁ ୨ ଲିଟର ଝାଳ ବାହାରିଥାଏ। ଗରମ ଓ ଆର୍ଦ୍ର ପାଗରେ ଶାରୀରିକ ପରିଶ୍ରମ ବା ବ୍ୟାୟାମ ସମୟରେ ମାନସିକ ଚାପ, ମସଲାଯୁକ୍ତ ଖାଦ୍ୟ, କ୍ୟାଫିନ୍ ଓ ମଦ୍ୟପାନ ସମୟରେ ବା ମହିଳାଙ୍କ ଋତୁସ୍ରାବ ସମୟରେ ହରମୋନ୍ ପରିବର୍ତ୍ତନ ଯୋଗୁଁ ଝାଳର ପରିମାଣ ବଢ଼ିଥାଏ। ମେଟାବୋଲିଜିମ୍, ଫିଟନେସ୍ ସ୍ତର ଓ ଜେନେଟିକ୍ କାରଣଗୁଡ଼ିକ ମଧ୍ୟ ଝାଳକୁ ପ୍ରଭାବିତ କରନ୍ତି।

ଅତ୍ୟଧିକ ଝାଳ ବୋହିବାକୁ ହାଇପରହାଇଡ୍ରୋସିସ୍ କୁହାଯାଏ। ଏହି ଅବସ୍ଥାରେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକତାରୁ ଅଧିକ ଝାଳ ବାହାରିଥାଏ। ଫଳରେ ପାପୁଲି ଓ ପାଦ ଝାଳୁଆ ହେବା, କାଖରେ ଅଧିକ ଝାଳ ବାହାରିବା ପରି ସମସ୍ୟା ଦେଖାଯାଇଥାଏ। ହାଇପରହାଇଡ୍ରୋସିସ୍ ମୁଖ୍ୟତଃ ଦୁଇ ପ୍ରକାରର। ପ୍ରାଥମିକ ହାଇପରହାଇଡ୍ରୋସିସ୍ ଅତ୍ୟଧିକ ସକ୍ରିୟ ଝାଳଗ୍ରନ୍ଥି ଯୋଗୁଁ ହୁଏ। ସେହିପରି ଦ୍ୱିତୀୟ ହାଇପରହାଇଡ୍ରୋସିସ୍ ମଧୁମେହ, ଥାଇରଏଡ୍ ସମସ୍ୟା, ସଂକ୍ରମଣ, ଋତୁସ୍ରାବ କିମ୍ବା କୌଣସି ଔଷଧ ଯୋଗୁଁ ହୋଇଥାଏ। ତେଣୁ ଅତ୍ୟଧିକ ଝାଳ ଶରୀର ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରି।

# ସୁନିଦ୍ରା ଆଣିଦିଏ ଲହୁଣି !



ଆଜିକାଲି ଲୋକେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଉଛନ୍ତି, ନିୟମିତ କସରତ କରୁଛନ୍ତି, ସ୍କିନ୍ କେୟାର ରୁଟିନ୍ ମାନୁଛନ୍ତି ଓ ସର୍ବାଙ୍ଗୀନ ସୁସ୍ଥତା ପାଇଁ ଯାହା ଯାହା ଆବଶ୍ୟକ, ତାକୁ ବି ମାନି ଚଳୁଛନ୍ତି। ଏତେ ପରେ ମଧ୍ୟ ବିନା ନିଦରେ ରାତି ବିତାଉଛନ୍ତି। ଆଖିକୁ ନିଦ ଆସୁନାହିଁ। ଏଥିପାଇଁ ନିରବଚ୍ଛିନ୍ନ ଅନ୍‌ଲାଇନ୍ ସ୍କ୍ରୋଲିଂ ଓ ମାତ୍ରାଧିକ ଚିନ୍ତା ଦାୟୀ ବୋଲି କେହି କେହି କହୁଛନ୍ତି। ଲୋକେ ଶେଯରେ ଗଡ଼ପଡ଼ ହୋଇ ମୋବାଇଲ୍‌ରେ ଗୋଟିଏ ପରେ ଗୋଟିଏ ସିରିୟଲ୍‌ର ଏପିସୋଡ୍ ଦେଖୁଛନ୍ତି, ବିଳମ୍ବିତ ରାତିଯାକେ ସ୍କ୍ରୋଲିଂ କରି କିମ୍ବା ଭୋକ ନ ଥାଇ ବି ପାଟିରେ କ'ଣ ଟିକେ ପକାଇ ଚୋବାଉଛନ୍ତି। ଏସବୁ ଆମ ଅଜାଣତରେ ଆମଠାରୁ ନିଦ ନେଇଯାଉଛି। ତା'ହେଲେ ସୁନିଦ୍ରା ପାଇଁ କ'ଣ କରାଯାଇପାରିବ ?

ସବୁକଥା ପରି ଇଣ୍ଟରନେଟରେ ଏହାର ମଧ୍ୟ ଉତ୍ତର ରହିଛି। ସେଥିରୁ ବ୍ୟାପକ ପ୍ରସାରିତ ଉତ୍ତରଟି ହେଉଛି- ଶେଯକୁ ଯିବା ପୂର୍ବରୁ ଲହୁଣି ଖାଇଲେ ସୁଖନିଦ୍ରା ଆସେ। ଠିକ୍ ଶୋଇବା ପୂର୍ବରୁ ସାମାନ୍ୟ ଲହୁଣି ଖାଇଲେ ଆପଣଙ୍କ ରାତି ଆଉ ବିନିଦ୍ର ହେବନାହିଁ। ତେବେ ଏହା ସତ ନା ଏକ ଭାଇରାଲ୍ ଟ୍ରେଣ୍ଡ୍ ତା'ହେଲେ ଏ ପ୍ରସଙ୍ଗରେ ବିଶେଷଜ୍ଞଙ୍କ ମତ କ'ଣ ? ଗୁରୁଗାଓଁସ୍ଥିତ ଆଟେରମିସ୍ ହସ୍‌ପିଟାଲ୍‌ସର କ୍ଲିନିକାଲ୍ ନ୍ୟୁଟ୍ରିସନିଷ୍ଟ୍ ଡାକ୍ତର ଅଂଶୁଲ୍ ସିଂହ କହନ୍ତି, ''ଏ ଟ୍ରେଣ୍ଡ୍‌ସବୁ ବାୟୋହ୍ୟାକର ଓ ୱେଲ୍‌ନେସ୍ ବ୍ଲଗରମାନେ କରାଉଛନ୍ତି। ସେମାନଙ୍କର ଧାରଣା, ଶୋଇବା ଆଗରୁ ତେଲ ଜିନିଷ ଖାଇଲେ ସାରାରାତି ରକ୍ତଶର୍କରା ସ୍ଥିର ରହିବ। ସାମାନ୍ୟ ପୁଷ୍ଟିସାର, ଅତି ସାମାନ୍ୟ ଶ୍ୱେତସାର ଓ ଅଧିକ ଚର୍ବିଜାତୀୟ 'କିଟୋଜେନିକ୍' ଆହାରରୁ ସେମାନେ ଏଭଳି ଧାରଣା କରନ୍ତି। ରାତିରେ ଭୋକ ନ ହେବା ଓ ଷ୍ଟ୍ରେସ ହରମୋନ୍‌ଗୁଡ଼ିକୁ ବୃଦ୍ଧି ନ କରାଇ ଦେବା ଲାଗି ସାଧାରଣତଃ 'କିଟୋଜେନିକ୍' ଆହାର ଦିଆଯାଇଥାଏ। କିଛି ଲୋକ ବି କହୁଛନ୍ତି ଯେ, ଲହୁଣି ଖାଇବାରୁ ସେମାନଙ୍କର ଭଲ ନିଦ ହେଉଛି। ବ୍ୟକ୍ତିଗତ ଅନୁଭୂତି ଆଧାରିତ ହୋଇଥିଲେ ବି ଏଭଳି ପୋଷ୍ଟ୍ ଭାଇରାଲ୍ ହେଉଛି।''

ହାଇଦ୍ରାବାଦସ୍ଥିତ ଏରେଟ୍‌ର ହସପିଟାଲ୍‌ସର ଛାତି ଓ ନିଦ୍ରା ବିଭ୍ରାଟ ବିଭାଗ ମୁଖ୍ୟ ତଥା ବରିଷ୍ଠ ପରାମର୍ଶଦାତା ଡାକ୍ତର ନଳିନୀ ନଗଲ୍ଲା କହନ୍ତି, ''ବିଜ୍ଞାନ ଦୃଷ୍ଟିରୁ ବିବେଚନା କଲେ ଲହୁଣି ସୁନିଦ୍ରାକାରକ ବୋଲି ସ୍ପଷ୍ଟ ପ୍ରମାଣ ନାହିଁ। ନିଦ୍ରା ସମସ୍ୟା ପାଇଁ ସରଳ ଉପାୟ ଖୋଜୁଥିବା ଲୋକ ହିଁ ଏଭଳି ଅପପ୍ରଚାର କରୁଛନ୍ତି। ତେଣୁ, ସେମାନଙ୍କ କଥା ଅନ୍‌ଲାଇନ୍‌ରେ ତ୍ୱରିତ ପ୍ରସାରିତ ହୋଇଯାଉଛି।'' ଏ ସଂକ୍ରାନ୍ତରେ ଡାକ୍ତର ନଳିନୀ ଆହୁରି କହନ୍ତି ଯେ, ଭୋକିଲା ଅବସ୍ଥାରେ ଶୋଇଲେ ଶରୀର ଶକ୍ତିର ଅଭାବ ଅନୁଭବ କରୁଥିବାରୁ ରାତିରେ ନିଦ ଭାଙ୍ଗିଯାଏ। ତେଣୁ, ଶୋଇବା ଆଗରୁ ଟିକେ ଚର୍ବିଜାତୀୟ ବା ପୁଷ୍ଟିକର ଖାଦ୍ୟ ଖାଇଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂରିରହେ। ମୁଠାଏ ବାଦାମଜାତୀୟ ଶୁଖିଲା ଫଳ, କିଛି ବସାଦହି ବା ଟିକେ ଛେନା ଖାଇଲେ ବି ଦେହକୁ ଉପକାର ମିଳେ। ସୁତରାଂ ମେଲାଟନିନ୍ ଅଥବା ମାଗ୍ନେସିୟମ୍ ସମୃଦ୍ଧ ଖାଦ୍ୟ ଭଳି ଲହୁଣି ପ୍ରତ୍ୟକ୍ଷ ଭାବେ ନିଦ୍ରାକାରକ ନୁହେଁ। ଅବଶ୍ୟ ଲହୁଣିରେ ଅଧିକ ଚର୍ବି ଥିବାରୁ ତାହା ହଜମ କ୍ରିୟା ମନ୍ଥର କରିଦିଏ ଓ ପେଟପୂରା କରି ରଖେ। ଫଳରେ କେତେକ ଲୋକଙ୍କଠାରେ ପରିଲକ୍ଷିତ କ୍ଷୁଧାଜନିତ ନିଦ୍ରା ବିଭ୍ରାଟ ହ୍ରାସପାଏ। ଏହା ବ୍ୟତୀତ, ଲହୁଣି ସମସ୍ତଙ୍କ ଦେହରେ ଯାଏନାହିଁ। ଏଥିଯୋଗୁଁ କେତେକଙ୍କଠାରେ ଅମ୍ଳହାକୁଟି ହୋଇ ନିଦ୍ରା ବିଭ୍ରାଟ କରାଏ।

# ଏକ ଗ୍ଲାସ୍ ଅଁଳା ସହ ହଳଦୀର ପିଅନ୍ତୁ ଜୁସ୍, ମିଳିବ ଏହି ଫାଇଦା



କଞ୍ଚା ହଳଦୀ ଓ ଅଁଳା ଉଭୟ ଖୁବ୍ ଗୁଣକାରୀ। ଯଦି ଉଭୟକୁ ଏକାଠି କରି ଜୁସ୍ ପିଅନ୍ତି, ତେବେ ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ନିଶ୍ଚୟ । ଆଜିକାଲି ପ୍ରାୟ ଲୋକ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ଜିନିଷ ଆଡକୁ ଢଳିବାରେ ଲାଗିଛନ୍ତି । ଆୟୁର୍ବେଦ ସହ ଆଧୁନିକ ବିଜ୍ଞାନ ମଧ୍ୟ ଉଭୟ ଅଁଳା ଓ କଞ୍ଚା ହଳଦୀର ଔଷଧୀୟ ଗୁଣକୁ ସ୍ୱୀକାର କରିଛନ୍ତି । କଞ୍ଚା ହଳଦୀରେ ଥିବା କର୍କ୍ୟୁମିନ୍ ଶରୀରର ପ୍ରଦାହକୁ କମ୍ କରିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ସେହିପରି ଅଁଳା ଭିଟାମିନ୍-ସି' ର ପ୍ରମୁଖ ସ୍ରୋତ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇବା ସହ କେଶ, ତ୍ୱଚା ଓ ହଜମ ପ୍ରକ୍ରିୟାକୁ ଲାଭ ପହଞ୍ଚାଇଥାଏ। ଏହି ଜୁସ୍ ଶରୀରକୁ ଅନେକ ପ୍ରକାରର ଫାଇଦା ଦିଏ ବୋଲି କହନ୍ତି ଡାଏଟିସିଆନ୍ ଅର୍ଚ୍ଚନା ଜୈନ୍ । କଞ୍ଚା ହଳଦୀ ଓ ଅଁଳା ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ । ଅଁଳାର ଭିଟାମିନ୍-ସି' ଶରୀରର ସଂକ୍ରମଣ ଓ ଭାଇରସ୍ ସହ ଲଢୁଥିବା ବେଳେ ହଳଦୀର ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଭାଇରାଲ୍ ଗୁଣ ବହୁରୋଗରୁ ରକ୍ଷା କରେ। ଋତୁ ପରିବର୍ତ୍ତନ ସମୟରେ ହେଉଥିବା କାଶ ଓ ଭାଇରାଲ୍ ସଂକ୍ରମଣରୁ ରକ୍ଷା କରେ। ଏ ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଏ। ଆଜିକାଲି ଭୁଲ ଖାଦ୍ୟପାନୀୟ, ଜଙ୍କଫୁଡ୍ ଓ ପ୍ରଦୂଷଣ କାରଣରୁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବାରେ ଲାଗିଛି । ଏହା ଲିଭର୍ ଫଙ୍କସନରେ ସୁଧାର ଆଣିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ । ଅଁଳା ପାଚନ ପ୍ରକ୍ରିୟାରେ ସୁଧାର ଆଣିବା ସହ ହଳଦୀ ପ୍ରଦାହକୁ କମ୍ କରିଥାଏ। ଅଁଳାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ଫ୍ରି-ରେଡିକଲ୍ସରୁ ରକ୍ଷା କରିଥାଏ । ହଳଦୀ ତ୍ୱଚାକୁ ପ୍ରଦାହ ଓ ବ୍ରଣଠାରୁ ଦୂରେଇ ରଖେ । ଏପରିକି ଚର୍ମକୁ ପୋଷଣ ଦେବା ସହ ଦୀର୍ଘଦିନ ଯାଏ ନମନୀୟତା ବଜାୟ ରଖିଥାଏ । ଏହାବ୍ୟତୀତ ବୟସକୁ ମଧ୍ୟ ବାନ୍ଧି ରଖେ । ଡାଏଟିସିଆନଙ୍କ ଅନୁସାରେ କଞ୍ଚା ହଳଦୀ ଓ ଅଁଳାଜୁସ୍ ହଜମ ପ୍ରକ୍ରିୟାକୁ ବଢାଇଥାଏ । ଏହା ଗ୍ୟାସ୍, ବଦ୍‌ହଜମୀ ପରି ସମସ୍ୟାକୁ ଦୂର କରେ । ଅଁଳା ପେଟ ସହ ଅନ୍ତଃନଳୀରେ ସୁଧାର ଆଣିଥାଏ। ଯେଉଁମାନଙ୍କର ବାରମ୍ବାର ପେଟ ସମସ୍ୟା ହେଉଛି, ସେମାନଙ୍କ ପାଇଁ ଏହା ଖୁବ୍ ଲାଭଦାୟକ । ଡାଏଟିସିଆନଙ୍କ ମତରେ ଏହି ଜୁସ୍ ଫାଇଦା ଦିଏ, ତଥାପି ସୀମିତ ମାତ୍ରାରେ ନେବା ଉଚିତ୍ । କାରଣ କିଛି ଲୋକଙ୍କ ପେଟରେ ଏହା ଜ୍ୱଳନ ଅବା ଏସିଡିଟି ସମସ୍ୟା ସୃଷ୍ଟି କରିଥାଏ । ଯେଉଁମାନେ ଗମ୍ଭୀର ସମସ୍ୟା ଯୋଗୁ କୌଣସି ଔଷଧ ନେଉଥାନ୍ତି, ସେମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଜୁସ୍ ପିଇବା ଉଚିତ।

# ଅଣିମାଣ୍ଡବ୍ୟ



ଆଜି ଭାରତରେ ବାଳଅପରାଧ ପାଇଁ ଏକ ସ୍ୱତନ୍ତ୍ର କିଶୋର ନ୍ୟାୟ ସଂହିତା ସୃଷ୍ଟି ହୋଇଛି। କିନ୍ତୁ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ, ଏହି ନ୍ୟାୟ ସଂହିତାର ମୂଳ ପ୍ରବର୍ତ୍ତକ ଥିଲେ ଜଣେ ପ୍ରାଚୀନ ମୁନି। ତାଙ୍କର ନାମ ଥିଲା ମାଣ୍ଡବ୍ୟ। ସେ ଆପାତତଃ 'ଅଣିମାଣ୍ଡବ୍ୟ' ନାମରେ ପରିଚିତ।

ଏକଦା ଏହି ମୁନି ମୌନବ୍ରତ ଅବଲମ୍ବନ କରି କଠୋର ତପସ୍ୟାରେ ରତ ଥିଲେ। ଏହି ସମୟରେ କିଛି ଚୋର ଚୋରି କରି, ଚୋରି ସାମଗ୍ରୀକୁ ମୁନିଙ୍କ ଆଶ୍ରମରେ ଲୁଚାଇ ରଖି ଚାଲିଗଲେ। ରାଜକର୍ମଚାରୀମାନେ ଚୋରଙ୍କର ଅନୁସରଣ କରି ଆସି ମୁନିଙ୍କ ଆଶ୍ରମରେ ପହଞ୍ଚିଲେ। ସେଠାରେ ଚୋରି ହୋଇଥିବା ପଦାର୍ଥଗୁଡ଼ିକୁ ଦେଖି ମୁନି ସେହି ଚୋରି କରିଛନ୍ତି ବୋଲି ଭାବି ମୁନିଙ୍କୁ ଧରି ନେଇଗଲେ। ମୌନବ୍ରତ ଅବଲମ୍ବନ କରିଥିବା ହେତୁ ମାଣ୍ଡବ୍ୟ କିଛି ପ୍ରତିରୋଧ କଲେ ନାହିଁ। ରାଜା ମୁନିଙ୍କୁ ମୃତ୍ୟୁଦଣ୍ଡ ସ୍ୱରୂପ ଶୂଳିରେ ବସାଇ ଦେଲେ।

ଅସହ୍ୟ ଯନ୍ତ୍ରଣା ସତ୍ତ୍ୱେ ମୁନି ମୌନ ରହିଥାଆନ୍ତି। ଏହି ସମୟରେ କେତେକ ପକ୍ଷୀ ସେମାନଙ୍କ ମଧ୍ୟରେ କଥା ହେଲେ- ''ଆହା, ବିଚରା ନିରପରାଧ ମୁନି କେତେ କଷ୍ଟ ଭୋଗୁଛନ୍ତି, ଅଥଚ ଚୋରମାନେ ସେଠାରେ ଆନନ୍ଦ ଉତ୍ସବ କରୁଛନ୍ତି।''

ରାଜକର୍ମଚାରୀମାନେ ଏହା ଶୁଣି ଚୋରଙ୍କୁ ଧରିଆଣିଲେ ଏବଂ ମୁନିଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କଲେ। ରାଜା ଅନୁତପ୍ତ ହୋଇ ମୁନିଙ୍କୁ କ୍ଷମା ମାଗିଲେ ଏବଂ ତାଙ୍କୁ ଶୂଳିରୁ ବାହାର କରିଆଣିଲେ। ମାତ୍ର ଶୂଳିର ଅଗ୍ର ଭାଗ (ଅଣି) ଋଷିଙ୍କ ଶରୀରରେ ରହିଗଲା। ସେବେଠାରୁ ତାଙ୍କ ନାମ ହେଲା ଅଣିମାଣ୍ଡବ୍ୟ। ତପସ୍ୟା ଶେଷରେ ଅଣିମାଣ୍ଡବ୍ୟ ଧର୍ମରାଜ (ଯମ)ଙ୍କୁ ପଚାରିଲେ- ମୋର ଜାଣତରେ ମୁଁ କୌଣସି ଅପରାଧ କରି ନାହିଁ। ତେବେ ଏତେ କଠୋର ଦଣ୍ଡ ମୁଁ କାହିଁକି ପାଇଲି ?

ଯମରାଜ କହିଲେ–ବାଳ୍ୟ କାଳରେ ତୁମେ ଏକ ଛୋଟ କୀଟ ଦେହରେ କଣ୍ଟା ଫୋଡ଼ି ଆନନ୍ଦ କରିଥିଲ। ଏହା ସେହି କର୍ମର ଫଳ। ମାଣ୍ଡବ୍ୟ ଯୁକ୍ତି କଲେ- ୧୪ ବର୍ଷ ପର୍ଯ୍ୟନ୍ତ ଜଣେ ମଣିଷର ଜ୍ଞାନଚକ୍ଷୁ ଉନ୍ମୀଳିତ ହୋଇ ନ ଥାଏ। ପାପ କ'ଣ ପୁଣ୍ୟ କ'ଣ ସେ ଜାଣି ନ ଥାଏ। ତେଣୁ ଏ ଦଣ୍ଡ ତା' ପାଇଁ ଉପଯୁକ୍ତ ନୁହେଁ। ଧର୍ମରାଜ ଅଣିମାଣ୍ଡବ୍ୟଙ୍କ କଥାରେ ସମ୍ମତ ଥିଲେ। ସେ ବାଳ ଅପରାଧ ନିମିତ୍ତ ସ୍ୱତନ୍ତ୍ର ଦଣ୍ଡବିଧି ନିର୍ଦ୍ଧାରଣ କଲେ ଏବଂ ଏପରି ଏକ ଭୁଲ ନିଷ୍ପତ୍ତି କରିଥିବାରୁ ପରବର୍ତ୍ତୀ କାଳରେ ନିଜକୁ ଦଣ୍ଡିତ ମଧ୍ୟ କରିଥିଲେ। ପରବର୍ତ୍ତୀ କାଳରେ ସ୍ୱୟଂ ବିଦୁର ଭାବରେ ଜନ୍ମ ଗ୍ରହଣ କରି ସେ ବହୁ ଅନ୍ୟାୟର ମୂକସାକ୍ଷୀ ହୋଇଥିଲେ। ଏ ଦଣ୍ଡ ଯମଙ୍କ ନିମିତ୍ତ ଅଣିମାଣ୍ଡବ୍ୟ ହିଁ ନିର୍ଦ୍ଧାରଣ କରିଥିଲେ।

## ଆଇପିଏଲ ଇତିହାସର ସବୁଠୁ ବଡ଼ ଡିଲ୍

# ୧୫ ହଜାର କୋଟିରୁ ଅଧିକରେ ବିକ୍ରି ହେଲା ରାଜସ୍ଥାନ ରୟାଲ୍ସ






**ନୂଆଦିଲ୍ଲୀ**

ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬। ତେବେ ତା' ପୂର୍ବରୁ ଆଇପିଏଲ ଇତିହାସରେ ହୋଇଛି ସବୁଠୁ ବଡ଼ ଡିଲ୍। ୨୦୦୮ ଓପନିଂ ସିଜିନର ଚାମ୍ପିଅନ୍ ଟିମ୍ ରାଜସ୍ଥାନ ରୟାଲ୍ସଙ୍କୁ କିଣିଲେ ଆମେରିକୀୟ ବିଜନେସ୍‌ମ୍ୟାନ୍ କାଲ୍ ସୋମାନି। ଏହି ଡିଲ୍ ୧.୬୩ ବିଲିୟନ ଡଲାର ବା ଭାରତୀୟ ମୁଦ୍ରା ଅନୁସାରେ ୧୫୦୦୦ କୋଟି ଟଙ୍କାରୁ ଅଧିକରେ ହୋଇଛି, ଯାହାକି କ୍ରିକେଟ ଦୁନିଆରେ ହଇଚଇ ସୃଷ୍ଟି କରିଛି। ସୋମାନିଙ୍କୁ ୱାଲମାର୍ଟ ପରିବାରର ଆମେରିକୀୟ ବ୍ୟବସାୟୀ ରବ ୱାଲଟନ ଏବଂ ହାମ୍ପ ପରିବାର ସମର୍ଥନ କରୁଛନ୍ତି। ଆଗାମୀ ଆଇପିଏଲ ୨୦୨୬ ସିଜିନ ପରେ ଏହି ଚୁକ୍ତି କାର୍ଯ୍ୟକାରୀ ହେବ। ଏହାର ଅର୍ଥ ହେଉଛି ଏହି ସିଜନର ମାଲିକାନା ପୂର୍ବ ମାଲିକଙ୍କ ପାଖରେ ରହିବ। କାଲ ସୋମାନି ୨୦୨୧ରୁ ରାଜସ୍ଥାନ ରୟାଲ୍ସର ପାର୍ଟନର ଅଛନ୍ତି, କିନ୍ତୁ ଏବେ ସମଗ୍ର ଦଳ ତାଙ୍କ ହାତରେ।

ଏହା ବର୍ତ୍ତମାନର ଆଇପିଏଲ ଇତିହାସର ସବୁଠାରୁ ବଡ଼ ଡିଲ୍। ଗତ ବର୍ଷ, ଟୋରେଣ୍ଟ ଗ୍ରୁପ୍ ସିଭିସି କ୍ୟାପିଟାଲ୍ ଠାରୁ ଗୁଜରାଟ ଟାଇଟାନ୍ସର ୬୭ ପ୍ରତିଶତ ମାଲିକାନା ଅଧିଗ୍ରହଣ କରିଥିଲା। ଏହି ଚୁକ୍ତି ୫୦୨୫ କୋଟି ମୂଲ୍ୟର ଥିଲା। ଯାହାଫଳରେ ଫ୍ରାଞ୍ଚାଇଜର ଭାଲ୍ୟୁ ୭୫୦୦ କୋଟିକୁ ବୃଦ୍ଧି ହୋଇଥିଲା। ସିଭିସି କ୍ୟାପିଟାଲ୍ ୩୩% ଅଂଶଧନ ବଜାୟ ରଖିଥିଲା। ସିଭିସି କ୍ୟାପିଟାଲ୍ ୨୦୨୧ ରେ ୫୬୨୫ କୋଟିରେ ଗୁଜରାଟ ଟାଇଟାନ୍ସକୁ ଅଧିଗ୍ରହଣ କରିଥିଲା।

ନିକଟରେ 'ମନିକଣ୍ଟ୍ରୋଲ୍' ରିପୋର୍ଟ କରିଥିଲା ଯେ ସୋମାନି ଗ୍ରୁପ୍ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ୍ ହାସଲ କରିପାରିବ। ଫ୍ରାଞ୍ଚାଇଜରେ ଅଧିକାଂଶ ଅଂଶଧନ ମନୋଜ ବାଦଲେଙ୍କ ପାଖରେ ଏମର୍ଜିଂ ମିଡିଆ ଭେଞ୍ଚର୍ସ ମାଧ୍ୟମରେ ଥିଲା, ଯାହା ପ୍ରାୟ ୬୫% ଅଂଶଧନ କରିଥିଲା। ଅନ୍ୟାନ୍ୟ ଷ୍ଟେକହୋଲ୍ଡର୍ସ ମଧ୍ୟରେ ରେଡବର୍ଡ କ୍ୟାପିଟାଲ୍ ପାର୍ଟନର୍ସ ଏବଂ ଲାଚଲାନ୍ ମର୍ଡୋକ୍ ମଧ୍ୟ ଥିଲେ। ଗତ ବର୍ଷ ଶେଷ ଭାଗରେ ଅଂଶଧନ ବିକ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଯେଉଁଥିରେ ନିବେଶ ବ୍ୟାଙ୍କ ଦି ରେନ୍ ଗ୍ରୁପ୍ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିଲେ।

ସୋମବାର ଖବର ଆସିଥିଲା ଯେ ରାଜସ୍ଥାନ ରୟାଲ୍ସ ୧.୭ ବିଲିୟନ ଡଲାର (ପ୍ରାୟ ୧୫,୮୫୯ କୋଟି ଟଙ୍କା)ର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ଏହି ବିଡ୍ କଲମ୍ବିଆ ପାସିଫିକ୍ କ୍ୟାପିଟାଲ୍ ପାର୍ଟନର୍ସ ଦ୍ୱାରା କରାଯାଇଥିଲା। ରାଜସ୍ଥାନ ରୟାଲ୍ସକୁ ସମ୍ପୂର୍ଣ୍ଣ ଭାବରେ ଅଧିଗ୍ରହଣ କରିବା ପାଇଁ ଅନ୍ୟ ଚାରି ପ୍ରମୁଖ ନାମ ଦୌଡ଼ରେ ଥିଲେ। ଆଦିତ୍ୟ ବିର୍ଲା ଗ୍ରୁପ୍ ଡେଭିଡ୍ ବ୍ଲିଟଜରଙ୍କ ବୋଲ୍ଟ ଭେଞ୍ଚର୍ସ ସହିତ ମିଳିତ ଭାବରେ ନିଲାମୀରେ ଭାଗ ନେଇଥିଲେ। କାପ୍ରି ଗ୍ଲୋବାଲ୍, ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍ ଓ ସଞ୍ଜୟ ଗୋଭିଲ ରାଜସ୍ଥାନ ରୟାଲ୍ସକୁ କିଣିବାର ରେସ୍‌ରେ ଥିଲେ।

କାଲ ସୋମାନି ହେଉଛନ୍ତି ଭାରତୀୟ ବଂଶୋଦ୍ଭବ ଏବଂ ଆମେରିକାର ଉଦ୍ୟୋଗପତି। ସେ ମୁଖ୍ୟତଃ ଆମେରିକୀୟ ଟେକ୍ ଜଗତରେ ଖୁବ୍ ପରିଚିତ। ଡାଟା ଗୋପନୀୟତା ଏବଂ ଏଆଇ ଗର୍ଭନାନ୍ସ, ଶିକ୍ଷା-ପ୍ରଯୁକ୍ତି ଏବଂ କ୍ରୀଡ଼ା ପ୍ରଯୁକ୍ତିବିଦ୍ୟା ସମେତ ଅନେକ ଅତ୍ୟାଧୁନିକ କ୍ଷେତ୍ରରେ ତାଙ୍କର ଦୃଢ଼ ଉପସ୍ଥିତି ରହିଛି। କାଲ ସୋମାନି ଇଣ୍ଟ୍ରାଏଡଜ୍, ଟ୍ରୁୟୋ ଏବଂ ଏକାଡେମିୟାନ୍ ଭଳି ଗ୍ଲୋବାଲ କମ୍ପାନୀଗୁଡ଼ିକର ମଧ୍ୟ ପ୍ରତିଷ୍ଠାତା। ସେ ୨୦୨୧ ରୁ ରାଜସ୍ଥାନ ରୟାଲ୍ସ ସହିତ ଜଣେ ନିବେଶକ ଭାବରେ ଜଡ଼ିତ ଅଛନ୍ତି। ପୂର୍ବରୁ ସେ କହିଥିଲେ, ଆଇପିଏଲରେ ଆଗକୁ ବଢ଼ିବାର ଜୋରଦାର ସମ୍ଭାବନା ରହିଛି। ଏଥିରେ ଭବିଷ୍ୟତରେ ନିବେଶ କରିବାକୁ ଖୁବ୍ ଉତ୍ସାହୀତ।

ବିଶ୍ୱର ସବୁଠାରୁ ଧନୀ ପରିବାର ମଧ୍ୟରୁ ଅନ୍ୟତମ 'ରବ ୱାଲଟନ' ଏହି ଗ୍ରୁପର ଅଂଶୀଦାର ଅଛନ୍ତି। ପ୍ରମୁଖ କାର୍ କମ୍ପାନୀ ଫୋର୍ଡ ଏବଂ ଆମେରିକୀୟ ଫୁଟବଲ୍ ଦଳ 'ଡେଟ୍ରଏଟ୍ ଲାୟନ୍ସ'ର ମାଲିକା 'ହାମ୍ପ ପରିବାର' ଏବଂ 'ଶିଲା ଫୋର୍ଡ ହାମ୍ପ' ମଧ୍ୟ ଏହି ଗୋଷ୍ଠୀ ସହିତ ଜଡ଼ିତ। କାଲ୍‌ଙ୍କ ଖେଳ ପ୍ରତି ଖୁବ୍ ଆଗ୍ରହ ରହିଛି। ସେ ମୋଟର ସିଟି ଗଲ୍ଫ କ୍ଲବର ସହ-ମାଲିକ ମଧ୍ୟ ଅଛନ୍ତି। ସେଭଳି ଟିଜିଏଲ ଗଲ୍ଫ ଲିଗ୍ ଭଳି ଆଧୁନିକ ସ୍ପୋର୍ଟସ୍ ପ୍ରୋଜେକ୍ଟରେ ମଧ୍ୟ ପ୍ରାରମ୍ଭିକ ନିବେଶ କରିଛନ୍ତି।

## ଆଇସିସି ବ୍ୟାଟିଂ ମାନ୍ୟତା

# ଦ୍ୱିତୀୟ ସ୍ଥାନରେ ସ୍ମୃତି ମାନ୍ଧାନା



**ଦୁବାଇ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ପ୍ରକାଶିତ ସଦ୍ୟତମ ମହିଳା ବ୍ୟାଟିଂ ମାନ୍ୟତାରେ ଭାରତର ସ୍ମୃତି ମାନ୍ଧାନା ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ସାଥୀ ଖେଳାଳି ଶେଫାଳୀ ବର୍ମା ଷଷ୍ଠ ସ୍ଥାନରେ ଓ ଜେମିମା ରୋଡ୍ରିଗ୍ସ ୧୧ତମ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ଅଧିନାୟିକା ହରମନପ୍ରିତ୍ କୌର ନିଜର ମାନ୍ୟତାରେ ଉନ୍ନତି ହାସଲ କରି ୧୪ତମ ସ୍ଥାନରେ ପହଞ୍ଚିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆର ବ୍ୟାଟର ବେଥ୍ ମୁନି ପ୍ରଥମ ସ୍ଥାନରେ ଅଛନ୍ତି।

ବୋଲରମାନଙ୍କ ମଧ୍ୟରେ ସ୍ପିନ୍ ଅଲ୍‌ରାଉଣ୍ଡର ଦିପ୍ତି ଶର୍ମା ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଦ୍ରୁତ ବୋଲର ରେଣୁକା ସିଂ ଠାକୁର ଷଷ୍ଠସ୍ଥାନ ବଜାୟ ରଖିଛନ୍ତି। ଏହି ତାଲିକାରେ ପାକିସ୍ତାନର ସାଦିଆ ଇକ୍‌ବାଲ୍ ପ୍ରଥମ ସ୍ଥାନରେ ଅଛନ୍ତି। ସେହିପରି ଅଲରାଉଣ୍ଡର ମାନ୍ୟତାରେ ଭାରତର ଦିପ୍ତି ଶର୍ମା ତୃତୀୟ ସ୍ଥାନରେ ଅଛନ୍ତି।

## ଇଂଲଣ୍ଡର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ ଜାରି ରଖିବେ ମ୍ୟାକ୍କୁଲମ




**ଲଣ୍ଡନ**

ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକୁଲମ ୩ଟି ଫର୍ମାଟରେ ଇଂଲଣ୍ଡ ଦଳର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ ଜାରି ରଖିବେ। ଏ ନେଇ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ବେନ ଷ୍ଟୋକ୍ସ ଟେଷ୍ଟ ଦଳର ଅଧିନାୟକ ଓ ହ୍ୟାରି ବ୍ରୁକ ଉପ ଅଧିନାୟକ ଭାବେ କାର୍ଯ୍ୟ ଜାରି ରଖିବେ। ସମସ୍ତ ଫର୍ମାଟରେ ଇଂଲଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଓ ଡ୍ରେସିଂ ରୁମ୍ ପରମ୍ପରା କାରଣରୁ ମ୍ୟାକୁଲମଙ୍କ ପଦରୁ ହଟାଇ ଦିଆଯିବ ବୋଲି ଆଶା କରାଯାଉଥିଲା। ଚଳିତ ବର୍ଷ ଅଷ୍ଟ୍ରେଲିଆରେ ଆସେସ ସିରିଜ୍‌ରେ ୪-୧ରେ ପରାଜିତ ହେବା ପରେ ଗୁରୁତ୍ୱପୂର୍ଣ୍ଣ ସିରିଜ୍ ପୂର୍ବରୁ ଇଂଲଣ୍ଡ ଦଳର ପ୍ରସ୍ତୁତି ଉପରେ ପ୍ରଶ୍ନ ଛିଡ଼ା ହୋଇଥିଲା। ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ସେମିଫାଇନାଲରେ ଭାରତଠାରୁ ପରାଜିତ ହୋଇଥିଲା।

# ଆଇପିଏଲ ୨୦୨୬ରୁ ବାଦ୍ ପଡ଼ିଲେ ଆରସିବିର ଯଶ ଦୟାଲ



**ମୁମ୍ବାଇ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସିଜିନ୍ ୨୮ ମାର୍ଚ୍ଚରେ ଆରମ୍ଭ ହେବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟିମ୍‌କୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ଦଳର ଦ୍ରୁତ ବୋଲର ଯଶ ଦୟାଲ ସମ୍ପୂର୍ଣ୍ଣ ସିଜିନରୁ ବାଦ ପଡ଼ିଛନ୍ତି। ଆରସିବି ନିର୍ଦ୍ଦେଶକ ମୋ ବୋବାଟ୍ ଏହି ଘଟଣା ନିଶ୍ଚିତ କରିଛନ୍ତି। ଉଲ୍ଲେଖନୀୟ ଯେ ଜୋଶ୍ ହାଜେଲଉଡ୍ ଅନୁପସ୍ଥିତିରେ ଆରସିବି ପୂର୍ବରୁ ଏକ ବଡ଼ ଝଟ୍‌କା ପାଇଥିଲା; ହାଜେଲଉଡ୍ ପୂର୍ବରୁ କିଛି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

ଯଶ ଦୟାଲଙ୍କ ସମ୍ପର୍କରେ ଆରସିବି ନିର୍ଦ୍ଦେଶକ ମୋ ବୋବାଟ କହିଛନ୍ତି ଯେ ସେ ଏହି ସିଜନରେ ଦଳ ପାଇଁ ଖେଳିବେ ନାହିଁ। ବ୍ୟକ୍ତିଗତ କାରଣରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତଥାପି ଆରସିବି ଏପର୍ଯ୍ୟନ୍ତ ତାଙ୍କ ବଦଳରେ କାହାକୁ ଘୋଷଣା କରିନାହିଁ। ଏବେ ଦେଖିବା ବାକି ରହିଲା ଯେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫ୍ରାଞ୍ଚାଇଜ୍ ଯଶ ଦୟାଲଙ୍କ ସ୍ଥାନରେ ଅନ୍ୟ ଜଣେ ଖେଳାଳିଙ୍କୁ ସୁଯୋଗ ଦେଉଛି କି ନାହିଁ। ଯଶ ଦୟାଲ ଗତ ସିଜନରେ ଆରସିବି ପାଇଁ ଭଲ ବୋଲିଂ କରିଥିଲେ, ମୋଟ ୧୩ ୱିକେଟ୍ ନେଇଥିଲେ।

ଗତ କିଛି ଦିନ ଧରି, ଯଶ ଦୟାଲଙ୍କ ସମ୍ପର୍କରେ ବିଭିନ୍ନ ରିପୋର୍ଟ ପ୍ରସାରିତ ହେଉଥିଲା। ସେ ଚଳିତ ସିଜିନ୍ ପାଇଁ ଏପର୍ଯ୍ୟନ୍ତ ଆରସିବି ଦଳର ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ନଥିଲେ। ଫଳସ୍ୱରୂପ, ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଅଂଶ-ଗ୍ରହଣକୁ ନେଇ ସନ୍ଦେହ ସୃଷ୍ଟି ହେବା ଆରମ୍ଭ ହୋଇଥିଲା। ତଥାପି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ମାତ୍ର ଚାରି ଦିନ ପୂର୍ବରୁ, ଆରସିବିର ନିର୍ଦ୍ଦେଶକ ନିଶ୍ଚିତ କରିଥିଲେ ଯେ ତାଙ୍କୁ ସମଗ୍ର ସିଜିନ୍ ପାଇଁ ବାଦ୍ ଦିଆଯାଇଛି।

ଆଇପିଏଲ ୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍ ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ୨୮ମାର୍ଚ୍ଚରେ ଆରସିବିର ହୋମ ଗ୍ରାଉଣ୍ଡ, ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସିଜନରେ ଆରସିବି ନିଜର ଟାଇଟଲ ରକ୍ଷା କରିବା ଉଦ୍ଦେଶ୍ୟରେ ମଇଦାନକୁ ଓହ୍ଲାଇବ।

## ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଭାରତୀୟ ମହିଳା ଦଳ ଘୋଷିତ




**ମୁମ୍ବାଇ**

ଏପ୍ରିଲରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପାଇଁ ହରମନପ୍ରିତ୍ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ଅନୁଷ୍କା ଶର୍ମା ପ୍ରଥମ ଥର ପାଇଁ ବରିଷ୍ଠ ଦଳରେ ସ୍ଥାନ ପାଇଛନ୍ତି। ମହିଳା ପ୍ରିମିୟର ଲିଗ୍ ଓ ଏସିଆ କପ୍ ରାଇଜିଂ ଷ୍ଟାର୍ସରେ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ତାଙ୍କୁ ବରିଷ୍ଠ ଜାତୀୟ ଦଳ ପାଇଁ ଡକରା ହୋଇଛି। ଡବ୍ଲୁପିଏଲ୍‌ରେ ସେ ସାତଟି ଇନିଂସରେ ୧୭୭ ରନ୍ କରିଥିଲେ। ସ୍ମୃତି ମାନ୍ଧାନା ଉପଅଧିନାୟିକା ପଦ ବଜାୟ ରଖିଥିବାବେଳେ ରିଚା ଘୋଷ ୱିକେଟରକ୍ଷକ ଦାୟିତ୍ୱ ନିର୍ବାହ କରିବେ। ବ୍ୟାଟିଂ ବିଭାଗରେ ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ଦିପ୍ତି ଶର୍ମା, ଭାରତୀ ଫୁଲମାଳି ଓ ଉମା ଛେତ୍ରୀ ସ୍ଥାନ ପାଇଛନ୍ତି। ସେହିପରି ରେଣୁକା ଠାକୁର, ଅରୁନ୍ଧତୀ ରେଡ୍ଡି ଓ କ୍ରାନ୍ତି ଗୌଡ଼ ପେସ ଆକ୍ରମଣ ସମ୍ଭାଳିବାକୁ ଥିବାବେଳେ ଦିପ୍ତି ଶର୍ମା, ଶ୍ରୀଚାରଣୀ ଓ ଶ୍ରେୟଙ୍କା ଶର୍ମା ସ୍ପିନ ଆକ୍ରମଣର ନେତୃତ୍ୱ ନେବେ। ଭାରତୀୟ ମହିଳା ଦଳ ଏପ୍ରିଲ ମାସରେ ଦକ୍ଷିଣ ଆଫ୍ରିକା ଗସ୍ତ କରି ୫ଟି ଟ୍ୱେଣ୍ଟି-୨୦ ଖେଳିବ। ପ୍ରଥମ ଦୁଇଟି ମ୍ୟାଚ୍ ଡର୍ବାନରେ ଏପ୍ରିଲ ୧୭ ଓ ୧୯ରେ ଖେଳାଯିବ। ତୃତୀୟ ଓ ଚତୁର୍ଥ ଟ୍ୱେଣ୍ଟି-୨୦ ଜୋହାନ୍ସବର୍ଗରେ ଏପ୍ରିଲ ୨୨ ଓ ୨୫ରେ ଏବଂ ପଞ୍ଚମ ଟ୍ୱେଣ୍ଟି-୨୦ ବେନୋନିରେ ଏପ୍ରିଲ ୨୭ରେ ଖେଳାଯିବ।

ଭାରତୀୟ ମହିଳା ଦଳ : ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମାନ୍ଧାନା (ଉପଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ଦିପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଅରୁନ୍ଧତୀ ରେଡ୍ଡି, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଶ୍ରୀ ଚାରଣୀ, ଶ୍ରେୟଙ୍କା ପାଟିଲ, କାସ୍‌ଭୀ ଗୌତମ, ଭାରତୀ ଫୁଲମାଳି, ଉମା ଛେତ୍ରୀ (ୱିକେଟରକ୍ଷକ), ଅନୁଷ୍କା ଶର୍ମା।

# ଖେଳାଳି ତଥା ତାଙ୍କ ପରିବାର ପାଇଁ ନୂଆ ନିୟମ ଆଣିଲା ବିସିସିଆଇ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ଆରମ୍ଭ ହେବା ପୂର୍ବରୁ ବିସିସିଆଇ ସମସ୍ତ ୧୦ଟି ଫ୍ରାଞ୍ଚାଇଜ ପାଇଁ ଏକ ନୂଆ ଏବଂ କଠୋର ନିୟମ ଜାରି କରିଛି। ଏହି ନିୟମଗୁଡ଼ିକର ଉଲ୍ଲେଖିତ ଉଦ୍ଦେଶ୍ୟ ହେଉଛି ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଶୃଙ୍ଖଳା ବୃଦ୍ଧି କରିବା, ଦଳର ପରିବେଶକୁ ଉନ୍ନତ କରିବା ଏବଂ ପିଚର ଗୁଣବତ୍ତା ସୁରକ୍ଷିତ ରଖିବା। ଏଥର କେବଳ ଖେଳାଳିମାନଙ୍କ ପାଇଁ ନୁହେଁ ବରଂ ସେମାନଙ୍କ ପରିବାର ଏବଂ ବନ୍ଧୁମାନଙ୍କ ଉପସ୍ଥିତି ସମ୍ପର୍କରେ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶାବଳୀ ସ୍ଥାପନ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଖେଳାଳିଙ୍କ ଯାତ୍ରାକୁ ନେଇ। ବର୍ତ୍ତମାନ, ସମସ୍ତ ଖେଳାଳିଙ୍କୁ ଅଭ୍ୟାସ ସେସନ ଏବଂ ମ୍ୟାଚ୍ ପାଇଁ କେବଳ ଟିମ୍ ବସ୍ ମାଧ୍ୟମରେ ଯାତାୟାତ କରିବାକୁ ପଡ଼ିବ। ପୂର୍ବରୁ, କେତେଜଣ ଖେଳାଳି – ବିଶେଷକରି ଯେତେବେଳେ ସେମାନଙ୍କ ଘରୋଇ ସହରରେ – ବ୍ୟକ୍ତିଗତ ଯାନରେ ଆସୁଥିଲେ; କିନ୍ତୁ ଏହା ଆଉ ଅନୁମତି ନାହିଁ। ବିସିସିଆଇ ବିଶ୍ୱାସ କରେ ଯେ ଏହି ପଦକ୍ଷେପ ଦଳ ସଂହତିକୁ ବୃଦ୍ଧି କରିବ ଏବଂ ନିଶ୍ଚିତ କରିବ ଯେ ସମସ୍ତ ଖେଳାଳିଙ୍କ ପାଇଁ ଏକ ସମାନ ନିୟମ ପ୍ରଯୁଜ୍ୟ ହେବ। ନୂତନ ନିୟମ ଅନୁଯାୟୀ, ଖେଳାଳିଙ୍କ ପରିବାର ଏବଂ ବନ୍ଧୁମାନଙ୍କୁ ଟିମ୍ ବସ୍‌ରେ ଯାତ୍ରା କରିବାକୁ ଅନୁମତି ନାହିଁ। ସେମାନଙ୍କୁ ପୃଥକ ପରିବହନ ବ୍ୟବହାର କରି ଷ୍ଟାଡିୟମ କିମ୍ବା ଅଭ୍ୟାସ ସ୍ଥାନରେ ପହଞ୍ଚିବାକୁ ପଡ଼ିବ। ଏହା ବ୍ୟତୀତ, ପରିବାର ସଦସ୍ୟ ଏବଂ ବନ୍ଧୁମାନଙ୍କ ପାଇଁ ଡ୍ରେସିଂ ରୁମ୍‌ରେ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଅଭ୍ୟାସ ଦିନଗୁଡ଼ିକରେ ମଧ୍ୟ ଏହି ନିୟମ କାର୍ଯ୍ୟକାରୀ ହେବ। ଯଦି ପରିବାର ସଦସ୍ୟମାନେ ଅଭ୍ୟାସ ଅଧିବେଶନ ଦେଖିବାକୁ ଚାହାନ୍ତି, ତେବେ ସେମାନଙ୍କୁ କେବଳ ନିର୍ଦ୍ଦିଷ୍ଟ ଆତିଥ୍ୟ କ୍ଷେତ୍ରରୁ ଏହା କରିବାକୁ ଅନୁମତି ଦିଆଯାଇଛି।

ବିସିସିଆଇ ମ୍ୟାଚ୍ ଦିନଗୁଡ଼ିକରେ ପଡ଼ିଆରେ ଅଭ୍ୟାସ ଅଧିବେଶନ ପରିଚାଳନା ଉପରେ ମଧ୍ୟ ନିଷେଧ ଜାରି କରିଛି। ଏହା ସହିତ, ପିଚ୍ ପାଖରେ ଥିବା ଅଞ୍ଚଳରେ – ବିଶେଷକରି 'ମୁଖ୍ୟ ବର୍ଗ'ରେ କୌଣସି ପ୍ରକାରର ଫିଟ୍‌ନେସ୍ ପରୀକ୍ଷା କରାଯାଇପାରିବ ନାହିଁ। ବୋର୍ଡ ବଜାୟ ରଖିଛି ଯେ ଏପରି କାର୍ଯ୍ୟକଳାପ ସମ୍ଭାବ୍ୟ ଭାବରେ ପିଚ୍‌କୁ କ୍ଷତି ପହଞ୍ଚାଇପାରେ। ଏହି ଋତୁରେ, ଅରେଞ୍ଜ କ୍ୟାପ ଏବଂ ପର୍ପଲ କ୍ୟାପ ପାଇଁ ଦୌଡ଼ରେ ନେତୃତ୍ୱ ନେଉଥିବା ଖେଳାଳିମାନଙ୍କ ପାଇଁ ଏକ ନୂତନ ନିୟମ ମଧ୍ୟ ପ୍ରଚଳନ କରାଯାଇଛି। ଏହି ଖେଳାଳିମାନଙ୍କୁ ବର୍ତ୍ତମାନ ମ୍ୟାଚ ସମୟରେ ସମ୍ପୃକ୍ତ କ୍ୟାପ ପିନ୍ଧିବାକୁ ବାଧ୍ୟତାମୂଳକ। ଯଦି କୌଣସି ଖେଳାଳି ମ୍ୟାଚ୍‌ର ସମଗ୍ର ସମୟ ପାଇଁ କ୍ୟାପ ପିନ୍ଧିବାକୁ ବାଛନ୍ତି, ତେବେ ପ୍ରସାରଣ ଦଳ ପ୍ରଶଂସକମାନଙ୍କୁ ସେଗୁଡ଼ିକୁ ପ୍ରଦର୍ଶନ କରିବାକୁ ଅନୁମତି ଦେବା ପାଇଁ ସେମାନଙ୍କୁ ଅତି କମରେ ପ୍ରଥମ ଦୁଇ ଓଭର ପାଇଁ ଏହାକୁ ପିନ୍ଧିବାକୁ ପଡ଼ିବ। ବିସିସିଆଇ ମ୍ୟାଚ୍ ପରବର୍ତ୍ତୀ ଉପସ୍ଥାପନା ପାଇଁ ଏକ ଡ୍ରେସ କୋଡ ମଧ୍ୟ ସ୍ଥାପନ କରିଛି। ଖେଳାଳିମାନଙ୍କୁ ଆଉ ସ୍ଲିଭଲେସ ଜର୍ସି କିମ୍ବା ଫ୍ଲପି ଟୋପି ପିନ୍ଧି ଉପସ୍ଥାପନାରେ ଯୋଗଦେବାକୁ ଅନୁମତି ନାହିଁ। ଏହି ନିୟମର ପ୍ରଥମ ଥର ଉଲ୍ଲଂଘନ କଲେ ଖେଳାଳିଙ୍କୁ ଚେତାବନୀ ଜାରି କରାଯିବ। ପରବର୍ତ୍ତୀ ଉଲ୍ଲଂଘନ ପାଇଁ ଆର୍ଥିକ ଜରିମାନା ଦେବାକୁ ପଡ଼ିବ।

## ଆନ୍ତଃ ସ୍କୁଲ୍ ସିନିୟର୍ ଓ ଜୁନିୟର ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ସ୍ଥାନୀୟ ପ୍ୟାରୀମୋହନ ଏକାଡେମୀ ପଡ଼ିଆ ଠାରେ ଓଡ଼ିଶା ଭେଟରାନ୍ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ପକ୍ଷରୁ ମଙ୍ଗଳବାର ଠାରୁ ୧୩ତମ ବସନ୍ତ ଦାସ ସ୍ମାରକୀ ସିନିୟର୍ ଏବଂ ୨୫ତମ ଡାକ୍ତର ଭଗବାନ୍ ଦାସ ଜୁନିୟର ଆନ୍ତଃ ବିଦ୍ୟାଳୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସିନିୟର୍ ବିଭାଗରେ ୧୩ଟି ଦଳ ଏବଂ ଜୁନିୟର ବିଭାଗରେ ୧୩ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ମଙ୍ଗଳବାର ପ୍ରଥମ ଉଦ୍‌ଘାଟନ ଦିବସରେ ସିନିୟର୍ ବିଭାଗରେ ତୁଳସୀପୁର ସ୍ଥିତ ରଘୁନାଥଜୀଉ ବିଦ୍ୟାପୀଠ ନିଉ ଷ୍ଟୁଆର୍ଟ ସ୍କୁଲକୁ ଭେଟିଛନ୍ତି। ଏହି ପ୍ରତିଯୋଗିତାରେ ନିଉ ଷ୍ଟୁଆର୍ଟ ସ୍କୁଲ ରଘୁନାଥ ଜିଉ ସ୍କୁଲ୍‌କୁ ୧-୦ ଗୋଲରେ ପରାସ୍ତ କରିଛି। ନିଉ ଷ୍ଟୁଆର୍ଟ ସ୍କୁଲର ସାଜିବ ଅଲି ବିଜୟ ସୂଚକ ଗୋଲଟି ସ୍କୋର୍ କରି ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଥିଲେ। ତାଙ୍କୁ ଏକହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶା ଫୁଟବଲ୍ ସଂଘର ଉପ ସଭାପତି ତଥା ବରିଷ୍ଠ ପ୍ରାକ୍ତନ ଫୁଟବଲ୍ ଖେଳାଳି ଭକ୍ତ ବଲ୍ଲଭ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବସନ୍ତ ଦାସ ସ୍ମାରକୀ ସିନିୟର୍ ଏବଂ ଡାକ୍ତର ଭଗବାନ୍ ଦାସ ଜୁନିୟର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କଲେ ବୋଲି ଘୋଷଣା କରିଥିଲେ। ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୀର ପରିଜା ଓ କ୍ଷିତିଶ ଚନ୍ଦ୍ର ପାତ୍ର ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଥିଲେ। ଓଡ଼ିଶା ଭେଟରାନ୍ ସ୍ପୋର୍ଟସ ପର୍ସନ ଆସୋସିଏସନ୍‌ର ଉପ ସଭାପତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଂଘର ସାଧାରଣ ସଂପାଦକ ଶ୍ରଦ୍ଧାନନ୍ଦ ଦାସ ସ୍ୱାଗତ ଭାଷଣ ଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏପ୍ରିଲ ୧ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## କଳିଙ୍ଗ ଷ୍ଟାଡିୟମରେ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଉଦ୍‌ଘାଟନ କଲେ କ୍ରୀଡ଼ାମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତରେ ପ୍ରଥମ ଥର ଜାତୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଆନସିପ ଅନୁଷ୍ଠିତ ହେଉଛି। ଏହାର ଭେନ୍ୟୁ ରହିଛି ଓଡ଼ିଶା। କଳିଙ୍ଗ ଷ୍ଟାଡିୟମ୍‌ରେ ଏହି ଦୌଡ଼ କୁଦ ପ୍ରତିଯୋଗିତା ଉଦ୍‌ଘାଟନ କରିଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍। ଏହି ଅବସରରେ ପ୍ରତିକ୍ରିୟାରେ କହିଛନ୍ତି, ଏହା ଆମ ପାଇଁ ସୁନ୍ଦର ଓ ଐତିହାସିକ ମୁହୂର୍ତ୍ତ। ଜାତୀୟ ଇନଡୋର ଦୌଡ଼କୁଦ ପ୍ରତିଯୋଗିତା ଭାରତରେ ପ୍ରଥମ ଥର ପାଇଁ ଖେଳାଯାଉଛି। ଭୁବନେଶ୍ୱରରେ ଆୟୋଜନ ହେଉଛି। ଏଥିରେ ୨୭୮ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହାଦ୍ୱାରା ଭାରତବର୍ଷ ତଥା ଓଡ଼ିଶାର ଖେଳାଳି ଇନଡୋର ପ୍ରତିଯୋଗିତାରେ ଖେଳିବାର ସୁନ୍ଦର ଅନୁଭୂତି ପାଉଛନ୍ତି। ଏହା ଆଗକୁ ଆସୁଥିବା ୨୦୨୮ ୱାର୍ଲ୍ଡ ଇନଡୋର ଆଥଲେଟିକ ଚାମ୍ପିଅନସିପ ପୂର୍ବରୁ, ଆମକୁ ମଧ୍ୟ ପ୍ରଶାସନିକ ପରିଚାଳନା ଓ କୌଣସି ଏକ ଇଭେଣ୍ଟର ସଫଳ ଆୟୋଜନ ପାଇଁ ଅଭିଜ୍ଞତା ଦେବ। ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ ଉପରେ ଗୁରୁତ୍ୱ ଦେଉଛନ୍ତି, ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶାର ସ୍ଥିତିକୁ ଖେଳରେ ସୁଦୃଢ଼ କରିବା ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି ଉଭୟଙ୍କୁ ମୋର ଧନ୍ୟବାଦ।

## ୭ଟି ଅଭିଯୋଗର ତତ୍‌କାଳ ସମାଧାନ କଲେ ଜିଲ୍ଲାପାଳ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ବାଲିଆପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୧୫ ଜଣ ଅଭିଯୋଗ-କାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୧୩ ଗୋଟି ବ୍ୟକ୍ତିଗତ ଏବଂ ୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ। ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଳବ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଂଜୟ କୁମାର ରାଉତଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲାପାଳ ମହୋଦୟ ସ୍ଥାନୀୟ ଅଞ୍ଚଳର କିଛି ଦିବ୍ୟାଙ୍ଗ ଲୋକମାନଙ୍କୁ ହ୍ୱିଲ ଚେୟାର ବଣ୍ଟନ କରିଥିଲେ। ପ୍ରଶାସନର ଏହି ଭଳିଆ ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ହ୍ୱିଲ ଚେୟାର ପାଇଥିବା ଦିବ୍ୟାଙ୍ଗ ଲୋକମାନେ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ଶକ୍ତି ସଂରକ୍ଷଣ ପାଇଁ ବିଭିନ୍ନ ଦେଶମାନଙ୍କ ଦ୍ୱାରା କଠୋର ପଦକ୍ଷେପ

ମଧ୍ୟପ୍ରାଚ୍ୟରେ ଶତ୍ରୁତା ବୃଦ୍ଧି ବିଶ୍ୱ ଶକ୍ତି ବଜାରରେ ଏକ ଅଭୂତପୂର୍ବ ସଙ୍କଟ ସୃଷ୍ଟି କରିଛି, ଯାହା ବିଶ୍ୱର ଦେଶଗୁଡ଼ିକୁ ଇନ୍ଧନ ସଂରକ୍ଷଣ, ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କ ଜନସଂଖ୍ୟା ପାଇଁ ନିରନ୍ତର ଶକ୍ତି ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ବାଧ୍ୟ କରିଛି। ଏସିଆରୁ ଆଫ୍ରିକା, ୟୁରୋପ ପର୍ଯ୍ୟନ୍ତ, ସରକାର ସୀମିତ ଇନ୍ଧନ ଭଣ୍ଡାରକୁ ଉପଯୋଗ କରିବା ପାଇଁ ଅନ୍ୟାନ୍ୟ ପ୍ରୟାସ ମଧ୍ୟରେ ଅତିରିକ୍ତ ସରକାରୀ ଛୁଟି, ଘରୁ କାମ କରିବା ପାଇଁ ନିର୍ଦ୍ଦେଶ, ଇନ୍ଧନ ସଞ୍ଚୟ ଏବଂ ଶିଳ୍ପ ବନ୍ଦ ସମେତ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଠାରେ ଏହାର ଏକ ସାରାଂଶ ଉପସ୍ଥାପନ କରାଯାଇଛି।

ଶ୍ରୀଲଙ୍କା ବୁଧବାର ସ୍କୁଲ, ବିଶ୍ୱବିଦ୍ୟାଳୟ ଏବଂ ଅଣ ଜରୁରୀ ରାଜ୍ୟ କର୍ମଚାରୀଙ୍କ ପାଇଁ ଏକ ବାଧ୍ୟତାମୂଳକ ସରକାରୀ ଛୁଟି ଘୋଷଣା କରିଛି। ପୁନଃ ପ୍ରଚଳନ କରାଯାଇଥିବା ଜାତୀୟ ଇନ୍ଧନ ପାସ୍ (କ୍ୟୁଆର-ଆଧାରିତ ରାସନିଂ) ସହିତ ଘରୋଇ ଯାନବାହନ ୧୫ ଲିଟର/ସପ୍ତାହରେ, ସାର୍ବଜନୀନ ପରିବହନ ପାଇଁ ୨୦୦ ଲିଟର ସୀମା ନିର୍ଦ୍ଧାରିତ କରାଯାଇଛି।

ବାଂଲାଦେଶରେ ସମସ୍ତ ବିଶ୍ୱବିଦ୍ୟାଳୟ, ବିଦେଶୀ ପାଠ୍ୟକ୍ରମ ସ୍କୁଲ ଏବଂ କୋଚିଂ ସେଣ୍ଟରଗୁଡ଼ିକୁ ବନ୍ଦ କରି ବିଦ୍ୟୁତ୍ ଭାର ହ୍ରାସ କରିବା ପାଇଁ ଅନଲାଇନ୍ ଶ୍ରେଣୀକୁ ସ୍ଥାନାନ୍ତର କରାଯାଇଛି। ୮ ମାର୍ଚ୍ଚରୁ ଇନ୍ଧନ ରାସନିଂ ଆରମ୍ଭ ହୋଇଛି। ପୋଷାକ ରପ୍ତାନି କ୍ଷେତ୍ର ପାଇଁ ବିଦ୍ୟୁତ୍ ପ୍ରାଥମିକତା ଥିବା ପରିବାର ପାଇଁ ୫ ଘଣ୍ଟା ରୋଲିଂ ବ୍ଲାକଆଉଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଷ୍ଟକ୍ ସୁରକ୍ଷା ପାଇଁ ପ୍ରମୁଖ ତୈଳ ଡିପୋରେ ସେନା ମୁତୟନ କରାଯାଇଛି। ଗ୍ୟାସ୍ ଅଭାବ ଯୋଗୁଁ ୫ଟି ରାଷ୍ଟ୍ରାୟତ୍ତ ସାର କାରଖାନା ମଧ୍ୟରୁ ୪ଟି ବନ୍ଦ କରିବାକୁ ବାଧ୍ୟ ହୋଇଛି।

ଭୁଟାନରେ ଅତିରିକ୍ତ ଭଣ୍ଡାରଣକୁ ରୋକିବା ପାଇଁ ଜେରି କ୍ୟାନରେ ଇନ୍ଧନ ବିକ୍ରୟ ଉପରେ ନିଷେଧ କରାଯାଇଛି। ଜରୁରୀ କାଳୀନ ସେବା ପାଇଁ ଇନ୍ଧନର ସଞ୍ଚୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

ପାକିସ୍ତାନରେ ସରକାରୀ କର୍ମଚାରୀଙ୍କ ପାଇଁ ଚାରି ଦିନିଆ କାର୍ଯ୍ୟ ସପ୍ତାହ ବ୍ୟବସ୍ଥା କରାଯାଇଛି। ସ୍କୁଲ ଏବଂ କଲେଜ ଦୁଇ ସପ୍ତାହ ପାଇଁ ବନ୍ଦ ରହିଛି। ସରକାରୀ ବିଭାଗଗୁଡ଼ିକୁ ଇନ୍ଧନ ଆବଣ୍ଟନ ୫୦% ହ୍ରାସ କରାଯାଇଛି। ଅଣ ଜରୁରୀ ସରକାରୀ ଯାନବାହନ ରାସ୍ତାରୁ ପ୍ରତ୍ୟାହାର ହୋଇଛି।

ଫିଲିପାଇନ୍ସରେ ସରକାରୀ କର୍ମଚାରୀଙ୍କ ପାଇଁ ଚାରି ଦିନିଆ କାର୍ଯ୍ୟ ସପ୍ତାହ କରାଯାଇଛି। ଘରୋଇ କ୍ଷେତ୍ରକୁ ଘରୁ କାମ କରିବାକୁ ପ୍ରୋତ୍ସାହିତ କରାଯାଇଛି। ଅଣଜରୁରୀ ସରକାରୀ କ୍ଷେତ୍ର ଯାତ୍ରା ଉପରେ ନିଷେଧାଦେଶ ଜାରି କରାଯାଇଛି। ଭିଏତନାମରେ ଘରୁ କାମ କରିବାକୁ ବ୍ୟବସାୟଗୁଡ଼ିକୁ ଅନୁରୋଧ। ସାର୍ବଜନୀନ ପରିବହନ, ସାଇକେଲିଂ ଏବଂ କାରପୁଲିଂକୁ ପ୍ରୋତ୍ସାହିତ କରାଯାଇଛି।

ମିଆଁମାରରେ ପଞ୍ଜୀକରଣ ସଂଖ୍ୟା ଆଧାରରେ ବ୍ୟକ୍ତିଗତ ଯାନବାହନ ବିକଳ୍ପ ଅଯୁଗ୍ମ-ଯୁଗ୍ମ ଦିନ ଆଧାରରେ ସୀମିତ କରାଯାଇଛି। ଇନ୍ଧନର ବ୍ୟାପକ ଅଭାବ ସ୍ଥାନୀୟ ପେଟ୍ରୋଲ ଷ୍ଟେସନଗୁଡ଼ିକୁ ବନ୍ଦ କରିବାକୁ ବାଧ୍ୟ କରୁଥିବା ରିପୋର୍ଟ ହୋଇଛି। କାମ୍ବୋଡିଆରେ ଇନ୍ଧନ ମୂଲ୍ୟ ଉପରେ ସଂଘର୍ଷର ପ୍ରଭାବ ଅନିଶ୍ଚିତତା ଯୋଗୁଁ ଦେଶର ୬,୩୦୦ ପେଟ୍ରୋଲ ପମ୍ପ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ମାର୍ଚ୍ଚ ମଧ୍ୟଭାଗରେ ବନ୍ଦ ହୋଇଛି।

ଲାଓସ୍‌ରେ ସରକାରୀ କର୍ମଚାରୀଙ୍କ ପାଇଁ ଘରୁ କାମ କରିବା ବାଧ୍ୟତାମୂଳକ କରାଯାଇଛି। ଦୂରବର୍ତ୍ତୀ ବୈଠକ ଏବଂ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହନ ଦିଆଯାଉଛି। ବ୍ୟାପକ ଇନ୍ଧନ ଷ୍ଟେସନ୍ ବନ୍ଦ ହେବା ପରେ ଯୋଗାଣ ଶୃଙ୍ଖଳ ଉପରେ ଚାପ କମ୍ କରିବା ପାଇଁ ଯାତାୟାତ ହ୍ରାସ କରିବା ପାଇଁ ରୋଟେସନରେ କାର୍ଯ୍ୟ କରାଯାଇଛି।

ଇଜିପ୍ଟରେ ୨୮ ମାର୍ଚ୍ଚରୁ, ସପ୍ତାହର ଦିନଗୁଡ଼ିକରେ ମଲ୍, ରେଷ୍ଟୁରାଣ୍ଟ ଏବଂ ଖୁଚୁରା ଦୋକାନଗୁଡ଼ିକ ରାତି ୯ଟା ସୁଦ୍ଧା ବନ୍ଦ ହେବ। ସରକାରୀ କୋଠା ଗୁଡ଼ିକ ସନ୍ଧ୍ୟା ୬ ଟା ସୁଦ୍ଧା ବନ୍ଦ ହେବ। ବିଦ୍ୟୁତ୍ ବ୍ୟବହାର ହ୍ରାସ କରିବା ପାଇଁ ଆଲୋକିତ ବିଲବୋର୍ଡ ଗୁଡ଼ିକ ବନ୍ଦ କରାଯିବ।

କେନିଆରେ ଇନ୍ଧନ ରାସନିଂ ଏବଂ ରପ୍ତାନି ଉପରେ ପ୍ରଭାବଶାଳୀ ପ୍ରତିବନ୍ଧକ ଘୋଷଣା କରାଯାଇଛି। ଶକ୍ତି ନିୟାମକ ଚେତାବନୀ ଦେଇଛନ୍ତି ଯେ ଏହି ପ୍ରତିବନ୍ଧକ ସହିତ ମଧ୍ୟ ବିଦ୍ୟମାନ ଷ୍ଟକ୍ କେବଳ ଏପ୍ରିଲ ପର୍ଯ୍ୟନ୍ତ ରହିବ। ଦକ୍ଷିଣ ଆଫ୍ରିକାରେ ଖଣିଜ ଏବଂ ପେଟ୍ରୋଲିୟମ୍ ସମ୍ପଦ ବିଭାଗ ବିଭିନ୍ନ ପ୍ରଦେଶରେ ଡିଜେଲ ଅଭାବ କାରଣରୁ ନ୍ୟାୟପୂର୍ଣ୍ଣ ବଣ୍ଟନ ସୁନିଶ୍ଚିତ କରିବା ଏବଂ ଆତଙ୍କ-କ୍ରୟକୁ ରୋକିବା ପାଇଁ ଶିଳ୍ପ ସ୍ତରରେ 'ନିୟନ୍ତ୍ରିତ ଆବଣ୍ଟନ ପଦକ୍ଷେପ' କାର୍ଯ୍ୟକାରୀ କରିଛି।

ନ୍ୟୁଜିଲାଣ୍ଡ ସରକାର ୧୯୭୯ ଯୁଗର 'କାର୍-ବିହୀନ ଦିନ' ନୀତିକୁ ପୁଣି ଆରମ୍ଭ କରିବାକୁ ବିଚାର କରୁଛନ୍ତି ଯାହା ଅଧୀନରେ ମୋଟର ଚାଳକମାନେ ପ୍ରତି ସପ୍ତାହରେ ଗୋଟିଏ ନୋ-ଡ୍ରାଇଭିଂ ଦିନ ମନୋନୀତ କରିବେ। ୧.୫୭ ନିୟୁତ ବ୍ୟାରେଲ ରିଜର୍ଭରୁ ମୁକ୍ତ ହେବା ସହିତ ଇନ୍ଧନ ଷ୍ଟକ୍ ମନିଟରିଂ ପାଇଁ 'ଆମ୍ବର ଆଲର୍ଟ' ପ୍ରୋଟୋକଲ ସକ୍ରିୟ ହୋଇଛି। ଜେଟ୍ ଇନ୍ଧନର ଉଚ୍ଚ ମୂଲ୍ୟ ଯୋଗୁଁ ଏୟାର ନ୍ୟୁଜିଲାଣ୍ଡର ପ୍ରାୟ ୧,୧୦୦ ଉଡ଼ାଣ ବାତିଲ ହୋଇଛି ଯାହା ୪୫,୦୦୦ ଯାତ୍ରୀଙ୍କୁ ପ୍ରଭାବିତ କରିଛି।

ସ୍ଲୋଭାକିଆ ସରକାର ଭଣ୍ଡାରଣ ଏବଂ ଅଭାବକୁ ରୋକିବା ପାଇଁ ପ୍ରତ୍ୟେକ କ୍ରେତା କେତେ ଡିଜେଲ ପାଇପାରିବେ ତାହା ସୀମିତ କରି ସରକାରୀ ଡିଜେଲ କ୍ରୟ କୋଟା ଲାଗୁ କରିଛି।

ସ୍ଲୋଭେନିଆ ଦେଶର ଦ୍ୱିତୀୟ ସର୍ବବୃହତ ଇନ୍ଧନ ଖୁଚୁରା ବିକ୍ରେତା, ଏମଓଏଲ୍ ସ୍ଲୋଭେନିଆ, ଅଭାବକୁ ରୋକିବା ଏବଂ ଉଚ୍ଚ ଚାହିଦା ମଧ୍ୟରେ ସ୍ଥାନୀୟ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏହାର ଷ୍ଟେସନଗୁଡ଼ିକରେ ଇନ୍ଧନ ରାସନିଂ (କାର୍ ପାଇଁ ୩୦ ଲିଟର, ଟ୍ରକ୍ ପାଇଁ ୨୦୦ ଲିଟର) କାର୍ଯ୍ୟକାରୀ କରିଛି।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚନ୍ଦ୍ରରେ ନୂଆ...

ପୁରୁଣା ଓ ନୂତନ ଚିତ୍ରର ତୁଳନା କରିବା ଏବଂ ସ୍ପଷ୍ଟ ପରିବର୍ତ୍ତନକୁ ଚିହ୍ନଟ କରିବା ପାଇଁ ସୁଯୋଗ ଦେଇଛି। ୨୦୦୯ରେ ଏହାର ମିଶନ ଆରମ୍ଭ କରିବା ପରେ ଅର୍ବିଟର ଦେଖିଥିବା ପ୍ରଥମ କ୍ରାଟର ମଧ୍ୟରୁ ଗୋଟିଏ ୭୦ ମିଟର ଚଉଡା ଥିଲା। ୨୨୫ ମିଟର ବିଶିଷ୍ଟ ଏହି ନୂତନ ଗର୍ତ୍ତର ଚଉଡ଼ା ତିନି ଗୁଣରୁ ଅଧିକ। ବିଶ୍ଳେଷଣ ପରେ ବୈଜ୍ଞାନିକମାନେ ଗର୍ତ୍ତର ଗଭୀରତା ହାରାହାରି ପ୍ରାୟ ୪୩ ମିଟର ବୋଲି ଜାଣିବାକୁ ପାଇଲେ ଏବଂ ଏହାର ତୀଖ ଧାର ସୂଚିତ କରେ ଯେ ଏହା କଠିନ ଲାଭା ପରି ଶକ୍ତିଶାଳୀ ପଦାର୍ଥରେ ସୃଷ୍ଟି ହୋଇଛି। କିନ୍ତୁ ଏହାର ଆକୃତି ସାମାନ୍ୟ ଲମ୍ବା, ଯାହା ସୂଚିତ କରେ ଯେ କ୍ରାଟର ତଳେ ଥିବା ଭୂମି ସବୁଠି ସମାନ ନୁହେଁ।

## ଦୁର୍ଘଟଣାରେ ମୃତକଙ୍କ...

ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

## ବାଚସ୍ପତିଙ୍କ ପରେ ...

ବଜେଟ୍ ଅଧିବେଶନ ରାଜ୍ୟବାସୀଙ୍କ ପାଇଁ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଠାରେ ସବୁ ବିଷୟ ଆଲୋଚନା ହୋଇପାରିବ। ବିରୋଧୀ ଦଳ ଯେଉଁ ଭଳି ଢଙ୍ଗରେ ପ୍ରତିବାଦ କରୁଛନ୍ତି ଏବଂ ଗୃହ ପରିଚାଳନାରେ ବାଧା ସୃଷ୍ଟି କରୁଛନ୍ତି ତାହା ଠିକ୍ ହେଉନାହିଁ। ଆପଣମାନଙ୍କର ଯାହା କରିବାର ଅଛି ତାହା ବିଧାନସଭା ଗୃହରେ କୁହନ୍ତୁ ଏବଂ ରେକର୍ଡ କରନ୍ତୁ ବୋଲି ବିରୋଧୀ ଦଳକୁ ଆହ୍ୱାନ ଜଣାଇ ଶ୍ରୀ ସିଂହଦେଓ କହିଥିଲେ ଯେ, ଏପରି ନକଲେ ଆପଣମାନଙ୍କ ପ୍ରତିବାଦର କିଛି ଅର୍ଥ ରହିବ ନାହିଁ। ଆଉ ଯାହା କହୁଛନ୍ତି କି ଦାବି କରୁଛନ୍ତି ତାହାର କିଛି ଫଳ ମିଳିବ ନାହିଁ। କାରଣ ଗୃହରେ ଆଲୋଚନା ହେଲେ ଆପଣମାନେ ସେଥିରେ ସହଯୋଗ କଲେ ସେଥିରୁ ସୁଫଳ ମିଳିବ। ରାଜ୍ୟବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବିଧାନସଭାରେ ମୁଁ ଆପଣମାନଙ୍କୁ ଅପିଲ କରୁଛି ଯେ ଆପଣମାନେ ଆଲୋଚନାକୁ ଆସନ୍ତୁ ବିଧାନସଭାରେ ଆଲୋଚନା କରନ୍ତୁ ଏବଂ ଗୃହ ପରିଚାଳନାରେ ସହଯୋଗ କରନ୍ତୁ ବୋଲି ଶ୍ରୀ ସିଂହଦେଓ ବିରୋଧୀ ଦଳ ବିଧାୟକମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଶୂନ୍ୟକାଳରେ ବିରୋଧୀ ଦଳ ପୁନର୍ବାର ସେମାନଙ୍କର ଦାବି ଦୋହରାଇ ହଟ୍ଟଗୋଳ ନାରାବାଜି ଆରମ୍ଭ କରିଥିଲେ। ସେହି ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଗୃହ ପରିଚାଳନାରେ ସହଯୋଗ ପାଇଁ ବିରୋଧୀ ବିଧାୟକମାନଙ୍କୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ସେମାନେ ଶୁଣିନଥିଲେ। ଏପରି ଅବସ୍ଥାରେ ବାଚସ୍ପତି ଶାସକଦଳ ବିଧାୟକମାନଙ୍କୁ ଗୃହରେ ବକ୍ତବ୍ୟ ରଖିବା ପାଇଁ ସୁଯୋଗ ଦେଇଥିଲେ। ତଦନୁସାରେ ବିଧାୟକ ସର୍ବଶ୍ରୀ ଟଙ୍କଧର ତ୍ରିପାଠୀ, ସନାତନ ବିଜୁଳି, ପଦ୍ମଲୋଚନ ପଣ୍ଡା, ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବିଭୂତିଭୂଷଣ ପ୍ରଧାନ, ମାନସ କୁମାର ଦତ୍ତ, ଆଶ୍ରିତ ପଟ୍ଟନାୟକ, ବାବୁ ସିଂ, ପୂର୍ଣ୍ଣଚନ୍ଦ୍ର ସେଠୀ, ସନ୍ତୋଷ ଖଟୁଆ ପ୍ରମୁଖ ଜଣକ ପରେ ଜଣେ ବିରୋଧୀ ଦଳକୁ ତୀବ୍ର ସମାଲୋଚନା କରିବା ସହ ଗୃହ ପରିଚାଳନାରେ ବିଶୃଙ୍ଖଳା ଓ ବାଧା ସୃଷ୍ଟି କରୁଥିବା କାରଣରୁ ସେମାନଙ୍କ ଆଚରଣ ଓ ଉଚ୍ଚାରଣକୁ ନିନ୍ଦା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ପବିତ୍ର ବିଧାନସଭା ଗୃହକୁ ବିରୋଧୀ ଦଳର ବିଧାୟକମାନେ ଅପବ୍ୟବହାର କରୁଛନ୍ତି। ବିଜୁ-ନବୀନ ଟ୍ରଷ୍ଟ ନାମରେ କୋଟି କୋଟି ଟଙ୍କା ସଂଗ୍ରହ କରାଯାଇ ତାକୁ ବାହାରେ ରଖାଯାଇଛି। ଓଡ଼ିଶା ଏବଂ ରାଜ୍ୟବାସୀଙ୍କ ହୀତ ଦୃଷ୍ଟିରୁ ଏ ସମ୍ପର୍କରେ ଅନୁସନ୍ଧାନ କରାଯିବା ଦରକାର। ସେହିପରି ବିଜେଡ଼ିର ଦଳୀୟ କନ୍ଦଳକୁ ଏଡାଇବା ପାଇଁ ବିରୋଧୀ ଦଳ ପକ୍ଷରୁ ଉଦ୍ୟମ କରାଯାଉଛି। ଯାହା ଫଳରେ ସେମାନେ ଗୃହ ଚଳାଇ ଦେଉନାହାନ୍ତି। ଏହାକୁ ଆମେ ନିନ୍ଦା କରୁଛୁ। ଗୃହରେ ରାଜ୍ୟବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରୁନାହିଁ। କୋଟି କୋଟି ଟଙ୍କା ବିଧାନସଭା ପାଇଁ ଖର୍ଚ୍ଚ ହେଉଥିଲେ ମଧ୍ୟ ବିରୋଧୀ ଦଳ ସେଥିରେ ସହଯୋଗ ନକରି ଯେଉଁ ପ୍ରକାର ନାଟକବାଜୀ କରୁଛନ୍ତି ଆଗାମୀ ଦିନରେ ରାଜ୍ୟବାସୀ ଏହାର ଜବାବ ଦେବେ ବୋଲି ସେମାନେ କହିଥିଲେ। ହଟ୍ଟଗୋଳ ଲାଗି ରହିବାରୁ ବାଚସ୍ପତି ଗୃହକୁ ୧୨ଟା ୨୦ ମିନିଟ୍‌ରେ ଅପରାହ୍ନ ୪ଟା ଯାଏଁ ମୁଲତବୀ କରିଥିଲେ। ଏହା ପରେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିଲା। ସେହି ହଟ୍ଟଗୋଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ଦିବସ ପାଇଁ ଧାର୍ଯ୍ୟ ହୋଇଥିବା ରିପୋର୍ଟ ଏବଂ ବିଲ୍ ଉପସ୍ଥାପନ କରିଥିଲେ। ତେବେ ଏହା ପରେ ବାଚସ୍ପତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ସମ୍ପର୍କିତ ଖର୍ଚ୍ଚ ଦାବି ଆଗତ ପାଇଁ ଡାକିଥିଲେ। ଏହି ସମୟରେ ବିରୋଧୀ ଦଳ ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ପ୍ରତିବାଦ ଜଣାଇ କକ୍ଷତ୍ୟାଗ କରିଥିଲେ।

## ମଧ୍ୟପ୍ରାଚ୍ୟ ବିବାଦର...

ଶୃଙ୍ଖଳାର ବିଶୃଙ୍ଖଳା, ପରିବହନ ଓ ବୀମା ଖର୍ଚ୍ଚ ବୃଦ୍ଧି, ଏବଂ ମୁଦ୍ରା ମୂଲ୍ୟହ୍ରାସ ହେବାର ସମ୍ଭାବନା ରହିଛି, ଯାହା ପରିଣାମରେ ମୂଲ୍ୟସ୍ଫୀତି, କରେଣ୍ଟ ଏକାଉଣ୍ଟ ଡେଫିସିଟ ଓ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧି ଉପରେ ପର୍ଯ୍ୟାୟକ୍ରମେ ପ୍ରଭାବ ପକାଇପାରେ। ରାଜ୍ୟର ରପ୍ତାନିର ଏକ ବଡ଼ ଅଂଶ ପଶ୍ଚିମ ଏସିଆ ମାର୍କେଟ ସହିତ ସଂପୃକ୍ତ, ଯାହା ରାଜ୍ୟର ମୁଖ୍ୟ କ୍ଷେତ୍ରଗୁଡ଼ିକ- ଯଥା ସମୁଦ୍ର ଉତ୍ପାଦ ରପ୍ତାନି, କୃଷି ଉତ୍ପାଦ, ପ୍ରକ୍ରିୟାକୃତ ଖଣିଜ, ରାସାୟନିକ ଓ ସମ୍ପର୍କିତ ଶିଳ୍ପଉପରେ କିପରି ପ୍ରଭାବ ପକାଇବ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏହା ସହିତ, ଶିଳ୍ପକ୍ଷେତ୍ରରେ କଞ୍ଚା ମାଲର ଅଭାବ ଏବଂ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ହେବାର ସମ୍ଭାବନା ରହିଛି। ପଶ୍ଚିମ ଏସୀୟ ଦେଶଗୁଡ଼ିକରୁ ଚାହିଦା ହ୍ରାସ ପାଇବା ହେତୁ ମତ୍ସ୍ୟ ସମ୍ପଦ କ୍ଷେତ୍ର ଏବେଠାରୁ ଚାପର ସମ୍ମୁଖୀନ ହେବାର ସଙ୍କେତ ଦେଖାଦେଇଛି । ଶକ୍ତି ଏବଂ ସାର ଖର୍ଚ୍ଚ ବୃଦ୍ଧି ପାଇବା ଫଳରେ ଏହାର ପ୍ରଭାବ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ପଡ଼ିବାର ସମ୍ଭାବନା ରହିଛି । ଉପରୋକ୍ତ ବିଷୟଗୁଡ଼ିକୁ ବିଚାରକୁ ନେଇ, ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା, ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା, ରପ୍ତାନୀ ସୁବିଧା ଏବଂ ରପ୍ତାନିକାରୀଙ୍କ ପାଇଁ ସଂକଟ ହ୍ରାସ କରିବା ଦିଗରେ ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଶୃଙ୍ଖଳରେ ସ୍ଥିରତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ସଂପୃକ୍ତ ବିଭାଗ ଏବଂ ପ୍ରବର୍ତ୍ତନକାରୀ ସଂସ୍ଥା ଗୁଡ଼ିକ ଦ୍ୱାରା ଏହି ପଦକ୍ଷେପଗୁଡ଼ିକୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ଗ୍ରାହକଙ୍କ ମଧ୍ୟରେ ଥିବା ଭୟ ବା ଆଶଙ୍କାକୁ ଦୂର କରିବା ପାଇଁ ବିଶ୍ୱାସ ଜନ୍ମାଇବା ଭଳି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବଦଳୁଥିବା ପରିସ୍ଥିତି ଏବଂ ରାଜ୍ୟ ଅର୍ଥନୀତି ଉପରେ ଏହାର ପ୍ରଭାବର ନିରନ୍ତର ସମୀକ୍ଷା ଓ ନିରୀକ୍ଷଣ କରାଯିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନଗୁଡ଼ିକୁ ତୀକ୍ଷ୍ଣ ନଜର ରଖିବା, ସଠିକ୍ ସମୟରେ ନୀତିଗତ ପଦକ୍ଷେପ ଗ୍ରହଣ କରିବା ଏବଂ ସଂକଟ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଓ ଯୋଗାଣ ବ୍ୟବସ୍ଥା ସନ୍ଧାନ କରିବାକୁ ସେ ସମସ୍ତ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ, ପିଏନଜି ବିତରଣ ବ୍ୟବସ୍ଥାର ଶୀଘ୍ର କାର୍ଯ୍ୟକାରିତା, ଭବିଷ୍ୟତର ଆବଶ୍ୟକତା ପୂରଣ ପାଇଁ ବନ୍ଦରଗୁଡ଼ିକରେ ଅଧିକ ଏଲଏନଜି ଟର୍ମିନାଲ ପ୍ରତିଷ୍ଠା ଏବଂ ଏଲପିଜି ଓ ଅନ୍ୟାନ୍ୟ ପେଟ୍ରୋଲିୟମ ପଦାର୍ଥ ଉପରେ ନିର୍ଭରଶୀଳତା କମାଇବା ପାଇଁ କୋଇଲା ଉତ୍ପାଦନ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବହେମନ୍ତ ଶର୍ମା, ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସଚିବ ରାମଚନ୍ଦ୍ର ଯାଦବ, ଏମଏସଏମଇ ବିଭାଗ କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, ଏବଂ ରପ୍ତାନି ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶାଳୟ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ଭୁବନେଶ୍ୱର ପ୍ରତିନିଧି ଏବଂ ବିଷୟ ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

## 'ହର୍ ଘର୍ ଜଲ୍' ଲକ୍ଷ୍ୟ ...

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ଜଳ ଜୀବନ ମିଶନ ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇ କହିଥିଲେ ଯେ, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି। କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର ଜଲ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ଜଳ ଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଅପରେସନ ଆଣ୍ଡ ମେଣ୍ଟେନାନ୍ସ ପଲିସି ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି, ଆର୍ଥିକ ସ୍ଥିରତା ଓ ସଠିକ୍ ରକ୍ଷଣାବେକ୍ଷଣ ଉପରେ ଜୋର ଦିଆଯାଉଛି। ସୁଜଳମ୍ ଭାରତ ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୫,୦୦୦ ଗ୍ରାମୀଣ ପାଇପ୍ ଜଳ ଯୋଜନାର ଆଇଡି ପ୍ରସ୍ତୁତ କରାଯାଇଛି ଓ ସମସ୍ତ ଯୋଜନାର ବିତ୍ତୀୟ ସମନ୍ୱୟ ସମ୍ପନ୍ନ ହୋଇଛି। ଓଡିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ, ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ବସୁଧା ହେଲ୍ପଲାଇନ୍, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ୍ ଗ୍ରୀଭାନ୍ସ ପ୍ଲାଟଫର୍ମ ମାଧ୍ୟମରେ ସିଟିଜେନ୍-ସେଣ୍ଟ୍ରିକ୍ ସେବାକୁ ଶକ୍ତିଶାଳୀ କରାଯାଇଛି। ଗ୍ରାମସ୍ତରରେ ଭିଲେଜ ୱାଟର ଆଣ୍ଡ ସାନିଟେସନ କମିଟି (ଭିଡବ୍ଲୁଏସସି) ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି ବୃଦ୍ଧି ପାଇଛି ଓ ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ "ଜଳ ଅର୍ପଣ ଦିବସ" ସଫଳତାର ସହିତ ପାଳନ ହୋଇଛି। ବାକି ସବୁ ଜିଲ୍ଲାରେ ମଧ୍ୟ ଶୀଘ୍ର କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ମିଶନ ମହିଳାମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି, କାରଣ ବର୍ତ୍ତମାନ ସମୟରେ ସେମାନଙ୍କୁ ପାଣି ପାଇଁ ଦୂରକୁ ଯିବାକୁ ପଡୁନାହିଁ। ଓଡିଶାରେ ଜଳ ଶକ୍ତି ଅଭିଯାନ ଏକ ଜନଆନ୍ଦୋଳନର ରୂପ ନେଇଛି। ଏହା ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ ଷ୍ଟ୍ରକଚର, ୪୩ ହଜାରରୁ ଅଧିକ ଜଳାଶୟ ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟରସେଡ୍ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ୨ କୋଟିରୁ ଅଧିକ ଗଛ ରୋପଣ କରାଯାଇଛି। ଏହି ଅବସରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର ପାଟିଲ କହିଥିଲେ ଯେ ୨୦୨୪ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୦୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ ୨.୦ ମାଧ୍ୟମରେ ସମ୍ପ୍ରସାରିତ କରାଗଲା । ଏହି ମିଶନ ମହିଳାଙ୍କ ଜୀବନରେ ସୁଧାର ଆଣିବ । ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି ସେଠାରେ ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏହି ମିଶନ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗ ସଚିବ ଅଶୋକ ମୀନା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା -ସଚିବ ଗିରିଶ ଏସ୍.ଏନ୍ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜସ୍ୱ ଓ ବିପର୍ଯ୍ୟୟ ...

କରିଥିଲେ। ଖର୍ଚ୍ଚଦାବି ଆଲୋଚନାରେ ବିରୋଧୀ ଦଳ ଭାଗ ନେଇ ନଥିବା ବେଳେ କେବଳ ଶାସକଦଳର ବିଧାୟକମାନେ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ମନ୍ତ୍ରୀ ଡା. ମହାଲିଙ୍ଗ ରାଜସ୍ୱ ବିଭାଗ ଖର୍ଚ୍ଚଦାବି ଆଲୋଚନାର ଉତ୍ତର ଦେଇ କହିଥିଲେ ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟର ସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ହାଇଟେକ୍ ସର୍ଭେକୁ ନିର୍ଭୁଲ ଭାବେ ବ୍ୟାପକ ଲାଗୁ କରିବା, ସମସ୍ତ ଜମିଜମା କାଗଜପତ୍ରକୁ ସୁରକ୍ଷିତ କରିବା, ରାଜସ୍ୱ କାର୍ଯ୍ୟାଳୟ ପାଇଁ ଆବଶ୍ୟକୀୟ ଆନୁସଙ୍ଗିକ ଆସବାବପତ୍ର ଓ ଉପକରଣ କ୍ରୟ କରିବା, ବିଭାଗ ଅଧିନରେ ନୂତନ ଆବାସିକ ଏବଂ ଅଣଆବାସିକ କୋଠା ନିର୍ମାଣ, ରାଜସ୍ୱ କାର୍ଯ୍ୟାଳୟରେ ସୂଚନା ପ୍ରଯୁକ୍ତି ବିଦ୍ୟା ଭିତ୍ତିଭୂମିକୁ ସୁଦୃଢ଼ କରିବା ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାରା ରାଜ୍ୟରେ ଉତ୍ତରଦାୟୀ, ଦକ୍ଷ ସ୍ୱଚ୍ଛ ଏବଂ ସକ୍ରିୟ ପ୍ରଶାସନ ପାଇଁ ଆହ୍ୱାନ ଦେଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଚଳିତ ଆର୍ଥିକ ବର୍ଷରେ ବିଭାଗ ଦ୍ୱାରା ଅନେକ ଫଳପ୍ରଦ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯଥା ଭୂମି ରେକର୍ଡର ଡିଜିଟାଇଜେସନ, ଭିତ୍ତିଭୂମି ସୃଦୃଢ଼ୀକରଣ, ଲୋକଙ୍କ ପାଖକୁ ସରକାରଙ୍କୁ ପହଞ୍ଚାଇବା, ଦୃଢ଼ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତି ଓ ଅଭିନବ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହାତକୁ ନିଆଯାଇଛି। ଅନେକ ଜନକଲ୍ୟାଣ ଯୋଜନା (ବସୁନ୍ଧରା, ନୂତନ ଗ୍ରାମ, କଲମ-୨ କରେକସନ୍, ନକ୍ସା, ଅନଲାଇନ ଡିମାର୍କେସନ, ଅନଲାଇନ ରେଜିଷ୍ଟ୍ରେସନ, ଶ୍ରୀଜଗନ୍ନାଥ ଜମି ସୁରକ୍ଷା ସେଲ୍, ହ୍ୱାଟସ୍‌ଆପ୍ ମାଧ୍ୟମରେ ରାଜସ୍ୱ ସେବା ଇତ୍ୟାଦି)। ସରକାର ଭୂମିରେକର୍ଡର ଶତପ୍ରତିଶତ କମ୍ପ୍ୟୁଟରୀକରଣ ସହ ସମସ୍ତ ସବରେଜିଷ୍ଟ୍ରେସନ କାର୍ଯ୍ୟାଳୟ ସହିତ ସଂଯୋଗୀକରଣ କରିଛନ୍ତି। ସହରାଞ୍ଚଳରେ ଜମି ରେକର୍ଡଗୁଡ଼ିକୁ ସଠିକ୍ ଏବଂ ଅତ୍ୟାଧୁନିକ କରି ପ୍ରସ୍ତୁତ କରିବା ପାଇଁ ଏକ ନୂତନ ଯୋଜନା 'ନକ୍ସା' ଆରମ୍ଭ କରିଛନ୍ତି। ଏହି ଯୋଜନା ବର୍ତ୍ତମାନ ରାଜ୍ୟର ୪ଟି ମ୍ୟୁନିସିପାଲିଟି ଯଥା- ଖୋର୍ଦ୍ଧା, ଜଟଣୀ, ବାରିପଦା ଓ ଝାରସୁଗୁଡ଼ାରେ କାର୍ଯ୍ୟକାରୀ ହେଉଛି। ଡିଜିଟାଲ ଗଭର୍ଣ୍ଣାନ୍ସ ଏବଂ ଉନ୍ନତ ନାଗରିକ ସେବା ପ୍ରଦାନ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇ-ରେଜିଷ୍ଟ୍ରେସନ ଓଡ଼ିଶା ମୋବାଇଲ ଆପ୍ଲିକେସନ ଲୋକାର୍ପିତ ହୋଇଛି। ଏହାଦ୍ୱାରା ସୁବିଧାଜନକ ଓ ପଛୁଆ ଭାବରେ ପଞ୍ଜୀକରଣ, ଦଲିଲ ପଞ୍ଜୀକରଣ ପାଇଁ ଅନଲାଇନ୍ ସ୍ଲଟ୍ ବୁକିଂ, ଭାରମୁକ୍ତ ପ୍ରମାଣପତ୍ର (ଇସି), ଦଲିଲର ପ୍ରମାଣିକୃତ ନକଲ ଆଦି ସେବା ସରଳ ଓ ସହଜ ଭାବେ ଲୋକଙ୍କ ପାଖରେ ପହଞ୍ଚି ପାରୁଛି। ଏବେ ସୁଦ୍ଧା ୬୦୮୭୧ଟି ରେଜିଷ୍ଟ୍ରେସନ ସେବା ମୋବାଇଲ ଆପ୍ଲିକେସନ ସେବା ଦାଖଲ କରାଯାଇଛି। ବସୁନ୍ଧରା ଯୋଜନାରେ ୨୮୫୩୧ ଘରବାରି ଶୂନ୍ୟ ପରିବାରକୁ ୪ ଡିସିମିଲ ପଟ୍ଟା ସହିତ ଦିଆଯାଇଛି। ୨୫୬୪୩ଟି ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ନାମରେ ପଟ୍ଟା ଦିଆଯାଇଛି। ଆମ ସରକାର ୯୪୬ଟି ନୂତନ ରାଜସ୍ୱଗ୍ରାମ ଘୋଷଣା କରିଛନ୍ତି। ରାଜ୍ୟର ସମସ୍ତ ତହସିଲରେ ଉଚ୍ଚ ମାନର ଅନଲାଇନ ଭିଡିଓ କନଫରେନ୍ସିଂ ସୁବିଧା ଓ ଏବେ ସୁଦ୍ଧା ୨୮୪ ତହସିଲରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି ବୋଲି ମନ୍ତ୍ରୀ କହିଥିଲେ। ସେ କହିଥିଲେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ସହିତ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ବିପର୍ଯ୍ୟୟ ପରିଚାଳନା ଭବନ ନିର୍ମାଣ ପାଇଁ ସିଦ୍ଧାନ୍ତ ନିଆଯାଇଛି।

## ଦୀର୍ଘ ସମୟ...

ହୋଇଯାଇଛି ଏବଂ ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ଭାରତ ପାଇଁ ମଧ୍ୟ ଏହା ଚିନ୍ତାଜନକ, କାରଣ ଏହାର ପ୍ରଭାବରେ ପେଟ୍ରୋଲ, ଡିଜେଲ, ଗ୍ୟାସ ଭଳି ଆବଶ୍ୟକ ବସ୍ତୁଗୁଡ଼ିକର ଯୋଗାଣ ପ୍ରଭାବିତ ହେଉଛି। ଏହା ସହିତ ବିଶ୍ୱ ବ୍ୟାପାର ମାର୍ଗଗୁଡ଼ିକ ଉପରେ ମଧ୍ୟ ଚାପ ବଢ଼ିଛି, ବିଶେଷକରି ହର୍ମୁଜ୍ ପ୍ରଣାଳୀରେ ଜାହାଜ ଅଟକିଥିବାରୁ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି। ସେ କହିଛନ୍ତି ଯେ ଉପସାଗରୀୟ ଦେଶଗୁଡ଼ିକରେ ପ୍ରାୟ ଏକ କୋଟି ଭାରତୀୟ ରହୁଛନ୍ତି, ସେମାନଙ୍କ ସୁରକ୍ଷା ଓ ଜୀବିକା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଯୁଦ୍ଧ ଆରମ୍ଭ ହେବା ପରେ ଏପର୍ଯ୍ୟନ୍ତ ୩.୭୫ ଲକ୍ଷରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଛି। ଇରାନରୁ ମଧ୍ୟ ୧,୦୦୦ ରୁ ଅଧିକ ଭାରତୀୟଙ୍କୁ ଫେରାଇ ଅଣାଯାଇଛି, ଯାହାମଧ୍ୟରେ ବହୁ ସଂଖ୍ୟକ ଛାତ୍ର ଅଛନ୍ତି। କିଛି ଭାରତୀୟଙ୍କ ମୃତ୍ୟୁ ଓ ଆହତ ଘଟଣା ମଧ୍ୟ ସମ୍ମୁଖୀନ ହୋଇଛି, ସେମାନଙ୍କ ପରିବାରକୁ ସମସ୍ତ ସହାୟତା ଦିଆଯାଉଛି। ପ୍ରଧାନମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ଏହି ସଙ୍କଟର ସମାଧାନ କେବଳ ସମ୍ବାଦ ଓ କୂଟନୀତି ମାଧ୍ୟମରେ ସମ୍ଭବ। ସେ କହିଛନ୍ତି ଯେ ସେ ପଶ୍ଚିମ ଏସିଆର ଅନେକ ଦେଶର ନେତାମାନଙ୍କ ସହିତ ଦୁଇଥର ଆଲୋଚନା କରିଛନ୍ତି। ଏହାଛଡ଼ା ଭାରତ ଇରାନ, ଇସ୍ରାଏଲ, ଆମେରିକା ଓ ଅନ୍ୟାନ୍ୟ ଉପସାଗରୀୟ ଦେଶ ସହିତ ଲଗାତାର ସମ୍ପର୍କରେ ଅଛି। ଭାରତ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଓ ଅନ୍ତର୍ଜାତୀୟ ସମୁଦ୍ର ମାର୍ଗରେ ବାଧାକୁ ଅସ୍ୱୀକାର୍ଯ୍ୟ ବୋଲି କହିଛି। ସେ କହିଛନ୍ତି ଯେ ସରକାର ଏହା ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରୁଛି ଯେ ତେଲ, ଗ୍ୟାସ ବୋଝାଇ ଆସୁଥିବା ଜାହାଜଗୁଡ଼ିକ ସୁରକ୍ଷିତ ଭାବେ ଭାରତରେ ପହଞ୍ଚନ୍ତୁ। ଶେଷ କିଛି ଦିନରେ ବହୁ ଦେଶରୁ ଅଶୋଧିତ ତେଲ ଓ ଏଲପିଜି ଭର୍ତ୍ତି ଜାହାଜ ଭାରତକୁ ପହଞ୍ଚିଛି ଏବଂ ଏହି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଉର୍ଜା ସୁରକ୍ଷା ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ଦଶବର୍ଷରେ ଭାରତ ଏହି ଦିଗରେ ବଡ଼ ପଦକ୍ଷେପ ନିଆଯାଇଛି। ପୂର୍ବରୁ ଭାରତ ୨୭ଟି ଦେଶରୁ ଉର୍ଜା ଆମଦାନୀ କରୁଥିଲା, ବର୍ତ୍ତମାନ ଏହା ବଢ଼ି ୪୧ଟି ଦେଶକୁ ପହଞ୍ଚିଛି। ଏହା ସହିତ ୫୩ ଲକ୍ଷ ମେଟ୍ରିକ ଟନରୁ ଅଧିକ ରଣନୀତିଗତ ପେଟ୍ରୋଲିୟମ ଭଣ୍ଡାର ଉନ୍ନତ କରାଯାଇଛି ଏବଂ ଏହାକୁ ଆଗକୁ ବଢ଼ାଇବା ଉଦ୍ୟମ ଚାଲିଛି। ସେ ଆଶ୍ୱାସନା ଦେଇଛନ୍ତି ଯେ ଦେଶରେ ଅଶୋଧିତ ତେଲର ପର୍ଯ୍ୟାପ୍ତ ଭଣ୍ଡାର ଓ ଯୋଗାଣ ବ୍ୟବସ୍ଥା ମଜଭୁତ ଅଛି।

## ଗଣତି ପରେ ...

ସମୟ ଲାଗିଥିଲା। ଏହାର ତାଲିକା ମହଜୁଦ ରହିଛି। ତେଣୁ ରତ୍ନଭଣ୍ଡାରରେ ରତ୍ନ ଅଳଙ୍କାରର ସ୍ଥିତି ନେଇ ସୃଷ୍ଟି ହୋଇଥିବା ସନ୍ଦେହ ଦୂର ପାଇଁ ମେଳକ କରାଯିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

# ରାମନବମୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେବାକୁ ଯାଉଛି। ଏହି ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଏହି ପର୍ବ ପାଳନ ସମୟରେ ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି ।



ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ରେ ପୋଲିସର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳା ସହିତ ଏହି ପର୍ବ ପାଳନ ହୋଇଥିଲା । ଚଳିତ ବର୍ଷ ମଧ୍ୟ ବ୍ୟାପକ ପୋଲିସ ମୁତୟନ ସହ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ଦିବସକୁ ଶ୍ରୀରାମ ନବମୀ ଭାବରେ ସାରା ଦେଶରେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥାଏ । ଆଧ୍ୟାତ୍ମିକତାର ଏହି ପର୍ବରେ ଓଡ଼ିଶାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ବିନା କୌଣସି ଦ୍ୱିଧାରେ ସମ୍ପୂର୍ଣ୍ଣ ଭାବେ ଶାନ୍ତିର ସହ ପାଳନ କରିବେ ତାହା ସୁନିଶ୍ଚିତ କରିବା ପୋଲିସ ପ୍ରଶାସନର ଦାୟିତ୍ୱ । ତେଣୁ, ଏହି ସମୟରେ ସମସ୍ତେ ଯେପରି ସୁରୁଖୁରୁରେ ପର୍ବ ପାଳନ କରିବେ, ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଆଇନ ଓ ଶୃଙ୍ଖଳା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେ, ଭୁବନେଶ୍ୱର-କଟକ ପୋଲିସ କମିଶନର ଦେବଦତ୍ତ ସିଂହ ପ୍ରମୁଖ ଆଲୋଚନା କରିଥିଲେ ।

# ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ଓ ମଣ୍ଡଳ ଚିକିତ୍ସାଳୟରେ ଯକ୍ଷ୍ମାରୋଗ ନିରାକରଣ ସଚେତନତା ଅଭିଯାନ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ମଣ୍ଡଳର ଚିକିତ୍ସା ବିଭାଗ ପକ୍ଷରୁ ଯକ୍ଷ୍ମାରୋଗ ନିରାକରଣ ପାଇଁ ଭାରତ ସରକାରଙ୍କ ୧୦୦ ଦିନିଆ 'ତୀବ୍ର ଅଭିଯାନ'ର ଅଂଶସ୍ୱରୂପ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦେଶର ସାମୁଦାୟିକ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଏବଂ କ୍ ଯକ୍ଷ୍ମାରୋଗ ମୁକ୍ତ ଭାରତ ଗଠନର ପ୍ରତିବଦ୍ଧତା ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଡ଼ି ସୁନୀଲ, ରେଳମଣ୍ଡଳର ଅତରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ପି.କେ.ବେହେରା ଓ ଶୁଭ୍ରଜ୍ୟୋତି ମଣ୍ଡଳ, ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସବିତା ସତପଥୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ, ରେଳ ଚିକିତ୍ସା ଅଧିକାରୀ, ପାରା ମେଡିକାଲ କର୍ମଚାରୀ ଏବଂ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ସଦସ୍ୟ ମାନେ ଉପସ୍ଥିତ ଥିଲେ। ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଡ଼ି ସୁନୀଲ ନିଜ ଅଭିଭାଷଣରେ




ସମସ୍ତ କର୍ମଚାରୀ ଓ ସେବାମୂଳକ ସଦସ୍ୟମାନଙ୍କୁ ଯକ୍ଷ୍ମାରୋଗ ନିରାକରଣ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ, ଯକ୍ଷ୍ମାରୋଗ ମାଇକୋବ୍ୟାକ୍ଟେରିଅମ୍ ଟ୍ୟୁବରକ୍ୟୁଲୋସିସ୍ ନାମକ ଜୀବାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏକ ସଂକ୍ରାମକ ରୋଗ। ୨୦୧୫ ମସିହା ପରଠାରୁ ଦେଶରେ ଟିବି ସଂକ୍ରମଣ ଓ ମୃତ୍ୟୁ ହାର ହ୍ରାସ ପାଇଥିଲେ ହେଁ ସାମାଜିକ ବାସନ୍ଦ ବା ଅପବାଦ, ସଠିକ୍ ସମୟରେ ରୋଗ ଚିହ୍ନଟ ନହେବା ଏବଂ ପୋଷଣର ଅଭାବ ଏବେ ମଧ୍ୟ ଏକ ଆହ୍ୱାନ ହୋଇ ରହିଛି। ଏହି ଅଭିଯାନ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ସ୍କାଉଟ୍ସ ଏଣ୍ଡ ଗାଇଡ୍ସ ପକ୍ଷରୁ ରେଳ ଷ୍ଟେସନ ଏବଂ ରେଳ ଚିକିତ୍ସାଳୟର ଓପିଡି ପରିସରରେ ଏକ 'ନୁକୁଡ଼ ନାଟକ' ପ୍ରଦର୍ଶନ କରାଯାଇଥିଲା। ଏହି ନାଟକ ମାଧ୍ୟମରେ ଯାତ୍ରୀ ଓ କର୍ମଚାରୀମାନଙ୍କୁ ଟିବିର ଲକ୍ଷଣ, ସଠିକ୍ ସମୟରେ ଚିକିତ୍ସା ଏବଂ ନିୟମିତ ଫଲୋ-ଅପ୍ ର ଆବଶ୍ୟକତା ବିଷୟରେ ସଚେତନ କରାଯାଇଥିଲା। ଏଥିସହ ଟିବି ପ୍ରତିରୋଧକ ଚିକିତ୍ସା ଓ ଟୀକାକରଣ ଉପରେ ଗୁରୁତ୍ୱ ଦିଆଯିବା ସହ ସଚେତନତା ପୁସ୍ତିକା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ରେଳ ଚିକିତ୍ସା ଅଧିକାରୀ ଓ ପାରା ମେଡିକାଲ କର୍ମଚାରୀମାନଙ୍କ ପାଇଁ ଏକ ସିଏମ୍ଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରସିଦ୍ଧ ଫୁସଫୁସ ରୋଗ ବିଶେଷଜ୍ଞ ଡାକ୍ତର ସୁଭାସିସ ଜାମୁଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମାରୋଗ ର ନୂତନ ଚିକିତ୍ସା ପ୍ରଣାଳୀ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିଥିଲେ

# ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଯୁଗାନ୍ତକାରି ପଦକ୍ଷେପ



**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଅଧିବାସୀଙ୍କ ଦାବି ଓ ରେଙ୍ଗାଲି ପିଏଚସିରେ ରୋଗୀଙ୍କ ସଂଖ୍ୟାକୁ ଆଖିଆଗରେ ରଖି ଆଦିତ୍ୟ ଆଲୁମିନିୟମ,ଲପଙ୍ଗା ପକ୍ଷରୁ ରେଙ୍ଗାଲି ପିଏଚସି କୁ ବିଭିନ୍ନ ସୁବିଧା ଯଥା ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି, ଯାହାଦ୍ୱାରା ଜରୁରୀ କାଳୀନ ପରିସ୍ଥିତିରେ ରୋଗୀକୁ ସମ୍ବଲପୁର ମେଡିକାଲ୍ ଓ ବୁର୍ଲା ମେଡିକାଲ୍ କୁ ମାଗଣାରେ ପହଞ୍ଚି ପାରିବେ । ଏଥିସହିତ ବିଶେଷଜ୍ଞ ଡାକ୍ତର ମଧ୍ୟ ରୋଗୀଙ୍କ ସୁବୋଧ ପାଇଁ ( ଶିଶୁ ରୋଗ, ସ୍ତ୍ରୀ ରୋଗ , ମେଡିସିନ) ଯୋଗାଇଦିଆଯାଇଛି, ମାଗଣା ଏକ୍ସରେର ସୁବିଧା ପାଇଁ ମା' ସମଲେଶ୍ୱରୀ ହସ୍ପିଟାଲ ସହିତ ଯୋଗାଯୋଗ କରାଯାଇ ସୁବିଧା ଯୋଗାଇ ଦିଆଯାଇଛି । ଉକ୍ତ ସୁବିଧା ଦ୍ୱାର ରେଙ୍ଗାଲି ବ୍ଲକର ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଉଦଘାଟନୀ ସମୟରେ ରେଙ୍ଗାଲି ବ୍ଲକ ର ପୂର୍ବତନ ବିଧାୟକ ଦୁର୍ଯୋଧନ ଗଡତିଆ, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲାପରିଷଦ ଦେଓ ନାରାୟଣ ତିୱାରୀ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ,ରେଙ୍ଗାଲି ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ପାଣି ରହିଥିଲେ, କତରବଗା ସରପଞ୍ଚ ନୀଳାମ୍ବର ରୋହିଦାସ, ନିଶାନଭଙ୍ଗା ସରପଞ୍ଚ ସରୋଜ ମେହେର, ବୋମାଲୋଇର ପୂର୍ବତନ ସରପଞ୍ଚ ଶେଷ ଦେବ ପଧାନ, ଜଙ୍ଗଲାର ପୂର୍ବତନ ସରପଞ୍ଚ ମୁରାରି ବିଶ୍ୱାଳ ଉପସ୍ଥିତି ରହିଥିଲେ ଏଥିସହିତ ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ ସିଡ଼ିଏମୋ, ସମ୍ବଲପୁର ପ୍ରଦୀପ ହୋତା, ବିଡିଓ, ରେଙ୍ଗାଲି, ପ୍ରିତମ ତନ୍ତୀ, ତହସିଲଦାର ତକ୍ଷ ରାଜ ଭିତ୍ରିଆ, ଆରଟିଓ ସମ୍ବଲପୁର, ରାମଦାସ ଟୁଡୁ, ସୁପରିଟେଣ୍ଟ ଲଇଡା ସିଏଚସି ଡକ୍ଟର ଆସି ରଞ୍ଜନ ମାଝୀ, ପିଏଚସି ରେଙ୍ଗାଲି ର ଅଧିକାରୀ ଡ଼ାକ୍ତର ଶୁଭମ୍ ସିଂ ଉପସ୍ଥିତ ରହିଥିଲେ। ଆଦିତ୍ୟ ଆଲୁମିନିୟମ ଅଧିକାରୀ କ୍ଲଷ୍ଟର ମାନବସମ୍ବଳ ମୁଖ୍ୟ ଡକ୍ଟର କ୍ରିଷ୍ଣା ପାଢ଼ୀ, ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ଉପସ୍ଥିତ ରହିଥିଲେ।। ଉକ୍ତ କାର୍ଯ୍ୟଟି ସିଏସଆର ମୁଖ୍ୟ ରବି ନିୱାସଙ୍କ ତତ୍ତ୍ୱାବଧାନରେ ସଂପୂର୍ଣ୍ଣ ହୋଇଥିଲା ଏବଂ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଆଦିତ୍ୟ ଆଲୁମିନିୟମର ଏଭଳି ମହତ୍ତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଧିବାସୀମାନେ ପ୍ରଶଂସା କରିଥିଲେ।

# ସୁପ୍ରିମକୋର୍ଟଙ୍କ ଇଚ୍ଛାମୃତ୍ୟୁର ଅନୁମତି ପରେ ଆଖିବୁଜିଲେ ହରିଶ ରାଣା

**ନୂଆଦିଲ୍ଲୀ, ୨୪/୦୩**

୧୩ ବର୍ଷ ଯାଏ କୋମାରେ ରହିବା ପରେ ଶେଷରେ ହରିଶ ରାଣାଙ୍କୁ କଷ୍ଟରୁ ମିଳିଛି ମୁକ୍ତି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ମିଳିଥିବା ଇଚ୍ଛାମୃତ୍ୟୁର ଅନୁମତି ପରେ ଏମ୍ସରେ ହରିଶ ରାଣା ମଙ୍ଗଳବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହରିଶ ୧୪ ମାର୍ଚ୍ଚରୁ ଏମ୍ସର ଆଇଆରସିଏ ପାଲିଏଟିଭ୍ କେୟାର ୱାର୍ଡରେ ଭର୍ତ୍ତି ହୋଇଥିଲେ। ଏହା ଦେଶରେ ପ୍ରଥମ ଇଚ୍ଛାମୃତ୍ୟୁ ଘଟଣା । ମାତା ପିତାଙ୍କ ପକ୍ଷରୁ ଅନୁରୋଧ କରାଯିବା ପରେ ୧୧ ମାର୍ଚ୍ଚରେ ସୁପ୍ରିମକୋର୍ଟ ଡାକ୍ତରଙ୍କ ଅନୁଧ୍ୟାନରେ ହରିଶ ରାଣାଙ୍କ ପାଇଁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ଅନୁମତି ଦେଇଥିଲେ। ଏହାପରେ ଏମ୍ସ ଡାକ୍ତରମାନଙ୍କର ଏକ କମିଟି ଗଠନ ହୋଇଥିଲା। ଏଠାରେ ଧିରେ ଧିରେ ହରିଶଙ୍କରଙ୍କ ଭୋଜନ ଓ ପାଣି ବନ୍ଦ କରିଦିଆଗଲା। ହରିଶ ରାଣା ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବିଟେକର ଛାତ୍ର ଥିଲେ। ସେ ୨୦୧୩ରେ ୪ର୍ଥ ମହଲାର ବାଲକୋନିରୁ ଖସି ପଡ଼ି ଥିଲେ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହାପରେ ସେ କୋମାକୁ ଚାଲି ଯାଇଥିଲେ। ପରିବାର ଓ ଡାକ୍ତରଙ୍କ ପକ୍ଷରୁ ଯଥା ସମ୍ଭବ ଚେଷ୍ଟା କରାଯାଇଥିଲା। ତାଙ୍କୁ ଖାଦ୍ୟନଳୀ ସାହାଯ୍ୟରେ ଭୋଜନ ଦିଆଯାଉଥିଲା। କେବେ କେବେ ଅକ୍ସିଜେନ ସହାୟତା ଦିଆଯାଉଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BBS-552, ତା.17.03.2026ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹ 44,32,998.78, **EMD :** ₹ 88,700/-

ବିଡ୍ ଆରମ୍ଭ ହେବା ତାରିଖ : ତା.25.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-1261/Q/25-26


# ଏସ୍‌ସିବି ମେଡିକାଲ ପୋଡ଼ି ଘଟଣାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ : ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏସସିବି ମେଡିକାଲ ପୋଡ଼ି ଘଟଣାରେ ରାଜ୍ୟ ରାଜନୀତିରେ ହଇଚଇ । ମଙ୍ଗଳବାର ଦିନ ପୁଣି ଥରେ ସରକାରୀ ଦଳକୁ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେ କହିଛନ୍ତି ଯେ, ଏସ୍‌ସିବି ମେଡିକାଲ ପୋଡ଼ି ଘଟଣାକୁ ନେଇ ୯ ଦିନ ବିତିସାରିଲାଣି । ତଥାପି କୌଣସି ବି କେନ୍ଦ୍ର ମନ୍ତ୍ରୀ ମେଡିକାଲ ପରିଦର୍ଶନ କରିନାହାନ୍ତି । କିନ୍ତୁ ଯେତେବେଳେ ଗୋଟିଏ ଘରୋଇ ହସ୍ପିଟାଲରେ ନିଆଁ ଲାଗିଥିଲା ସେତେବେଳେ ଅନେକ କେନ୍ଦ୍ର ମନ୍ତ୍ରୀ ଆସିଥିଲେ । ଏବେ କାହିଁକି ଆସୁନାହାନ୍ତି । ଯାହା ପୁରା ଆଶ୍ଚର୍ଯ୍ୟଜନକ । ମୁଁ ଆଉ ଥରେ କହୁଛି ଯେ, ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦିଅନ୍ତୁ । ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବ। ବିଜେଡି ଜୋରଦାର ପ୍ରତିବାଦ କରିବ। ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖ ଦିନ କଟକ ଏସସିବି ମେଡିକାଲରେ ନିଆଁ ଲାଗିଥିଲା । ଯେଉଁଥିରେ ପ୍ରାଥମିକ ପର୍ଯ୍ୟାୟରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପରେ ଆଉ ୨ ଜଣଙ୍କର ମୃତ୍ୟୁ ହୋଇଥିଲା । ଘଟଣାରେ ମୁଖ୍ୟମନ୍ତ୍ରୀ ଶୋକ ଜାହିର କରିବା ସହ କ୍ଷତିପୂରଣ ଘୋଷଣା କରିଥିଲେ । ଏହାସହିତ ଆହତଙ୍କୁ ଉତ୍ତମ ଚିକିତ୍ସା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ରାଜ୍ୟପାଳ ମଧ୍ୟ ଘଟଣାରେ ଶୋକ ଜାହିର କରିଥିଲେ । କିନ୍ତୁ ଏପଟେ ରାଜ୍ୟ ରାଜନୀତିରେ ଚାଲିଥିଲା ଆରୋପ ଏବଂ ପ୍ରତ୍ୟୋରପର ଲଢେଇ । ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛନ୍ତି ବିରୋଧୀ । ପ୍ରତି ଦିନ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ର ବିରୋଧୀ ଏହି ପ୍ରସଙ୍ଗ ନେଇ ହୋହାଲ୍ଲା କରୁଛନ୍ତି । ଯାହାଫଳରେ ଗତ ୧୭ ତାରିଖରୁ ବିଧାନସଭା ଠିକ୍ ଭାବେ ଚାଲିପାରୁନି ।

ଭୁବନେଶ୍ୱର,
୨୫ମାର୍ଚ୍ଚ, ବୁଧବାର,
୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ସରସ୍ୱତୀ ବେଶରେ ଦର୍ଶନ ଦେଲେ ତାରାତାରିଣୀ : ଲକ୍ଷାଧିକ ଭକ୍ତଙ୍କ ସମାଗମ



**ପୁରୁଷୋତ୍ତମପୁର,୨୪।୩ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ତୃତୀୟ ଚୈତ୍ର ମଙ୍ଗଳବାର ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଗହଳିରେ ସମଗ୍ର ରତ୍ନଗିରି ପାହାଡ ପ୍ରକମ୍ପିତ ହୋଇ ଉଠିଥିଲା। ମା'ଙ୍କୁ ଦର୍ଶନ କରିବା ନିମନ୍ତେ ମଧ୍ୟରାତ୍ରରୁ ପୀଠରେ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ମା' ତାରାତାରିଣୀ ଦୁଇ ଭଉଣୀ ମହାସରସ୍ୱତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାତ୍ର ୧.୩୦ରେ ମନ୍ଦିର ଦ୍ୱାର ଫିଟା ହୋଇ ମାଜଣା, ମଙ୍ଗଳ ଆଳତି, ସିଙ୍ଗାର, ଅବକାଶ ସହ ପଞ୍ଚାମୃତ ଅଭିଷେକ ଆଦି ପରମ୍ପରା ଅନୁସାରେ ସମସ୍ତ ରୀତିନୀତି ପୂଜାର୍ଚ୍ଚନା କରାଯାଇ ତାରାତାରିଣୀ ଦୁଇ ଭଉଣୀଙ୍କୁ ସେବାୟତମାନେ ମହାସରସ୍ୱତୀ ବେଶରେ ସଜ୍ଜିତ କରାଇବା ପରେ ଭୋର ୪.୩୦ରେ ସାହାଣମେଲା ହୋଇଥିଲା। ଏହାପରେ ସରସ୍ୱତୀ ବେଶରେ ଦର୍ଶନ ଦେଇଥିଲେ ଦୁଇ ଭଉଣୀ। ରାତ୍ର ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ବହୁ ଦୂରଦୂରାନ୍ତରୁ ଭକ୍ତମାନେ ମା'ଙ୍କୁ ଦର୍ଶନ ଲାଗି ଛୁଟିଆସିଥିବା ବେଳେ ମାନସିକଧାରୀମାନେ ନିଜ ନିଜ ସନ୍ତାନଙ୍କୁ ମୁଣ୍ଡନ କରାଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ସ୍ୱତନ୍ତ୍ର ବସ, ରୋପୱେ ଓ ୯୯୯ ପାହାଚ ଚଢି ଭକ୍ତମାନେ ପାହାଡ ଉପରକୁ ଯାଇ ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବାରେ ଲାଗିପଡିଥିଲେ। ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ ମା'ଙ୍କ ଦର୍ଶନ କରିବା ସହ ଯାତ୍ରାର ତଦାରଖକରିଥିବା ବେଳେ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦକୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଂଗିତା ସେଠୀ, ଏସଡିପିଓ ସୁଜିତକୁମାର ନାୟକ, ଆଇଆଇସି କୁଳମଣି ସେଠୀ ଉପସ୍ଥିତ ରହି ପରିଚାଳନା କରିବାରେ ଲାଗିଥିବା ବେଳେ ତହସିଲ କର୍ମଚାରୀ, ପୋଲିସ ଫୋର୍ସ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ମା' ମଙ୍ଗଳାଙ୍କ ଚୈତ୍ରମାସ ତୃତୀୟ ମଙ୍ଗଳବାର : ପାଳିଯାତ୍ରା ଆରମ୍ଭ



**କାକଟପୁର, ୨୪/୦୩ ନ୍ୟୁଜ ବ୍ୟୁରୋ**

କାକଟପୁର ବାସିନୀ ମା'ମଙ୍ଗଳାଙ୍କ ଚୈତ୍ରମାସ ତୃତୀୟ ମଙ୍ଗଳବାର ପାଳିଯାତ୍ରା ସହିତ ଆଜିଠାରୁ ଆରମ୍ଭ ହେଉଛି ବାସନ୍ତିକ ଦୁର୍ଗା ପୂଜା। ମଙ୍ଗଳବାର ମାଆ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଏଥିପାଇଁ ମଙ୍ଗଳା ମନ୍ଦିରରେ ମା'ମଙ୍ଗଳାଙ୍କ ନୀତିକାନ୍ତିରେ ପରିବର୍ତ୍ତନ କରାଯାଇଥିଲା। ଏହି ନୀତି ପରିବର୍ତ୍ତନରେ ମା'ମଙ୍ଗଳାଙ୍କ ପ୍ରସିଦ୍ଧ ଘଣ୍ଟପାଟୁଆ ନୃତ୍ୟ ଦିନ ଗୋଟାଏ ସମୟରେ ଅୟୋଜିତ ହେବା ପରିବର୍ତ୍ତେ ଏହି ନୃତ୍ୟ ରାତ୍ରି ୯ ଘଟିକା ସମୟରେ ଅୟୋଜିତ ହୋଇଥିଲା। ସେହିଭଳି ଭାବରେ ପ୍ରଥା ଅନୁଯାଇ ତୃତୀୟ ପାଳି ମଙ୍ଗଳବାର ରାତ୍ରି ୧୨ ଘଟିକା ସମୟରେ କାଳିକା ନୃତ୍ୟ ପରିବର୍ତ୍ତେ ରାତ୍ରି ୨ ଘଟିକା ସମୟରେ କାଳିକା ନୃତ୍ୟ ଅୟୋଜିତ ହୋଇଥିଲା।

# ଓଡ଼ିଶା ଓ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪/୦୩
ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନ ଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ ହୋଇଯାଇଛି ଏବଂ ଏହି ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ ହୋଇଛି। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରୀୟ ସ୍ତରରେ ମଙ୍ଗଳବାର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯକ୍ଷ୍ମା ମୁକ୍ତ ଭାରତ: ଶହେ ଦିନିଆ ଅଭିଯାନ-୨.୦ର ଶୁଭାରମ୍ଭ କରିଛନ୍ତି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନ ଠାରେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର'ର ସ୍ୱୀକୃତି ପ୍ରିୟଦର୍ଶିନୀ ବେହେରାଙ୍କୁ ଫୁଡ୍ ବାସ୍କେଟ୍ ପ୍ରଦାନ କରି ରାଜ୍ୟସ୍ତରୀୟ କ୍ୟାମ୍ପେନର ଶୁଭାରମ୍ଭ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି, ଆଗାମୀ ଶହେ ଦିନକୁ ଦୃଷ୍ଟିରେ ରଖି ଏଥିପାଇଁ ବେଷ୍ଟ ଷ୍ଟ୍ରାଟେଜି ପ୍ରସ୍ତୁତ କରାଯାଇଛି । ଆମେ କେବଳ ସ୍ଲୋଗାନ୍‌ରେ ସୀମିତ ରଖିନାହୁଁ, ଏଥିପାଇଁ ସମସ୍ତ ବ୍ୟବସ୍ଥା କରିଛୁ ବୋଲି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ କହିଥିଲେ। ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନ ଭାଗୀଦାରି ଆବଶ୍ୟକ । ଏହାଦ୍ୱାରା ଯକ୍ଷ୍ମାମୁକ୍ତ ଅଭିଯାନ ଶତ ପ୍ରତିଶତ ସଫଳତା ହାସଲ କରିବ ଏବଂ ଓଡ଼ିଶା ଓ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ ହେବ । ରାଜ୍ୟର ସମସ୍ତ ଲୋକପ୍ରତିନିଧିଙ୍କୁ ନିଜ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏହି ରୋଗ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଭିଲ୍ ସୋସାଇଟି ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହି ଅଭିଯାନରେ ସାମିଲ ହେବା ପାଇଁ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯକ୍ଷ୍ମା ରୋଗ ବିରୋଧରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମାଂଚଳ ଓ ଅପହଂଚ ଅଂଚଳ ମାନଙ୍କରେ ଏହି ରୋଗ ବିରୁଦ୍ଧରେ ଅଭିଯାନକୁ ବିଶେଷ ରୂପେ ଧ୍ୟାନ ରଖାଯିବ ବୋଲି କହିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍. ସ୍ୱାଗତ ଭାଷଣ ଦେଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଯୋଡ଼ି ହୋଇ ଏହି ଦିବସକୁ ପାଳନ କରିଥିଲେ।

# କିଟ୍‌ରେ ଆଭୋଏଡେବଲ୍ ଡେଥ୍‌ସ ନେଟୱାର୍କର ଭାରତ ଚାପ୍ଟର ଶୁଭାରମ୍ଭ



**ଭୁବନେଶ୍ୱର, ୨୪ ।୩
ନ୍ୟୁଜ ବ୍ୟୁରୋ**

କିଟ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ (କେଏସପିଏଚ)ରେ ଆଭୋଏଡେବଲ୍ ଡେଥ୍‌ସ ନେଟୱାର୍କ (ଏଡିଏନ)ର ଇଣ୍ଡିଆ କଣ୍ଟ୍ରି ଚାପ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏହା ଏକ ବିଶ୍ୱସ୍ତରୀୟ ପଦକ୍ଷେପ ହୋଇଥିବା ବେଳେ ଏହା ଗବେଷଣା, ନୀତିଗତ ଆଲୋଚନା ଓ ଜୀବନହାନି ରୋକିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଲକ୍ଷ୍ୟ ରଖାଯାଇଛି। କେଏସପିଏଚର ପ୍ରଫେସର ପ୍ରତାପ କୁମାର ଜେନା ଓ କେଏସପିଏଚର ନିର୍ଦ୍ଦେଶକ ଡ. ରମ୍ୟା ପିନ୍ନାମାନେନି ଏହାର ନେତୃତ୍ୱ ନେଉଛନ୍ତି। ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ଜାତିସଂଘ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ଶିକ୍ଷାଗତ ନେତା, ସଂପ୍ରଦାୟ ଅଂଶୀଦାର ଏବଂ ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ, ଜଳବାୟୁ ବିପଦ, ସ୍ୱାସ୍ଥ୍ୟ ଅବହେଳା ଓ ସାମାଜିକ ଦୁର୍ବଳତାରୁ ଉପୁଜିଥିବା ଆଭୋଏଡେବଲ୍ ମୃତ୍ୟୁର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

ଡ ପିନ୍ନାମାନେନି ସ୍ୱାଗତ ଭାଷଣ ଦେଇ ଏଡ଼ାଯାଇପାରୁଥିବା ମୃତ୍ୟୁକୁ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ବିପର୍ଯ୍ୟୟ ଓ ସଙ୍କଟ ସହିତ ଜଡିତ ଅନେକ ମୃତ୍ୟୁ କେବଳ ଘଟଣା ସମୟରେ ନୁହେଁ ବରଂ ସ୍ୱାସ୍ଥ୍ୟସେବାରେ ବିଳମ୍ବ ଓ ସାଂରଚନିକ ଦୁର୍ବଳତା ଯୋଗୁଁ ମଧ୍ୟ ଘଟିଥାଏ । କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର କେ.ଡି. ରାଜୁ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ ଏଦିଗରେ ବିଶ୍ୱସ୍ତରୀୟ ସହଯୋଗକୁ ଆଗକୁ ବଢାଇବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

ଏଡିଏନର ପ୍ରତିଷ୍ଠାତା ସଭାପତି ଏବଂ ସଂଯୋଜକ ତଥା ୟୁକେ ଲିସେଷ୍ଟର ବିଶ୍ୱବିଦ୍ୟାଳୟର ପ୍ରଫେସର ନିବେଦିତା ରେ-ବେନେଟ୍, ଜାପାନ କାନସାଇ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ହିଡେୟୁକି ଶିରୋଶିତା ଆଭୋଏଡେବଲ୍ ଡେଥ୍ସ ନେଟୱାର୍କର ବିଶ୍ୱ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ଭାରତରେ ଏଭଏଡେବଲ୍ ଡେଥ୍‌ସ ଅନ୍ୱେଷଣ' ଉପରେ ଆୟୋଜିତ ପ୍ୟାନେଲ୍ ଆଲୋଚନାରେ ବିଶେଷଜ୍ଞମାନେ ଆଭୋଏଡେବଲ୍ ଡେଥ୍‌ସ ଉପରେ ସେମାନଙ୍କ ମତାମତ ରଖିଥିଲେ।

# ରେଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶାର ସାଂସଦଙ୍କ ଟିମ୍ : ଆରଇସିଏକୁ ଜମି ଯୋଗାଇ ଦେବାକୁ ଅନୁରୋଧ



**ଭୁବନେଶ୍ୱର ୨୪।୦୩
ନ୍ୟୁଜ ବ୍ୟୁରୋ**

ରେଳ ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶାର ସାଂସଦଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି । ଖଡ଼ଗପୁର ସ୍ଥିତ 'ରେଲୱେ ଏମ୍ପ୍ଲୋଇ କଲଚରାଲ ଆସୋସିଏସନ' (ଆରଇସିଏ)ର ଦୀର୍ଘ ଦିନରୁ ପଡ଼ି ରହିଥିବା ଜମି ଆବଣ୍ଟନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖଡ଼ଗପୁରର ନ୍ୟୁ ସେଟେଲମେଣ୍ଟ ଅଞ୍ଚଳରେ ଥିବା ପ୍ରାୟ ୫୯୧୫ ବର୍ଗ ମିଟର ପରିମିତ ରେଳ ଜମିକୁ 'ରେଲୱେ ଏମ୍ପ୍ଲୋଇଜ୍ କଲଚରାଲ ଆସୋସିଏସନ' ନାମରେ ନିୟମିତ କରିବା ପାଇଁ ସାଂସଦମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗ ପ୍ରାୟ ତିନି ଦଶନ୍ଧିରୁ ଅଧିକ ପୁରୁଣା। ୧୯୯୯ ମସିହା ମାର୍ଚ୍ଚ ୮ରେ ଓଡ଼ିଶାର ତତ୍କାଳୀନ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ପତ୍ର ଲେଖିଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପିତା ତଥା ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ୧୯୯୯ ମାର୍ଚ୍ଚ ୧୫ରେ ମଧ ଏହି ଜମି ଆବଣ୍ଟନ ପାଇଁ ସେ ସମୟରେ କେନ୍ଦ୍ର ରେଳ ରାଷ୍ଟ୍ର ମନ୍ତ୍ରୀ ରାମ ନାଏକଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶାର ସାଂସଦମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୧୯୮୯ ମସିହାରୁ ଏହି ଆସୋସିଏସନ ଖଡ଼ଗପୁର ଭଳି ଏକ ବହୁଭାଷୀ ରେଳ ସହରରେ କର୍ମଚାରୀଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ସାମାଜିକ କଲ୍ୟାଣ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ମାଧ୍ୟମରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ରେଳ ବିଭାଗର ଆଭ୍ୟନ୍ତରୀଣ ରିପୋର୍ଟ ଅନୁଯାୟୀ, ଆସୋସିଏସନ ଦୀର୍ଘ ଦିନରୁ ଏହି ଜମି ବ୍ୟବହାର କରୁଛି ଏବଂ ସେଠାରେ ସ୍କୁଲ, ମନ୍ଦିର ଓ ଅନ୍ୟାନ୍ୟ ଜନହିତକର ଭିତ୍ତିଭୂମି ରହିଛି । ଦକ୍ଷିଣ ପୂର୍ବ ରେଳବାଇର ଡିଭିଜନାଲ ରେଲୱେ ମ୍ୟାନେଜର (ଡ଼ିଆରଏମ/କେଜିପି) ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପୂର୍ବରୁ ଏହି ଜମି ନିୟମିତକରଣ ପାଇଁ ସୁପାରିଶ କରିସାରିଛନ୍ତି। ତେବେ ଜମି ଆବଣ୍ଟନ ନହେବା ତଥା ଏଥିରେ ଅହେତୁକ ବିଳମ୍ବ କାରଣରୁ ସଂଘର ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେଣୁ, ଏହାକୁ ଏକ 'ସ୍ୱତନ୍ତ୍ର ମାମଲା' ଭାବେ ବିଚାର କରି ରେଳ କର୍ମଚାରୀ ଓ ସାଧାରଣ ଜନତାଙ୍କ ସୁବିଧା ପାଇଁ ଏହି ଜମିକୁ ତୁରନ୍ତ ଆବଣ୍ଟନ କରିବାକୁ ଓଡ଼ିଶାର ସାଂସଦମାନେ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆରଇସିଏ କେବଳ ଧାର୍ମିକ କାର୍ଯ୍ୟରେ ସୀମିତ ନରହି ଜାତୀୟ ସଂହତି ଏବଂ ସାମାଜିକ ସଦଭାବନା ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଛି । ଏହାର ସ୍ଥାୟୀ ସମାଧାନ ହେଲେ ଖଡ଼ଗପୁରରେ ରହୁଥିବା ବିଭିନ୍ନ ପ୍ରାନ୍ତର ରେଳ କର୍ମଚାରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପ୍ରକାଶ ଥାଉକି, ଓଡ଼ିଶାର ସାଂସଦମାନେ ଏ ସମ୍ପର୍କିତ ସମସ୍ତ ତଥ୍ୟ ଚିଠି ସହ ମଧ ସଲଗ୍ନ କରିଛନ୍ତି।

**ଶ୍ରୀମନ୍ଦିର
ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୪/୦୩/୨୦୨୬
୫,୪୩,୧୪୩୪/- ଟଙ୍କା
ସୁନା:-ଶୂନ୍ୟ
ରୂପା:-ଶୂନ୍ୟ

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ସେନାବାହିନୀରେ ମହିଳାଙ୍କୁ ମିଳିବ ସ୍ଥାୟୀ କମିଶନ ଓ ପେନସନ୍ ସୁବିଧା

**ନୂଆଦିଲ୍ଲୀ, ୨୪।୨**

ଭାରତୀୟ ସେନାବାହିନୀରେ ଲିଙ୍ଗଗତ ସମାନତା ଏବଂ ମହିଳା ଅଧିକାରୀଙ୍କ ଭୂମିକାକୁ ନେଇ ସୁପ୍ରିମକୋର୍ଟ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଶୁଣାଇଛନ୍ତି । ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ସେନାବାହିନୀ କେବଳ ପୁରୁଷଙ୍କ ଏକାଧିକାର ନୁହେଁ । ଯେଉଁ ମହିଳା ଅଧିକାରୀମାନଙ୍କୁ ଭୁଲ୍ ମୂଲ୍ୟାଙ୍କନ ଯୋଗୁଁ ସ୍ଥାୟୀ କମିଶନ ମିଳିପାରି ନଥିଲା, ସେମାନେ ଏବେ ସମ୍ପୂର୍ଣ୍ଣ ପେନସନ୍ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଚିଫ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ୨୦ ବର୍ଷର ସେବା ମାନ୍ୟତାରେ ଯେଉଁ ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିଶନ ମିଳିବା ପୂର୍ବରୁ ସେବାରୁ ମୁକ୍ତ କରାଯାଇଥିଲା, ସେମାନଙ୍କୁ ପେନସନ୍ ପାଇଁ ଅତିକମରେ ୨୦ ବର୍ଷର ସେବା ସମ୍ପୂର୍ଣ୍ଣ କରିଥିବା ଧରାଯିବ ।

ଏସିଆର୍ ଗ୍ରେଡିଂରେ ଅବହେଳାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଚିନ୍ତା ପ୍ରକଟ କରି କହିଛନ୍ତି ଯେ, ମହିଳା ଅଧିକାରୀଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆର୍) ପ୍ରସ୍ତୁତିରେ ଅବହେଳା କରାଯାଉଥିଲା । 'ସେମାନେ କ୍ୟାରିୟରରେ ଆଗକୁ ବଢ଼ିବେନି' - ଏହି ପୂର୍ବଧାରଣା ରଖି ସେମାନଙ୍କୁ ଭୁଲ୍ ଗ୍ରେଡ୍ ଦିଆଯାଉଥିଲା, ଯାହା ସେମାନଙ୍କ ଯୋଗ୍ୟତା ପ୍ରତି ଅନ୍ୟାୟ । ଯେଉଁମାନେ କୋର୍ଟରେ ଲଢ଼େଇ କରୁ କରୁ ସେବା ସମୟ ହରାଇଛନ୍ତି, ସେମାନଙ୍କୁ ଆର୍ଥିକ ଲାଭ ଓ ପେନସନ୍ ମିଳିବ। ତେବେ ଏହି ଆଦେଶ ଜେଏଜି ଏବଂ ଏଇସି କ୍ୟାଡର ଉପରେ ଲାଗୁ ହେବ ନାହିଁ ।

ସାଧାରଣତଃ ସେନାବାହିନୀରେ ଦୁଇ ପ୍ରକାରର ନିଯୁକ୍ତି ବ୍ୟବସ୍ଥା ରହିଥାଏ: ଭାରତୀୟ ସେନାରେ ମହିଳାମାନଙ୍କୁ ଦୀର୍ଘ ଦିନ ଧରି କେବଳ ଏସ୍ଏସ୍‌ସି ଅଧୀନରେ ରଖାଯାଉଥିଲା। ଏହାର ଅବଧି ପ୍ରାୟ ୧୦ରୁ ୧୪ ବର୍ଷ ହୋଇଥାଏ। ଏହା ପରେ ସେବା ଜାରି ରଖିବା କିମ୍ବା ପେନସନ୍ ପାଇବା ସୁବିଧା ସୀମିତ ଥିଲା। ଅନ୍ୟପଟେ ପୁରୁଷ ଅଧିକାରୀମାନେ ପିସି ମାଧ୍ୟମରେ ଅବସର ନେବା ପର୍ଯ୍ୟନ୍ତ ସେବା କରିପାରୁଥିଲେ। ମହିଳାମାନେ ସମାନ ଯୋଗ୍ୟତା ରଖିଥିଲେ ମଧ ସେମାନଙ୍କୁ ପିସି ଦିଆଯାଉ ନଥିଲା, ଯାହାକୁ ନେଇ ଏହି ଆଇନଗତ ଲଢ଼େଇ ଚାଲିଥିଲା । ସେନାବାହିନୀରେ ମହିଳାଙ୍କ ଅଂଶଗ୍ରହଣ ଆହୁରି ବୃଦ୍ଧି ପାଇବ । ଭବିଷ୍ୟତରେ ମହିଳା ଅଧିକାରୀମାନଙ୍କ ପାଇଁ 'କମାଣ୍ଡ ରୋଲ୍' ବା ନେତୃତ୍ୱ ନେବାର ରାସ୍ତା ସହଜ ହେବ । ପଦୋନ୍ନତି ଏବଂ ନିଯୁକ୍ତି ପ୍ରକ୍ରିୟାରେ ବଡ଼ ଧରଣର ସାଂଗଠନିକ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଶ୍ରୀମନ୍ଦିର ଚାରିପାଖରେ ଲୁଚିଛି ମୂଲ୍ୟବାନ ଧାତୁ

## ଏମାର ମଠ ପାର୍ଶ୍ୱ ଅଞ୍ଚଳରେ ସର୍ବାଧିକ ଭଗ୍ନାବଶେଷ



**ପୁରୀ, ୨୪/୦୩ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଲୁଚିରହିଛି ଅନେକ ମୂଲ୍ୟବାନ ଧାତୁ । ମାଟି ତଳେ ଦବି ଯାଇଛି ଅନେକ କୀର୍ତ୍ତିରାଜି। ଦେଢ଼ଶହରୁ ଊର୍ଦ୍ଧ୍ୱ ପୁରାତନ ଭଗ୍ନାବଶେଷ ଶ୍ରୀମନ୍ଦିରର ୭୫ ମିଟର ପରିସୀମା ମଧ୍ୟରେ ରହିଛି । ସର୍ବାଧିକ ଭଗ୍ନାବଶେଷ ଓ ଧାତୁ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଦକ୍ଷିଣଦ୍ୱାର ମଧ୍ୟରେ ରହିଛି । ଏହାସହ ଲୁଚିଯାଇଛି ଅନେକ ପୁରାତନ ସୁଡ଼ଙ୍ଗ, କୋଠରୀ, ଜଳ ନିଷ୍କାସନ ପଥ, ପ୍ରାଚୀନ ମୂର୍ତ୍ତି ଓ ଅନେକ କୀର୍ତ୍ତି । ୪ ବର୍ଷ ତଳେ ଆଇଆଇଟି ଗାନ୍ଧିନଗର ପକ୍ଷରୁ ହୋଇଥିବା ସର୍ଭେରେ ଏସବୁ ଜଣାପଡ଼ିଥିଲା। ହେଲେ ସେ ସମୟରେ ଚପେଇ ଦେଇଥିଲେ ଏହି ରିପୋର୍ଟ । ଯାହା ସହିତ ଦବିଯାଇଛି ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରକୁ ନେଇ ଅନେକ ଅକୁହା ଐତିହ୍ୟ ।

ଆଇଆଇଟି ଗାନ୍ଧିନଗର ପକ୍ଷରୁ ଶ୍ରୀମନ୍ଦିର ଆଖପାଖ ଅଞ୍ଚଳକୁ ୯ ଭାଗ କରି ଜିପିଆର୍ (ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର) ସର୍ଭେ କରାଯାଇଥିଲା । ସେଥିମଧ୍ୟରୁ ଏମାର ପାଠ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ତଳୁ ସର୍ବାଧିକ ୪୩ଟି ଐତିହାସିକ ଭଗ୍ନାବଶେଷ ମିଳିଛି। ଏହା ସବୁ ଭୂମିର ୦.୬ ମିଟରଠାରୁ ଆରମ୍ଭ କରି ୪.୮ ମିଟର ମଧ୍ୟରେ ରହିଛି । ୦.୮ ମିଟରର ୧.୬ ମିଟର ମଧ୍ୟରେ କିଛି ଧାତୁ ଜାତୀୟ ସାମଗ୍ରୀ ଥିବା ମଧ ଜିପିଆର୍ ରିପୋର୍ଟରୁ ଜଣାପଡ଼ିଛି । ଯାହା କୌଣସି ମୂଲ୍ୟବାନ ଅଳଙ୍କାର ହୋଇଥାଏପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି । କେବଳ ସେତିକି ନୁହେଁ ବୁଢ଼ିମା ମନ୍ଦିର ନିକଟବର୍ତ୍ତୀ ସ୍ଥାନ ଯାହା ଏବେ ପାର୍କିଂ ନିମନ୍ତେ ବ୍ୟବହୃତ ହେଉଛି ସେଠାରୁ ମାଟି ତଳେ ୯.୬ ମିଟର ଲମ୍ବ ଓ ୮.୪ ମିଟର ଚଉଡ଼ାର ଏକ ଚାରିକୋଣିଆ ଧ୍ୱଂସାବଶେଷ ଠାବ ହୋଇଛି ।

ଏହା କ'ଣ ସ୍ପଷ୍ଟ ହୋଇପାରିନାହିଁ। ଏହାସହ ଶ୍ରୀମନ୍ଦିର ସିଂହଦ୍ୱାର ଭୂମି ତଳେ ମଧ ୩୭ ଭଗ୍ନାବଶେଷ ରହିଛି। ଏଠାରେ ୦.୭ ମିଟରରୁ ୧.୮ ମିଟର ତଳେ ଧାତୁ ସଦୃଶ୍ୟ ସାମଗ୍ରୀ ଠାବ ହୋଇଛି । ଏଠାରେ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ଏକ ସୁଡ଼ଙ୍ଗ ପ୍ରାୟ ଭଗ୍ନାବଶେଷ ଦେଖିବାକୁ ମିଳିଛି, ଯାହା କୌଣସି ପ୍ରାକୃତିକ ଦୁର୍ବିପାକରୁ ଧ୍ୱଂସ ହୋଇଥିବା ସନ୍ଦେହ କରାଯାଉଛି । ସେହିଭଳି ରଥଖଳା ଅଞ୍ଚଳରେ ୧୮ ଭଗ୍ନାବଶେଷ ମିଳିଛି । ଏହି ଅଞ୍ଚଳ ୦.୬ରୁ ୨.୫ ମିଟର ତଳେ ଧାତବ ସାମଗ୍ରୀ ଚିହ୍ନଟ ହୋଇଛି। ଏହାସହ ଏଠାରେ ମାଟି ତଳେ ଖେଳପଡ଼ିଆ ଭଳି ଜାଗା ଚିହ୍ନଟ ହୋଇଛି । ଶ୍ରୀମନ୍ଦିର ଉତ୍ତର-ପୂର୍ବ ଅଞ୍ଚଳରେ ୨୨ ଭଗ୍ନାବଶେଷ ରହିଛି। ଏହି ମାଟି ତଳେ ଏକ ପ୍ରାଚୀର ମଧ ମିଳିଛି । ଏହାସହ ସୁଡ଼ଙ୍ଗ କିମ୍ବା ଜଳ ନିଷ୍କାସନ ପଥ ପ୍ରାୟ ୧୨ଟି ଅବଶେଷ ଚିହ୍ନଟ ହୋଇଛି । ଏଠାରେ ୦.୬ରୁ ୩.୮ ମିଟର ମାଟି ତଳେ ଧାତୁ ପ୍ରାୟ ସାମଗ୍ରୀ ରାଡାରରେ ଚିହ୍ନଟ ହୋଇଛି। ଉତ୍ତର ଦ୍ୱାର ପାର୍ଶ୍ୱ ଅଞ୍ଚଳରେ ୨୦ ଭଗ୍ନାବଶେଷ ମିଳିଛି । ଏଠାରେ ୦.୭ରୁ ୨.୨ ମିଟର ଅଞ୍ଚଳ ମଧ୍ୟରେ ଧାତବ ସାମଗ୍ରୀ ଥାଇପାରେ ବୋଲି ସନ୍ଦେହ କରାଯାଉଛି।

ଉତ୍ତର-ପଶ୍ଚିମ ଅଞ୍ଚଳରେ ୪ ଭଗ୍ନାବଶେଷ ମିଳିଥିବା ବେଳେ ୦.୭ରୁ ୧.୩ ମିଟର ମଧ୍ୟରେ ଧାତବ ସାମଗ୍ରୀ ଥାଇପାରେ ବୋଲି ଜଣାପଡ଼ିଛି। ସେହିଭଳି ପଶ୍ଚିମଦ୍ୱାର ଅଞ୍ଚଳରେ ୩୦ ଭଗ୍ନାବଶେଷ ଚିହ୍ନଟ ହୋଇଛି । ଏଠାରେ ୦.୭ରୁ ୧.୩ ମିଟର ମାଟି ତଳେ ଧାତବ ସାମଗ୍ରୀ ଥାଇପାରେ ବୋଲି ଜିପିଆର୍ ରିପୋର୍ଟ କହିଛି । ସେହିଭଳି ଦକ୍ଷିଣ ପଶ୍ଚିମ ଦ୍ୱାର ଅଞ୍ଚଳରେ ୪ ଭଗ୍ନାବଶେଷ ମିଳିଛି । ଏଠାରେ ୦.୭ରୁ ୧.୩ ମିଟର ଅଞ୍ଚଳ ତଳେ ଧାତବ ସାମଗ୍ରୀ ଥାଇପାରେ ବୋଲି ଜଣାପଡ଼ିଛି। ଦକ୍ଷିଣ ଦ୍ୱାର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ୧୯ ଭଗ୍ନାବଶେଷ ମିଳିଛି । ଏହି ମାଟି ତଳେ ଇଂରାଜୀ ଅକ୍ଷର 'ଟି' ସଦୃଶ୍ୟ ଅବଶେଷ ଦେଖିବାକୁ ମିଳିଛି । ଏହାଛଡ଼ା ଏଠାରେ ମଧ ଚାରିକୋଣିଆ ଭଗ୍ନାବଶେଷ ଦେଖାଯାଇଛି। ଏଠାରେ ୦.୮ ମିଟରରୁ ୧.୬ ମିଟର ତଳେ ଧାତବ ସାମଗ୍ରୀ ଥାଇପାରେ ବୋଲି ଜଣାପଡ଼ିଛି।

ଏହାସହ ସର୍ଭେ ରିପୋର୍ଟରେ ସମୁଦ୍ରଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସୁଡ଼ଙ୍ଗ ଥିବା ମଧ ସନ୍ଦେହ କରାଯାଇଛି । ଐତିହ୍ୟ ବିଶେଷଜ୍ଞ ତଥା ଇନଟାକର ଭୁବନେଶ୍ୱର ଚାପ୍ଟର କନଭେନର୍ ଅନୀଲ ଧୀର କହିଛନ୍ତି, ଏହି ସର୍ଭେ କରିବା ପାଇଁ ଆମେ ଦାବି କରିଥିଲୁ। ହେଲେ ଏହି ରିପୋର୍ଟକୁ ପ୍ରକାଶ ନ କରି ଚାପି ଦିଆଗଲା । ରୋଗ ପରୀକ୍ଷା କରି ରୋଗ ଚିହ୍ନଟ ପରେ ଡାକ୍ତରଙ୍କୁ ରିପୋର୍ଟ ନ ଦେଖାଇବା ସହ ଏହା ସମାନ। ଶ୍ରୀମନ୍ଦିର ଏକ ବାଲିସ୍ତୂପ ଉପରେ ନିର୍ମିତ । ଏହା ଚାରିପାଖେ ଖୋଳାଖୋଳି କରି ଏସବୁ କାଢ଼ିଲେ ମନ୍ଦିର ଉପରେ ବିପଦ ସୃଷ୍ଟି ହୋଇପାରେ । ହେଲେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏସବୁ ଉପରୁ ପରଦା ଉଠାଇବା ପାଇଁ ନିଶ୍ଚିତ ଚେଷ୍ଟା କରାଯାଇ ପାରିଥାନ୍ତା।